www.nirbhaysuchana.com
nirbhaysuchanaepaper.com
www.twitter.com/NirbhaySuchana
www.facebook.com/Nirbhaysuchana

NIRBHAY SUCHANA

ନିର୍ଭୟ ସୂଚନା

RNI No. ODIODI/2015/65606 Postal RegNo.-CK(N)/22/2021-2023


Vol.No.-12, Issue- 63 Friday 06 November, 2026, JAJPUR , Page-8, Rs. 5/- | ବର୍ଷ-୧୨, ସଂଖ୍ୟା-୬୩ ଶୁକ୍ରବାର, ୦୬ ନଭେମ୍ବର, ୨୦୨୬, ଯାଜପୁର, ପୃଷ୍ଠା-୮, ମୂଲ୍ୟ-୫ଟଙ୍କା



ଓଁ ଗୌରୀପରଂ ମଦନମନ୍ଦିରା ସୌମ୍ୟାଷ୍ଟମ୍
ଲାଙ୍ଗୁଳାଶୂଳାପରୀମଣ୍ଡିତା ହସ୍ତଯୁଗାଂ
ବ୍ରହ୍ମେନ୍ଦ୍ରରୁଦ୍ର ଗଣବନ୍ଦିତା ପାଦପଦ୍ମଂ
ନିତ୍ୟମ୍ ଭଜାମୀ ବିରଜାମ୍ ବିଗାତନୁରଗମ୍

୭ ତାରିଖରେ ଗଞ୍ଜାମ ଗସ୍ତ କରିବେ ନବୀନ

ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିବା ସହ ଲୋକଙ୍କୁ ଭେଟିବେ



ଭୁବନେଶ୍ୱର,୦୫/୧୧: ଗଞ୍ଜାମ ବନ୍ୟା ସ୍ଥିତି ଅନୁଧ୍ୟାନ ସହ ପ୍ରଭାବିତଙ୍କୁ ଭେଟିବାକୁ ଆସନ୍ତା ୭ ତାରିଖରେ ଯିବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଆସନ୍ତା ୭ ତାରିଖ (ଶନିବାର) ସକାଳ ପ୍ରାୟ ୧୦ଟାରୁ ଭୁବନେଶ୍ୱର ବିମାନବନ୍ଦରରୁ ହେଲିକପ୍ଟର ଯୋଗେ ନବୀନ ଗଞ୍ଜାମ ଅଭିମୁଖେ ଯାତ୍ରା କରିବେ । ଶେରଗଡ଼ ମହାତ୍ମାଗାନ୍ଧି ହାଇସ୍କୁଲ ପଡ଼ିଆରେ ହେଲିକପ୍ଟର ଅବତରଣ କରିବ । ଏହାପରେ ତାଙ୍କର ଗସ୍ତ ହିଞ୍ଜିଳିକାଟୁ ଅଭିମୁଖେ ରହିବ । ସେ ନୂଆ-ବୁରୁପାଦ ପଞ୍ଚାୟତକୁ ସଡ଼କ ପଥରେ ଯାଇ ବନ୍ୟା ପ୍ରଭାବିତ ଚାଷୀଙ୍କୁ ଭେଟିବେ । ଆସିକା ସହରର ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିବେ । ସୋରଡ଼ାର ବାଲିଗୋଛାରେ ଫସଲ କ୍ଷୟକ୍ଷତି ସ୍ଥିତି ଅନୁଧ୍ୟାନ କରିବା ସହ ଲୋକଙ୍କୁ ଭେଟିବେ । ତଟାବାଲିରୁ ହେଲିକପ୍ଟର ଯୋଗେ ସେ ଭୁବନେଶ୍ୱର ଫେରିବେ ।

ବନ୍ୟା କ୍ଷୟକ୍ଷତି ସମ୍ପୂର୍ଣ୍ଣ ଆକଳନ କରିବାକୁ ଆହୁରି ଲାଗିବ ସମୟ

୨,୫୨୬ କୋଟି ସହାୟତା ମାଗିଲା ଓଡ଼ିଶା

ଭୁବନେଶ୍ୱର, ୫/୧୧(ନି.ସୂ) : ବାତ୍ୟା ଅର୍ଣ୍ଣବ ଓ ତା ପରବର୍ତ୍ତୀ ବନ୍ୟା ଯୋଗୁ ରାଜ୍ୟରେ ହୋଇଥିବା ବ୍ୟାପକ କ୍ଷୟକ୍ଷତି ଆକଳନ କରିବା ପାଇଁ ଓଡ଼ିଶା ଆସିଥିବା କେନ୍ଦ୍ରୀୟ ଟିମ୍ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆଲୋଚନା କରିଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରାଳୟର ଯୁଗ୍ମ ସଚିବ ରବିଶଙ୍କରଙ୍କ ନେତୃତ୍ୱରେ ଆସିଥିବା ଟିମ୍ ଗଞ୍ଜାମ ଓ ଗଜପତି ଜିଲ୍ଲା ଗସ୍ତ କରି କ୍ଷୟକ୍ଷତିର ଆକଳନ କରିଛନ୍ତି । ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ବନ୍ୟା, ବାତ୍ୟା ଓ ଗ୍ରୀଷ୍ମ ପ୍ରବାହ ପରି ପ୍ରାକୃତିକ ବିପର୍ଯ୍ୟୟ ବାରମ୍ବାର ଆସୁଛି । ଏହାଦ୍ୱାରା ରାଜ୍ୟର ବିକାଶ କାମ ବାଧାପ୍ରାପ୍ତ ହେଉଛି । ତେଣୁ, କେନ୍ଦ୍ରୀୟ ଟିମ୍ ତାଙ୍କ ରିପୋର୍ଟରେ ତତ୍କାଳ ରିଲିଫ ଓ ପୁନର୍ନିର୍ମାଣ ପାଇଁ ସହାୟତା ସହିତ ଏହାର ସ୍ଥାୟୀ ପ୍ରତିକାର ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି ।

ଟିମ୍‌ର ମୁଖ୍ୟ ରବିଶଙ୍କର ଏନେଇ କହିଥିଲେ ଯେ, ସେମାନେ ଗଞ୍ଜାମ ଓ ଗଜପତି ଜିଲ୍ଲାର ବିଭିନ୍ନ ଅଞ୍ଚଳ ବୁଲି ଦେଖିଛନ୍ତି । ବନ୍ୟା ଯୋଗୁ ଜନସାଧାରଣଙ୍କ ଉପରେ ବ୍ୟାପକ ପ୍ରଭାବ ପଡିଛି । ଗଞ୍ଜାମରେ ରଷିକୁଲ୍ୟା ନଦୀରୁ ପାଣି ମାଡ଼ି ଆସିବା ଦ୍ୱାରା ଅନେକ ଅଞ୍ଚଳରେ ବାଲିଚର ମାଡି ଯାଇଛି । ଚାଷଜମି ସହିତ ରାସ୍ତାଘାଟ, ଘରଦ୍ୱାର, କାର୍ଯ୍ୟାଳୟ ଇତ୍ୟାଦିରେ ବାଲି ମାଡିଯାଇଛି । ଅନେକ ସ୍ଥାନରେ ଘର ଭାଙ୍ଗି ନଥିଲେ ମଧ୍ୟ ଏହା ଦୁର୍ବଳ ହୋଇଯାଇଛି । ଦୀର୍ଘକାଳୀନ ଭିତ୍ତିରେ ରଷିକୁଲ୍ୟା ନଦୀରୁ ବାଲି ଓ ମାଟି ଉଦ୍ଧାର କରିବାର ଆବଶ୍ୟକତା ରହିଛି । ଏହି ବ୍ୟାପକ ବିପର୍ଯ୍ୟୟ ଯୋଗୁ କ୍ଷୟକ୍ଷତିର ସମ୍ପୂର୍ଣ୍ଣ ଆକଳନ କରିବା ପାଇଁ ୭ ରୁ ୮ ଦିନ ସମୟ ଲାଗିବ ବୋଲି ସେ କହିଛନ୍ତି । ତେବେ ବାତ୍ୟା ଓ ବନ୍ୟା ପରେ ରାଜ୍ୟ ସରକାର ଦ୍ରୁତ ଗତିରେ ରିଲିଫ ଓ ପୁନସ୍ଥାପନ କାମ କରିଛନ୍ତି ବୋଲି ରବିଶଙ୍କର ଓଡ଼ିଶା ସରକାରଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି । ରାସ୍ତାଘାଟ ପ୍ରାୟତଃ ଗମନାଗମନ ଉପଯୋଗୀ ହୋଇସାରିଛି ଏବଂ ବିଦ୍ୟୁତ ସରବରାହ ପୁନସ୍ଥାପନ କରାଯାଇଛି । ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କ୍ଷୟକ୍ଷତି ଓ ସରକାରଙ୍କ ମୁକାବିଲା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷୟକ୍ଷତିର ପ୍ରାରମ୍ଭିକ ଆକଳନ କରାଯାଇ ରିଲିଫ ଓ ରିଷ୍ଟୋରେସନ ପାଇଁ କେନ୍ଦ୍ର ସରକାରଙ୍କୁ ଏକ ଦାବିପତ୍ର ଦିଆଯାଇଛି ବୋଲି କହିଛନ୍ତି । ବୈଠକରେ କେନ୍ଦ୍ରୀୟ କମିଟି ଆଗରେ ୨ ହଜାର ୫୨୬ କୋଟିର କ୍ଷୟକ୍ଷତି ସହାୟତା ପାଇଁ ଦାବୀ ରଖିଲା ଓଡିଶା ।ଏହା ସହ ୩ ଜିଲ୍ଲାରେ ବାତ୍ୟା ବନ୍ୟାରେ ସ୍ଥାୟୀ ସମାଧାନ ପାଇଁ ୧୦ ହଜାର କୋଟିର ସ୍ୱତନ୍ତ୍ର ସହାୟତା ନେଇ ମଧ୍ୟ ଦାବୀ ରଖାଗଲା। ୮ ରୁ ୧୦ ଦିନ ମଧ୍ୟରେ ଚୂଡାନ୍ତ ରିପୋର୍ଟ ଆସିବା ପରେ କେନ୍ଦ୍ର ସରକାରଙ୍କ ପାଖରେ ଦାଖଲ କରାଯିବ ବୋଲି ଏସଆରସି ରାଜେଶ ପ୍ରଭାକର ପାଟିଲ କହିଛନ୍ତି।



ସ୍ଥାୟୀ ପ୍ରତିକାର ନେଇ ସିଏମ୍‌ଙ୍କ ଗୁରୁତ୍ୱ

ସ୍ଥିତି ଅନୁଧ୍ୟାନ ପରେ ଗୁରୁବାର ଲୋକ ସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କ ସହ ଏବଂ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ୮ ଜଣିଆ କେନ୍ଦ୍ରୀୟ କମିଟି। ସ୍ଥିତି ଅନୁଧ୍ୟାନ ବେଳେ ଅତିରିକ୍ତ କ୍ଷତି ହୋଇଥିବା କେନ୍ଦ୍ରୀୟ ଟିମ ଉପଲବ୍ଧି କରିଛନ୍ତି। ବିଭିନ୍ନ ବିଭାଗର ସଚିବ ମାନେ ମଧ୍ୟ ବୈଠକରେ ସାମିଲ ଥିଲେ ବୋଲି ଏସଆରସି କହିଛନ୍ତି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ, ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ୍ ଓ କେନ୍ଦ୍ରୀୟ ଟିମ୍‌ର ସଦସ୍ୟ ଉପସ୍ଥିତ ଥିଲେ ।

ଗିଡପାବାଲି ଉଦ୍ଧାର କାର୍ଯ୍ୟରେ ବଡ଼ ସଫଳତା

ଗୋଟିଏ ପରିବାରର ୫ ଜଣଙ୍କ ମୃତଦେହ ଉଦ୍ଧାର, ମୃତ୍ୟୁ ସଂଖ୍ୟା ୭କୁ ବୃଦ୍ଧି




କନ୍ଧମାଳ ୦୫/୧୧ (ନି.ସୂ) : ଗିଡପାବାଲି ଅଞ୍ଚଳରେ ଘଟିଥିବା ଭୟାବହ ପଥର ଧସିବା ଘଟଣାରେ ଉଦ୍ଧାର କାର୍ଯ୍ୟର ଷଷ୍ଠ ଦିନରେ ମିଳିଛି ବଡ଼ ସଫଳତା। ଦୀର୍ଘ ସମୟ ଧରି ପଥର ଓ ମାଟି ତଳେ ଚାପି ହୋଇ ରହିଥିବା ଗୋଟିଏ ପରିବାରର ୫ ଜଣ ସଦସ୍ୟଙ୍କ ମୃତଦେହକୁ ଉଦ୍ଧାରକାରୀ ଦଳ ଉଦ୍ଧାର କରିଛନ୍ତି। ଏହି ହୃଦୟବିଦାରକ ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୂର୍ବରୁ ଏହି ଘଟଣାରେ ୨ ଜଣଙ୍କ ମୃତଦେହ ମିଳିଥିବା ବେଳେ ଏବେ ଆଉ ୫ ଜଣଙ୍କ ମୃତଦେହ ଉଦ୍ଧାର ହେବା ପରେ ମୋଟ ମୃତ୍ୟୁ ସଂଖ୍ୟା ୭ରେ ପହଞ୍ଚିଛି। ଅନ୍ୟପକ୍ଷରେ ତାଲିକାଭୁକ୍ତ ୧୩ ଜଣଙ୍କ ମଧ୍ୟରୁ ଆଉ ୬ ଜଣ ଏବେ ମଧ୍ୟ ନିଖୋଜ ଅଛନ୍ତି। ଉଦ୍ଧାର ହୋଇଥିବା ୫ ଜଣଙ୍କ ମୃତଦେହକୁ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଚିହ୍ନଟ କରାଯାଇଛି। ମୃତକମାନେ ହେଲେ ଭୂମିକା ପ୍ରଧାନ (୨୭), ବିଜୟ ପ୍ରଧାନ (୨୫), ବାଗ୍ରୀ ପ୍ରଧାନ (୧୪), ଅରୁଣା ପ୍ରଧାନ (୭) ଏବଂ ବିଜୟଲକ୍ଷ୍ମୀ ପ୍ରଧାନ (୬)। ଗୋଟିଏ ପରିବାରର ଏତେ ଜଣ ସଦସ୍ୟଙ୍କ ଏକାସାଙ୍ଗରେ ମୃତ୍ୟୁ ଖବର ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଗଭୀର ମର୍ମାହତ କରିଛି। ପରିବାରବର୍ଗଙ୍କ ଇଚ୍ଛା ଓ ଭାବାବେଗକୁ ସମ୍ମାନ ଜଣାଇ ପ୍ରଶାସନର ସହଯୋଗରେ ଘଟଣାସ୍ଥଳରେ ହିଁ ୫ ଜଣଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଏହି ଦୁଃଖଦ ସମୟରେ ପ୍ରଶାସନ ପୀଡ଼ିତ ପରିବାରଙ୍କ ସହ ରହିଥିବା ବେଳେ ସରକାରୀ ନିୟମ ଅନୁଯାୟୀ ଥଇଥାନ ଓ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି ଅଧିକାରୀମାନେ ଆଶ୍ୱାସନା ଦେଇଛନ୍ତି। କେତେକ ପରିବାର ରାୟଗଡ଼ା ନିକଟରେ ଏବଂ ଅନ୍ୟ କେତେକ ପରିବାର କନ୍ଧମାଳ ଅଞ୍ଚଳରେ ରହିବାକୁ ଇଚ୍ଛା ପ୍ରକାଶ କରିଥିବାରୁ ସେମାନଙ୍କ ଇଚ୍ଛା ଅନୁସାରେ ଥଇଥାନ ବ୍ୟବସ୍ଥା କରାଯାଉଛି। ଅନ୍ୟପଟେ ପାଗରେ ସୁଧାର ଆସିବା ପରେ ଉଦ୍ଧାର କାର୍ଯ୍ୟରେ କିଛିଟା ଗତି ଆସିଛି। ମାଟି ଧସିବାର ଆଶଙ୍କା କମିଥିବାରୁ ଉଦ୍ଧାରକାରୀ ଦଳ ଅଧିକ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ଘଟଣାସ୍ଥଳରେ ଓଡ୍ରାଫ୍, ଅଗ୍ନିଶମ ବାହିନୀ, ଡିଡିଆଇ ଏବଂ ଏସ୍‌ସିୟୁ ଟିମ୍ ନିୟୋଜିତ ରହିଛନ୍ତି। ପ୍ରାୟ ୧୦୦ରୁ ଅଧିକ କର୍ମଚାରୀ ସିଧାସଳଖ ଉଦ୍ଧାର କାର୍ଯ୍ୟରେ ଲାଗିଥିବା ବେଳେ ସମଗ୍ର ଅଭିଯାନରେ ପ୍ରାୟ ୨୦୦ରୁ ୨୫୦ ଜଣିଆ ଟିମ୍ ସାମିଲ ଅଛନ୍ତି। ତେବେ ଏହି ଅଭିଯାନ ଏଯାବତ୍ ଶେଷ ହୋଇନାହିଁ। ପଥର ଓ ମାଟି ତଳେ ନିଖୋଜ ଥିବା ଅବଶିଷ୍ଟ ୬ ଜଣଙ୍କୁ ଖୋଜିବା ପାଇଁ ଉଦ୍ଧାରକାରୀ ଦଳ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି। ସମସ୍ତ ନିଖୋଜଙ୍କ ସନ୍ଧାନ ମିଳିବା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିବ ବୋଲି ପ୍ରଶାସନ ସ୍ପଷ୍ଟ କରିଛି। ଗିଡପାବାଲିର ଏହି ଦୁଃଖଦ ଘଟଣା ଅନେକ ପରିବାରକୁ ଅସହାୟ କରିଦେଇଥିବା ବେଳେ ନିଖୋଜଙ୍କ ସନ୍ଧାନ ଓ ପ୍ରଭାବିତ ପରିବାରଙ୍କ ଥଇଥାନ ଏବେ ପ୍ରଶାସନ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହୋଇଛି।

ପୋଲିସ୍‌କୁ ଚକ୍‌ମା ଦେଇ ଆନ୍ଧ୍ରରେ ଭୋଟ ଦେଲେ ରାଇପାହାଡ଼ବାସୀ



ନନ୍ଦପୁର ୪/୧୧ (ନି.ସୂ): ଆନ୍ଧ୍ର ପ୍ରଦେଶରେ ସମିତି ସଭ୍ୟ ଓ ଜିଲ୍ଲାପରିଷଦ ସଭ୍ୟ ନିର୍ବାଚନ ନେଇ କୋରାପୁଟ ଜିଲ୍ଲାରେ ଗତ କିଛି ଦିନ ଧରି ତାତି ବଢ଼ି ଯାଇଛି। କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକର କୋଟିଆରେ ଆନ୍ଧ୍ର ପ୍ରଦେଶର ନିର୍ବାଚନ ପୁରା ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ସର୍ବ ଦଳୀୟ ରାଜ୍ ନେତା ଏ କାଠି ହୋଇଛନ୍ତି।

ଏ ପଟେ ନନ୍ଦପୁର ବ୍ଲକ ସୀମାନ୍ତ ଗଲୁର ପଞ୍ଚାୟତ ଅଧୀନସ୍ଥ ରାଇପାହାଡ଼ ଗ୍ରାମବାସୀଙ୍କ ଉପରେ ଗତ କିଛି ଦିନ ହେବ ଆନ୍ଧ୍ର ନିର୍ବାଚନରେ ଭୋଟ ନ ଦେବାକୁ ଉଭୟ ପ୍ରଶାସନ ଓ ବିଧାୟକଙ୍କ ବୁଝା ସୁଝା ପରେ ମଧ୍ୟ ଗ୍ରାମବାସୀ କଥା ନରଖିବା ନେଇ ବର୍ତ୍ତମାନ ବିଭିନ୍ନ ମହଲରେ ଅସନ୍ତୋଷ ଦେଖା ଦେଇଛି। ରାଇପାହାଡ଼ ଗ୍ରାମୁଁହରେ ପୁଲିସ୍‌ର ପହରା ଲାଗିଥିବା ବେଳେ ଗ୍ରାମ ପଛ ପଟେ ଦେଇ ପ୍ରାୟ ୫୦ ଜଣ ଭୋଟର ଆନ୍ଧ୍ର ପ୍ରଦେଶର କଣ୍ଟୁ ରୁମ୍ ପଞ୍ଚାୟତର ବୁଥ୍‌କୁ ଯାଇ ଭୋଟ ଦେଇଥିବା ଖବର ମିଳିଛି। ସୂଚନାଯୋଗ୍ୟ, ଗତ କୋଡ଼ିଏ ବର୍ଷରୁ ଊର୍ଦ୍ଧ୍ୱ ହେବ ରାଇ ପାହାଡ଼ବାସୀ ଆନ୍ଧ୍ରରୁ ସରକାରୀ ଯୋଜାନାରୁ ଲାଭାନ୍ୱିତ ହେବା ସହ ଆନ୍ଧ୍ର ପ୍ରଦେଶର ନିର୍ବାଚନରେ ଭୋଟ ଦେଇ ଆସୁଛନ୍ତି। ଗତ ତିନି ବର୍ଷ ତଳେ ସୀମା ବିବାଦ ନେଇ ଉଭୟ ଆନ୍ଧ୍ର ପ୍ରଦେଶ ଏବଂ ଓଡ଼ିଶାର ପ୍ରଶାସନ ମଧ୍ୟରେ ଆଲୋଚନା ପରେ ମଧ୍ୟ ଆନ୍ଧ୍ର ତାର ପ୍ରତିଶ୍ରୁତିକୁ ପାଳନ କରିନାହିଁ। ରାଇପାହାଡ଼ ଗ୍ରାମରେ ମୋଟ ୧୯ ପରିବାର ରହିଥିବା ବେଳେ ଭୋଟର ଅଛନ୍ତି ୫୦ ଜଣ । ଗତ ବୁଧବାର ସନ୍ଧ୍ୟାରୁ ପାତ୍ରୁଆ ପୁଲିସ୍ ରାଇ ପାହାଡ଼ ଗ୍ରାମ ମୁହଁରେ ପହରା ଦେଉଥିବା ବେଳେ ଘର ତାଲା ଦେଇ ଗ୍ରାମ ପଛ ପଟେ ଆନ୍ଧ୍ର ମୁହାଁ ହୋଇ ଭୋଟ ଦେଇଥିବା ଖବର ଆସିଛି।

ଗଞ୍ଜାମ ଓ ଗଜପତିରେ ପିଲାଙ୍କୁ ମିଳିବ ନୂଆ ବହି: ମନ୍ତ୍ରୀ

ଭୁବନେଶ୍ୱର ୫/୧୧ (ନି.ସୂ): ଓଡ଼ିଶା ସରକାର ବନ୍ୟା ପ୍ରଭାବିତ ଗଞ୍ଜାମ ଏବଂ ଗଜପତି ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କୁ ନୂଆ ପାଠ୍ୟପୁସ୍ତକ ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। କାରଣ ବାତ୍ୟା ଅର୍ଣ୍ଣବ ପରବର୍ତ୍ତୀ ବନ୍ୟା ଯୋଗୁଁ ଛାତ୍ରଛାତ୍ରୀ ମାନେ ପାଠ୍ୟପୁସ୍ତକ ହରାଇଥିଲେ। ଦକ୍ଷିଣ ଓଡ଼ିଶାର ଏହି ଦୁଇ ଜିଲ୍ଲା ବାତ୍ୟା ଏବଂ ପରବର୍ତ୍ତୀ ବନ୍ୟା ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଥିଲା। ଏଥିଯୋଗୁଁ ବିଦ୍ୟାଳୟ ଗୃହ ସମେତ ବିଭିନ୍ନ ଭିତ୍ତିଭୂମିର ବ୍ୟାପକ କ୍ଷୟକ୍ଷତି ହୋଇଥିଲା ଏବଂ ପିଲାମାନଙ୍କ ପାଠପଢ଼ା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ, ବାତ୍ୟା ଓ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବିଦ୍ୟାଳୟଗୁଡ଼ିକର ମରାମତି ସମ୍ପର୍କରେ ସରକାର ଜିଲ୍ଲା ଶିକ୍ଷା ଅଧିକାରୀ ମାନଙ୍କଠାରୁ ରିପୋର୍ଟ ଲୋଡ଼ିଛନ୍ତି।

ୟୁଜିସିର ଜାତିଗତ ଭେଦଭାବ ନିୟମର ହେବ ସମୀକ୍ଷା

କେନ୍ଦ୍ରକୁ ଅଧିକ ସମୟ ଦେଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ ୫/୧୧: କଲେଜ ଓ ବିଶ୍ୱବିଦ୍ୟାଳୟରେ ଜାତିଗତ ଭେଦଭାବ ଏବଂ ରାଗିଂ ରୋକିବା ପାଇଁ ଟଏଉ ଆଣିଥିବା ନୂଆ ନିୟମକୁ ନେଇ ଚାଲିଥିବା ବିବାଦରେ ଆସିଛି ନୂଆ ମୋଡ଼। ଏହି ନିୟମର ପୁନଃ ସମୀକ୍ଷା କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅଧିକ ସମୟ ଦେଇଛନ୍ତି ସୁପ୍ରିମକୋର୍ଟ। ନିୟମର କିଛି ବ୍ୟବସ୍ଥାକୁ ନେଇ ସାଧାରଣ ବର୍ଗର ଛାତ୍ରଛାତ୍ରୀ ଆପତ୍ତି ଉଠାଇଥିବା ବେଳେ, ଏହାକୁ ଯାଞ୍ଚ କରିବା ପାଇଁ ଏକ କମିଟି ଗଠନ କରାଯାଉଥିବା କେନ୍ଦ୍ର ସରକାର କୋର୍ଟଙ୍କୁ ଜଣାଇଛନ୍ତି।ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ୍ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ଶୁଣାଣି ସମୟରେ କୋର୍ଟ ସମସ୍ତ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ମଙ୍ଗଳକୁ ଗୁରୁତ୍ୱ ଦେଇଛନ୍ତି। ବିଶ୍ୱବିଦ୍ୟାଳୟରେ ଜାତିଗତ ଭେଦଭାବ ଓ ରାଗିଂ ରୋକିବା ପାଇଁ ଠୋସ୍ ପଦକ୍ଷେପ ନେବା ଜରୁରୀ ବୋଲି କୋର୍ଟ କହିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ୍ ତୁଷାର ମେହେଟା କୋର୍ଟଙ୍କୁ ଜଣାଇଛନ୍ତି ଯେ, ଏହି ନିୟମ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗର ଯାଞ୍ଚ ପାଇଁ ଏକ କମିଟି ଗଠନ କରାଯାଉଛି। ନିୟମରେ ଥିବା ବ୍ୟବସ୍ଥା ଓ ଏହାକୁ ନେଇ ଉଠିଥିବା ଆପତ୍ତିଗୁଡ଼ିକୁ ଖତିଆନ କରିବା ପାଇଁ କେନ୍ଦ୍ର ଅଧିକ ସମୟ ମାଗିଥିଲା। ଏହାକୁ ସୁପ୍ରିମକୋର୍ଟ ମଞ୍ଜୁର କରିଛନ୍ତି। ତେବେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ବା UGC ଉଚ୍ଚଶିକ୍ଷା ଅନୁଷ୍ଠାନରେ ଜାତିଗତ ଭେଦଭାବ ରୋକିବା ଏବଂ କ୍ୟାମ୍ପସକୁ ସୁରକ୍ଷିତ ଓ ସମାବେଶୀ କରିବା ଉଦ୍ଦେଶ୍ୟରେ ନୂଆ ନିୟମ ଆଣିଥିଲା। ତେବେ ଏହି ନିୟମର କିଛି ବ୍ୟବସ୍ଥାକୁ ନେଇ ସାଧାରଣ ବର୍ଗର ଛାତ୍ରଛାତ୍ରୀ ଆପତ୍ତି ଉଠାଇଥିଲେ। ସେମାନଙ୍କ ଯୁକ୍ତି ଥିଲା ଯେ, ନିୟମର କିଛି ପ୍ରାବଧାନ ସେମାନଙ୍କ ପ୍ରତି ମଧ୍ୟ ଭେଦଭାବ ସୃଷ୍ଟି କରିପାରେ। ଏହି ଆପତ୍ତିକୁ ନେଇ ଆଇନଗତ ଚ୍ୟାଲେଞ୍ଜ ହୋଇଥିଲା ଏବଂ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ଏହା ପୂର୍ବରୁ ସୁପ୍ରିମକୋର୍ଟ ଏହି ନିୟମକୁ ନେଇ କେନ୍ଦ୍ର ସରକାର ଓ ଟଏଉକୁ ନୋଟିସ୍ ଜାରି କରିଥିଲେ। ଏଥିସହ ନିୟମର କାର୍ଯ୍ୟକାରୀ ହେବା ଉପରେ ଅନ୍ତରୀଣ ରୋକ୍ ଲଗାଇଥିଲେ। ଏବେ କେନ୍ଦ୍ର ସରକାରଙ୍କୁ ମିଳିଥିବା ଅଧିକ ସମୟ ମଧ୍ୟରେ ପ୍ରସ୍ତାବିତ କମିଟି ନିୟମର ବିଭିନ୍ନ ଦିଗ ଓ ଉଠିଥିବା ଆପତ୍ତିଗୁଡ଼ିକୁ ଯାଞ୍ଚ କରିବ। ଏହା ପରେ ନିୟମରେ ପରିବର୍ତ୍ତନ ହେବ କି ନାହିଁ, ସେନେଇ ପରବର୍ତ୍ତୀ ପଦକ୍ଷେପ ସ୍ପଷ୍ଟ ହୋଇପାରେ।

ଆଇଏଏସ ସ୍ତରରେ ଅଦଳବଦଳ


ରୂପା ମିଶ୍ର ହେଲେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର



ଭୁବନେଶ୍ୱର ୫/୧୧ (ନି.ସୂ): ଆଇଏଏସ ସ୍ତରରେ ଆଜି ରାଜ୍ୟ ସରକାର ଛୋଟଧରଣର ଅଦଳବଦଳ କରିଛନ୍ତି। କେନ୍ଦ୍ରୀୟ ଡେପୁଟେସନରୁ ଫେରିବା ପରେ ରୂପା ମିଶ୍ରଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ସହ ସଚିବ ଭାବରେ ନିଯୁକ୍ତି ମିଳିଛି । ସେହିପରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ଥିବା ଗିରିଶ ଏସ.ଏନଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ ତଥା କମିଶନର ଭାବେ ବଦଳି କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ ତଥା କମିଶନର ଅଶ୍ୱିଥି ଏସଙ୍କୁ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଦାୟିତ୍ୱ ଦିଆଯାଇଛି । ସେ ସିଟି-ଓଡ଼ିଶାର ଅତିରିକ୍ତ ଦାୟିତ୍ୱ ମଧ୍ୟ ନିର୍ବାହ କରିବେ । ସେହିପରି ଓଡିଶା ବନ ଉନ୍ନୟନ ନିଗମର ଚେୟାରମ୍ୟାନ ଥିବା ବିଷ୍ଣୁପଦ ସେଠୀଙ୍କୁ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ଓଏସଡି ଭାବେ ବଦଳି କରାଯାଇଛି ।

ସଠିକ୍ ଜନଗଣନା ଲକ୍ଷ୍ୟରେ ଓଡ଼ିଶା

୧୫ ଜିଲ୍ଲାର ଅଧିକାରୀଙ୍କ ତାଲିମ ଶେଷ



ଭୁବନେଶ୍ୱର, ୫।୧୧ (ନି.ସୂ): ଭାରତବର୍ଷରେ ଆଗାମୀ ଜାତୀୟ ଜନଗଣନା କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଜାତୀୟ ସ୍ତରରୁ ତୃଣମୂଳ ସ୍ତର ପର୍ଯ୍ୟନ୍ତ ଚାରୋଟି ପର୍ଯ୍ୟାୟରେ ଅଧିକାରୀ ଓ ଫିଲ୍ଡ ଷ୍ଟାଫ୍‌ମାନଙ୍କୁ ବ୍ୟାପକ ତାଲିମ ପ୍ରଦାନ ପ୍ରକ୍ରିୟା ଜାରି ରହିଛି । ପ୍ରଥମ ପର୍ଯ୍ୟାୟ ତାଲିମ ସମାପ୍ତ ହୋଇଛି। ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ତାଲିମ ଗ୍ରହଣ କରିଛନ୍ତି ଏବଂ ଶୀଘ୍ର ଅବଶିଷ୍ଟ ୧୫ଟି ଜିଲ୍ଲାର ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଏହି ତାଲିମ ଶେଷ ହେବା ପରେ ନାଗରିକମାନେ ପ୍ରଥମେ ନିଜସ୍ୱ ପ୍ରୟାସରେ ସେଲ୍ଫ-ରେଜିଷ୍ଟ୍ରେସନ କରିପାରିବେ ଏବଂ ପରବର୍ତ୍ତୀ ସମୟରେ ଗଣନାକାରୀମାନେ ଘରକୁ ଘର ଯାଇ ପ୍ରାୟ ୪୦ଟି ପ୍ରଶ୍ନ ମାଧ୍ୟମରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ସହ ଭେରିଫିକେସନ୍ କରିବେ। ପ୍ରତ୍ୟେକ ୧୦ ବର୍ଷରେ ହେଉଥିବା ଏହି ଜାତୀୟ କାର୍ଯ୍ୟକ୍ରମଟି ଭବିଷ୍ୟତରେ ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ, ଜାତି ଓ ଜନଜାତି ସଂରକ୍ଷଣ, ମହିଳା ସଂରକ୍ଷଣ ପାଇଁ ଲିଙ୍ଗଗତ ଅନୁପାତ ନିରୂପଣ ଏବଂ ୫୦ ପ୍ରତିଶତରୁ ଅଧିକ ଆଦିବାସୀ ଜନସଂଖ୍ୟା ଥିବା ଅଞ୍ଚଳକୁ ଓଞ୍ଜଉଇ ବ୍ଲକ୍ ଘୋଷଣା କରିବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ଓ ଯୋଜନାଗତ ନିଷ୍ପତ୍ତିରେ ମୁଖ୍ୟ ଆଧାର ସାଜିବ ।ଓଡ଼ିଶାକୁ ସାରା ଦେଶରେ ଏକ ନିଖୁଣ ଜନଗଣନାକାରୀ ପ୍ରଥମ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ରାଜସ୍ୱ ବିଭାଗ ସମେତ ଅନ୍ୟାନ୍ୟ ବିଭାଗର ଡାଟାବେସ୍ ?କୁ ସୁବ୍ୟବସ୍ଥିତ କରାଯିବ । ଏଥିସହ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ମେମ୍ବରଙ୍କ ଭଳି ତୃଣମୂଳ ସ୍ତରର ପଞ୍ଚାୟତ ପ୍ରତିନିଧିମାନଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

ତଦନ୍ତ ହେବ ନା ଫାଇଲ୍ ବନ୍ଦ ?

ହରଡ଼ଘଣାରେ ବିଜେପି ବିଧାୟକ

ସତ୍ୟବ୍ରତ ପାତ୍ର



ଭୁବନେଶ୍ୱର, ୫/୧୧(ନି. ସୂ.): ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ମଧ୍ୟରେ ଆସିକାର ବିଜେପି ବିଧାୟକ ସରୋଜ ପାଢ଼ୀଙ୍କ ବିରୋଧରେ ଜଣେ ଆଇଏଏସ୍ ଅଧିକାରୀଙ୍କ ଥାନା ଅଭିଯୋଗ ରାଜ୍ୟ ରାଜନୀତିରେ ନୂଆ ବିବାଦ ସୃଷ୍ଟି କରିଛି। ଏହି ଘଟଣାକୁ ନେଇ ବିଜେଡି କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ସହ ନିରପେକ୍ଷ ତଦନ୍ତ ଓ ଅଭିଯୋଗ ପ୍ରମାଣିତ ହେଲେ ବିଧାୟକଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନାଙ୍କ ଅଭିଯୋଗ ଅନୁସାରେ, ନଭେମ୍ବର ୩ ତାରିଖରେ ଆସିକା ପୌରପାଳିକା କାର୍ଯ୍ୟାଳୟରେ ରିଲିଫ୍ ବଣ୍ଟନ ପ୍ରସଙ୍ଗରେ ବିଧାୟକ ତାଙ୍କୁ ଗାଳିଗୁଲଜ ଓ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରାଯାଇଥିବା ମଧ୍ୟ ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏହି ଅଭିଯୋଗର ସତ୍ୟତା ଏପର୍ଯ୍ୟନ୍ତ ପ୍ରମାଣିତ ହୋଇନାହିଁ।

ବିଜେଡି ମୁଖପାତ୍ର ଡକ୍ଟର ଲେନିନ୍ ମହାନ୍ତିଙ୍କ ଅଭିଯୋଗ ଆହୁରି ଗୁରୁତ୍ୱପୂର୍ଣ୍ଣ। ମନ୍ତ୍ରୀ ବିଭୂତି ଜେନାଙ୍କ ସହ ବ୍ୟକ୍ତିଗତ ମତଭେଦ କାରଣରୁ ବିଧାୟକ ରିଲିଫ୍ କାର୍ଯ୍ୟରେ ହସ୍ତକ୍ଷେପ କରିଥିବା ସେ ଦାବି କରିଛନ୍ତି। ବନ୍ୟା ବିପନ୍ନଙ୍କ ସ୍ୱାର୍ଥ ଅପେକ୍ଷା ରାଜନୈତିକ ବିବାଦକୁ ପ୍ରାଧାନ୍ୟ ଦିଆଯାଇଥିବା ନେଇ ବିଜେଡି ପ୍ରଶ୍ନ ଉଠାଇଛି। ସିସିଟିଭି ଫୁଟେଜ୍ ଯାଞ୍ଚ ସହ ରାଜନୈତିକ ଚାପମୁକ୍ତ ତଦନ୍ତ ପାଇଁ ଦଳ ଦାବି କରିଛି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ବିଧାୟକ ଏହାକୁ ଭୁଲ୍ ବୁଝାମଣା କହିବା ସହ ବିବାଦର ଆପୋଷ ସମାଧାନ ହୋଇସାରିଥିବା ଦାବି କରିଛନ୍ତି। ନିଜେ କୌଣସି ଖରାପ ବ୍ୟବହାର କରିନଥିବା ମଧ୍ୟ ସେ କହିଛନ୍ତି। ସେପଟେ ମନ୍ତ୍ରୀ ଗୋକୁଳାନନ୍ଦ କହିଛନ୍ତି ସରୋଜ ଅନୁତପ୍ତ ।କିନ୍ତୁ ବ୍ୟକ୍ତିଗତ ବୁଝାମଣା ଓ ଆଇନଗତ ତଦନ୍ତ ଦୁଇଟି ଭିନ୍ନ ପ୍ରସଙ୍ଗ। ଫଳରେ ଏବେ ବିଜେପି ବିଧାୟକ ହରଡଘଣାରେ ପଡ଼ିଛନ୍ତି।

ଏଠାରେ ବିଜେଡିର ଦାବି ଶାସକ ବିଜେପି ପାଇଁ ଏକ ଉତ୍ତରଦାୟିତ୍ୱର ପ୍ରଶ୍ନ ସୃଷ୍ଟି କରିଛି। ବିରୋଧୀଙ୍କ ଅଭିଯୋଗକୁ ରାଜନୈତିକ ବୟାନ କହି ଏଡ଼ାଇବା ପରିବର୍ତ୍ତେ ଘଟଣାର ସ୍ୱାଧୀନ ଯାଞ୍ଚ ହେବା ଜରୁରୀ। ବିଧାୟକଙ୍କ ମର୍ଯ୍ୟାଦା ଯେପରି ଗୁରୁତ୍ୱପୂର୍ଣ୍ଣ, ଜଣେ କର୍ତ୍ତବ୍ୟରତ ପ୍ରଶାସନିକ ଅଧିକାରୀଙ୍କ ସୁରକ୍ଷା ଓ ସ୍ୱାଧୀନତା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଏବେ ପ୍ରଶ୍ନ, ଡବଲ ଇଞ୍ଜିନ ସରକାର ଏହି ଅଭିଯୋଗର ନିରପେକ୍ଷ ତଦନ୍ତ ଦ୍ୱାରା ସ୍ପଷ୍ଟ ଉତ୍ତର ଦେବେ, ନା ଆପୋଷ ସମାଧାନରେ ବିବାଦର ପରିସମାପ୍ତି ଘୋଷଣା କରାଯିବ ?

ଏନ୍‌ଏଚ୍-୧୬ରୁ ଜବରଦଖଲ ଉଚ୍ଛେଦ

ଖୋରଧା, ୫।୧୧(ନି.ସୂ) : ଜାତୀୟ ରାଜପଥ-୧୬ର ରାସ୍ତା ଅଧିକାର ସୀମା (ରାଇଟ୍ ଅଫ୍ ୱେ) ମଧ୍ୟରେ ହୋଇଥିବା ବେଆଇନ ନିର୍ମାଣ ଓ ଜବରଦଖଲ ଉଚ୍ଛେଦ ପାଇଁ ଖୋରଧା ଜିଲା ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଖୋରଧା ତହସିଲ ଅନ୍ତର୍ଗତ ଜଙ୍କିଆ ଥାନା ଅଧୀନ ମୁଣ୍ଡାଆମ୍ବ ଗ୍ରାମ ନିକଟରେ ବୁଧବାର ଏହି ଉଚ୍ଛେଦ ଅଭିଯାନ ଚାଲିଥିବାବେଳେ ଦୁଇ ପ୍ଲାଟୁନ୍ ସଶସ୍ତ୍ର ପୁଲିସ ବାହିନୀ ସହ ମହିଳା ପୁଲିସ କର୍ମଚାରୀଙ୍କୁ ମଧ୍ୟ ମୁତୟନ କରାଯାଇଥିଲା। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଏନ୍‌ଏଚ୍‌ଏଆଇର ଅଧିକାରୀମାନେ ବେଆଇନ ନିର୍ମାଣ ହଟାଇଥିଲେ।

ବୁଧବାର ସକାଳ ୧୦ଟାରୁ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)ର ଅଧିକୃତ ଅଧିକାରୀମାନଙ୍କ ଦ୍ୱାରା ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଜାତୀୟ ରାଜପଥର ରାସ୍ତା ଅଧିକାର ସୀମା ମଧ୍ୟରେ ରହିଥିବା ଜବରଦଖଲ ଓ ବେଆଇନ ନିର୍ମାଣ ହଟାଇବା ନିମନ୍ତେ ଏନ୍‌ଏଚ୍‌ଏଆଇର ବ୍ରହ୍ମପୁରସ୍ଥିତ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ୟୁନିଟ୍‌ର ପ୍ରକଳ୍ପ ନିର୍ଦ୍ଦେଶକ ଜିଲା ପ୍ରଶାସନ ଓ ପୁଲିସର ସହଯୋଗ ଲୋଡ଼ିଥିଲେ। ଏ ସଂକ୍ରାନ୍ତରେ ଖୋରଧା ଆରକ୍ଷୀ ଅଧୀକ୍ଷକଙ୍କ ପକ୍ଷରୁ ଗତ ନଭେମ୍ବର ୩ ତାରିଖରେ ଜାରି ନିର୍ଦ୍ଦେଶନାମା ଅନୁଯାୟୀ, ଜଙ୍କିଆ ଥାନା ଅଧିକାରୀଙ୍କୁ ଆବଶ୍ୟକ ସଂଖ୍ୟକ ପୁଲିସ ଅଧିକାରୀ, କନଷ୍ଟେବଲ ଓ ହୋମ୍‌ଗାର୍ଡଙ୍କ ସହ ଉଚ୍ଛେଦ ସ୍ଥଳରେ ଉପସ୍ଥିତ ରହିବାକୁ କୁହାଯାଇଥିଲା। ଉଚ୍ଛେଦ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ କରିବା ଏବଂ ସମ୍ଭାବ୍ୟ ବିରୋଧ ଓ ଉତ୍ତେଜନାକୁ ଏଡ଼ାଇବା ପାଇଁ



ଦୁଇ ପ୍ଲାଟୁନ୍ ସଶସ୍ତ୍ର ପୁଲିସ ବାହିନୀ ନିୟୋଜିତ ହୋଇଥିଲେ। ନିର୍ଦ୍ଧାରିତ ସମୟ ସକାଳ ୮ଟା ସୁଦ୍ଧା ପୁଲିସ ବାହିନୀ ଜଙ୍କିଆ ଥାନାରେ ରିପୋର୍ଟ କରିବା ପାଇଁ ରାଜସ୍ୱ ନିରୀକ୍ଷକ ଓ ରାଜସ୍ୱ ଅଧିକାରୀଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଥିଲା।

ଖୋରଧାର ଅତିରିକ୍ତ ତହସିଲଦାର ତଥା ଓଡ଼ିଶା ରାଜସ୍ୱ ସେବା (ଓଆରଏସ୍) ଅଧିକାରୀ ଡି. ଗୋପାଳ ରେଡ୍ଡୀଙ୍କୁ ଉଚ୍ଛେଦ ଅଭିଯାନ ପାଇଁ ନିୟୋଜିତ ପୁଲିସ ବାହିନୀର ଦାୟିତ୍ୱରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଭାବେ ନିଯୁକ୍ତ କରାଯାଇଥିଲା। ସେ ସମଗ୍ର ଉଚ୍ଛେଦ ପ୍ରକ୍ରିୟାର ତଦାରଖ କରିବା ସହ ଆଇନଗତ ପ୍ରକ୍ରିୟା ଅନୁଯାୟୀ କାର୍ଯ୍ୟ ସମ୍ପାଦନ ସୁନିଶ୍ଚିତ କରିଥିଲେ। ସେହିପରି ଖୋରଧା ଉପଖଣ୍ଡ ପୁଲିସ ଅଧିକାରୀ (ଏସ୍‌ଡିପିଓ) ଘଟଣାସ୍ଥଳରେ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିବାବେଳେ ଜଙ୍କିଆ ପୁଲିସ ଆଇନଶୃଙ୍ଖଳା ରକ୍ଷା ଦାୟିତ୍ୱରେ ଥିଲା।

ସୂଚନାନୁଯାୟୀ, ଗତ ଅକ୍ଟୋବର ୨୩ ତାରିଖରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ଜବରଦଖଲ ଉଚ୍ଛେଦ ନିମନ୍ତେ ପ୍ରଶାସନିକ ହସ୍ତକ୍ଷେପ ଓ ପୁଲିସ ସୁରକ୍ଷା ଲୋଡ଼ାଯାଇଥିଲା। ଏହାକୁ ଆଧାର କରି ଅକ୍ଟୋବର ୨୬ ତାରିଖରେ ଖୋରଧା ଉପଜିଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ୍ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ଉଚ୍ଛେଦ ସମୟରେ ସମ୍ଭାବ୍ୟ ବିରୋଧ ଓ ଉତ୍ତେଜନାର ଆଶଙ୍କା ଥିବାରୁ ରାଜସ୍ୱ ଓ ପୁଲିସ ବିଭାଗର ମିଳିତ ଉପସ୍ଥିତି ସୁନିଶ୍ଚିତ କରାଯାଇଥିଲା। ତେବେ ପ୍ରଶାସନର ସୁଚିନ୍ତିତ ପ୍ରସ୍ତୁତି ଓ କଡ଼ା ସୁରକ୍ଷା ବ୍ୟବସ୍ଥା ଯୋଗୁଁ ଉଚ୍ଛେଦ କାର୍ଯ୍ୟ ସମୟରେ କୌଣସି ଅପ୍ରୀତିକର ଘଟଣା କିମ୍ବା ଆଇନଶୃଙ୍ଖଳା ସମସ୍ୟା ଦେଖାଦେଇନଥିଲା। ଶାନ୍ତିପୂର୍ଣ୍ଣ ଭାବେ ସମଗ୍ର ଅଭିଯାନ ସମ୍ପନ୍ନ ହୋଇଥିଲା।

ଗଣତନ୍ତ୍ର ବଞ୍ଚାଓ, ଅରାଜକତା ହଟାଓ ଅଭିଯାନରେ ବୁଦ୍ଧିଜୀବି ସମ୍ମିଳନୀ

ଝରିଗାଁ, ୫।୧୧(ନି.ସୂ) : ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକସ୍ଥିତ କଲ୍ୟାଣୀ ମଣ୍ଡପଠାରେ ଗୁରୁବାର 'ଗଣତନ୍ତ୍ର ବଞ୍ଚାଓ, ଅରାଜକତା ହଟାଓ' ଅଭିଯାନ ଅବସରରେ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ଝରୀଗାଁ



ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ସଚେତନ ନାଗରିକମାନେ ଯୋଗଦେଇ ଗଣତନ୍ତ୍ରର ସୁରକ୍ଷା ଓ ସମାଜରେ ସଚେତନତା ସୃଷ୍ଟି ଉପରେ ମତବ୍ୟକ୍ତ କରିଥିଲେ।

ଏହି କାର୍ଯ୍ୟକ୍ରମ ଏକ ରାଜନୈତିକ ଦଳ ପକ୍ଷରୁ ଆୟୋଜିତ ହୋଇଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ଭୁଇଁଆ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବରିଷ୍ଠ ଏନ୍‌ଜିଓ ଅଧିକାରୀ ଶ୍ରୀ ପରମା ପଣ୍ଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ବୁଦ୍ଧିଜୀବୀ ଶ୍ରୀ ରମେଶ ଚୌହାନ, ସାଂସଦ ବଳଭଦ୍ର ମାଝୀ ଓ ବିଧାୟକ ନରସିଂହ ଭତ୍ରାଙ୍କ ସମେତ ଅନ୍ୟାନ୍ୟ ଅତିଥି ମଞ୍ଚାସୀନ ଥିଲେ।

ମୁଖ୍ୟ ଅତିଥି ଶ୍ରୀ ପଣ୍ଡା ନିଜ ଅଭିଭାଷଣରେ କହିଥିଲେ ଯେ, ପ୍ରଥମେ ପ୍ରତ୍ୟେକ ବ୍ୟକ୍ତି ନିଜେ ସଚେତନ ହେବା ଆବଶ୍ୟକ। ବ୍ୟକ୍ତି ସଚେତନ ହେଲେ ପରିବାର ସଚେତନ ହେବ, ପରିବାରରୁ ସାହି, ଗାଁ, ବ୍ଲକ, ଜିଲ୍ଲା ଏବଂ ଶେଷରେ ସମଗ୍ର ବିଶ୍ୱରେ ସଚେତନତାର ବାର୍ତ୍ତା ପହଞ୍ଚିପାରିବ। ତେଣୁ ସମାଜର ପରିବର୍ତ୍ତନ ପାଇଁ ବ୍ୟକ୍ତିଗତ ସଚେତନତା ହିଁ ପ୍ରଥମ ପଦକ୍ଷେପ ବୋଲି ସେ ମତପ୍ରକାଶ କରିଥିଲେ। ସମ୍ମିଳନୀରେ ଗଣତନ୍ତ୍ରର ସୁରକ୍ଷା, ଭାରତୀୟ ସମ୍ବିଧାନର ମୂଳ ମୂଲ୍ୟବୋଧ, ନାଗରିକଙ୍କ ମୌଳିକ ଅଧିକାର, ସାମାଜିକ ନ୍ୟାୟ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଗଣତନ୍ତ୍ରର ମର୍ଯ୍ୟାଦା ରକ୍ଷା କରିବା ସହ ଅନ୍ୟାୟ, ଅବ୍ୟବସ୍ଥା ଓ ଅରାଜକତା ବିରୋଧରେ ଜଣେ ସଚେତନ ନାଗରିକ ଭାବେ ସମସ୍ତେ ଏକଜୁଟ ହେବା ଆବଶ୍ୟକ ବୋଲି ଅତିଥିମାନେ ମତ ରଖିଥିଲେ।

ଏଥିସହ ସମ୍ବିଧାନର ଆଦର୍ଶ ଓ ଗଣତାନ୍ତ୍ରିକ ଚେତନାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ସମାଜରେ ନାଗରିକ ସଚେତନତା ବୃଦ୍ଧି କରିବା ଉପରେ ଉପସ୍ଥିତ ବୁଦ୍ଧିଜୀବୀମାନେ ଗୁରୁତ୍ୱାରୋପ କରିଥିଲେ।

ବ୍ଲକସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ

ତେନ୍ତୁଳିଖୁଣ୍ଟି, ୫।୧୧(ନି.ସୂ) : ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ପିଏମ୍ ଶ୍ରୀ ବାପୁଜୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ 'ସୁରଭି ୨୦୨୬' କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ବ୍ଲକର ୧୨ଟି କ୍ଲଷ୍ଟରରୁ ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ୨୯ଟି



ବିଭାଗରେ ୨୯ ପ୍ରକାର ପ୍ରତିଯୋଗିତାରେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ସଙ୍ଗୀତ, ନୃତ୍ୟ, ସମ୍ବାଦ ଓ ବିତର୍କ ସମେତ ବିଭିନ୍ନ ପ୍ରତିଯୋଗିତାରେ କୁନି କୁନି ପ୍ରତିଯୋଗୀମାନେ ଉତ୍ସାହର ସହ ଭାଗ ନେଇଥିଲେ।

କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ବିଭୂତି ଭୂଷଣ ପତି ଓ ସଞ୍ଜୀବ ସାହୁ କରିଥିଲେ। ସେମାନେ ମଞ୍ଚକୁ ଅତିଥିମାନଙ୍କୁ ଆମନ୍ତ୍ରଣ କରିବା ସହ ମଞ୍ଚାସୀନ ହେବାକୁ ଅନୁରୋଧ କରିଥିଲେ। ଉଦ୍‌ଘାଟନୀ ସଭାରେ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ଦାଶ ସଭାପତିତ୍ୱ କରିଥିବା ବେଳେ ନବରଙ୍ଗପୁର ବିଧାୟକଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ବିଶୋଇ ମୁଖ୍ୟ ଅତିଥି ଏବଂ ତେନ୍ତୁଳିଖୁଣ୍ଟି ବ୍ଲକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେହିପରି ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

ଏହାବ୍ୟତୀତ ସହକାରୀ ଗୋଷ୍ଠି ଅଧିକାରୀ କୃପାସିନ୍ଧୁ ନାୟକ, ଆଶିଷ ପଣ୍ଡା, କୁଳରଞ୍ଜନ ସୁନା, ହେମନ୍ତ ମାଝୀ, କ୍ଷେତ୍ରମୋହନ ବିଶୋଇ, ସପନ କୁମାର ଖୁରା, ହାନେଶ ପାତ୍ର ବାଘ, ହରିହର ମିଶ୍ର, ପିତାମ୍ବର ବିଶୋଇ, ଗୋପୀନାଥ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ, ସୃଜନଶୀଳତା ଓ ଆତ୍ମବିଶ୍ୱାସ ବୃଦ୍ଧିରେ 'ସୁରଭି' ଭଳି କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷା ସହିତ କଳା, ସଂସ୍କୃତି ଓ ସୃଜନଶୀଳତାର ସମନ୍ୱୟ ଘଟାଇ ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ଏହି 'ସୁରଭି' କାର୍ଯ୍ୟକ୍ରମ ଏକ ଉତ୍କୃଷ୍ଟ ମଞ୍ଚ ପ୍ରଦାନ କରିଛି।

ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପାଟଣାଗଡ, ୫।୧୧(ନି.ସୂ) : ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଡିଆବାହାଲ ଉନ୍ନିତ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଆଦର୍ଶ ଶିକ୍ଷକ ଲେକୃ ଧରୁଆଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ସ୍କୁଲ ପରିସରରେ ଆୟୋଜିତ ସଭାରେ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସବିତା ବରିହା ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଡିଆବାହଲ ପବିତ୍ର ମାଟିର ନିଃସ୍ୱାର୍ଥପର ସମାଜସେବୀ ତଥା ଗୌନ୍ତିଆ ଫକିର ମୋହନ ପଧାନ ମୁଖ୍ୟ ଅତିଥି, ପଡିଆବାହାଲ ସରପଞ୍ଚ ଦେବରାଜ ପଧାନ, ଅବସର ପ୍ରାପ୍ତ ଶିକ୍ଷକ ଜୟପାଲ,ଭରୁଆମୁଣ୍ଡା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଞ୍ଚାନନ କରନ,ପରିଚାଳନା କମିଟି ସଭାପତି ରାଜୀବ ପଧାନ, ପୁର୍ବତନ ସଭାପତି ସଦାନନ୍ଦ ପଧାନ,ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ସ୍କୁଲର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ , ଅଭିଭାବକ , ପରିଚାଳନା କମିଟି ର ସମସ୍ତ ସଦସ୍ୟ/ସଦସ୍ୟା, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ଉପଢ଼ୌକନ ଦେଇ ସମ୍ବର୍ଦ୍ଧନା



ଦିଆଯାଇଥିବା ବେଳେ ବରିଷ୍ଠ ଆଦର୍ଶ ଶିକ୍ଷକଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରାଯାଇଥିଲା । ଶିକ୍ଷକଙ୍କ ଦୀର୍ଘାୟୁ ଜୀବନ ପାଇଁ ଗ୍ରାମବାସୀ ପୁରୀ ଓ ହରିଶଙ୍କର ଯାଇ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ । ପୁରୀ ରୁ ଫେରି ଗାଁ ପରିକ୍ରମା କରିବା ସମୟରେ ପ୍ରତ୍ୟେକ ଘର ସମ୍ମୁଖରେ ପୂର୍ଣ୍ଣ କଳସ ସ୍ଥାପନ କରାଯାଇ ସଂକିର୍ତ୍ତନ ଦଳ ମୃଦଙ୍ଗ ତାଳ ଭଜନ କୀର୍ତ୍ତନରେ ଫୁଲ ଚନ୍ଦନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିମାନେ ବିଦାୟୀ ବରିଷ୍ଠ ଆଦର୍ଶ ଶିକ୍ଷକଙ୍କ ଦୀର୍ଘ ଶିକ୍ଷକତା ଜୀବନ ମଧ୍ୟରେ ସୁଚାରୁରୂପେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ବିଷୟରେ ଆଲୋକପାତ କରିଥିଲେ। ସେ ଖପ୍ରାଖୋଲ ବ୍ଲକର ବିଭିନ୍ନ ସ୍କୁଲରେ ଶିକ୍ଷା ଦାନ କରି ଶନିବାର ଅବସର ଗ୍ରହଣ କରିଛନ୍ତି । ପଡିଆବାହଲ ଉନ୍ନିତ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରମୋଦ ମେହେର,ଅଜୟ ସିଧାର, ଫକିର ରଣା, ଅଶୋକ ମେହେର, ଚିତ୍ତରଞ୍ଜନ ସାହୁ,ଭାରତୀ ବେଷ୍ଟକାର,ରାଖି ଦାସ, ବାଳକୃଷ୍ଣ ପୁରୋହିତ, ଉପେନ୍ଦ୍ର ପ୍ରଧାନ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା ରେ ସହଯୋଗ କରିଥିଲେ। ପରେ ଶତାଧିକ ଗ୍ରାମବାସୀ ଶିକ୍ଷକ ଶ୍ରୀଧରୁଆ ନିଜ ଜନ୍ମ ଗାଁ ପଣ୍ଡରିପାଣି କୁ ଆଣି ଛାଡିଥିଲେ। ପଣ୍ଡରିପାଣିରେ ମଧ୍ୟ ଗ୍ରାମବାସୀଙ୍କ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ଗଣ୍ଡାବଜା ତାଳେତାଳେ,ବାଣଫୁଟାଇ ଗାଁ ପରିକ୍ରମା କରାଯାଇଥିଲା। ସେଠାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମଧ୍ୟ ଶିକ୍ଷକ ଶ୍ରୀ ଧରୁଆଙ୍କ ସୁସ୍ଥ ନିରାମୟ ଜୀବନ କାମନା କରାଯାଇଥିଲା।

ଶିଶୁ ସୁରକ୍ଷା ଓ ଶିଶୁ ପାଇଁ ଦିନଟିଏ ସଚେତନା ଶିବିର

ଗୁଡାରୀ, ୫।୧୧(ନି.ସୂ) : ଗୁଡାରୀ ବ୍ଲକ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଶିଶୁ ଶ୍ରମମୁକ୍ତ ଶିଶୁପାଇଁ ଦିନଟିଏ ପକ୍ଷ ପାଳନ ହୋଇ ଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ



ଅତିଥିଭାବେ ବିଡିଓ ସୁଚିସ୍ମିତା ବେହେରା, ସମ୍ମାନୀୟ ଅତିଥ ଭାବେ ସିଡିପିଓ ଅନିତା ପାଣିଗ୍ରାହି, ଶ୍ରମ ଅଧିକାରୀ ବାବୁ ସାହୁ, ଏ,ବିଡିଓ ସୌଭାଗ୍ୟ ରଞ୍ଜନ କର ପ୍ରମୁଖ ପଞ୍ଚାୟତ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଉକ୍ତ କାର୍ଯକ୍ରମରେ ଶିଶୁଶ୍ରମିକ ଉଚ୍ଛେଦ ସଚେତନା ପାଇଁ ଭିଡିଓ ମାଧ୍ୟମରେ ସଚେତନା କରାଯାଇଥିଲା । ସରକାର ବିଭିନ୍ନ କାର୍ଯ୍ୟକ୍ରମର ସଚେତନା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ଧର୍ମକୁ ଆଖିଠାର ଭଳି ଅଜସ୍ର ଟଙ୍କା ଖର୍ଚ୍ଚ କରାଯାଇଥିଲା ।

ଶିଶୁଶ୍ରମିକ, ବାଲ୍ୟ ବିବାହ, ବାଲ୍ୟକାଳରୁ ଯୌନ ନିର୍ଯାତନା ପାଇ ସତେତନା କରାଯିବା ସହ ଏହାର ବ୍ୟତିକ୍ରମ ହେଲେ ବିଭିନ୍ନ କଠିନ ଦଣ୍ଡ ବିଧାନର ବ୍ୟବସ୍ଥା ରହିଥିଲେ ସୁଧା ଥମିବାର ନାଗନ୍ଧ ନାହିଁ । ବର୍ତ୍ତମାନ ଆଗକୁ ସରକାରି କାର୍ଯକ୍ରମ ଶିକ୍ଷା, ଗମନାଗମନ, ପାନିୟଜଳ ସଚେତନା କାର୍ଯ୍ୟକ୍ରମ ଦ୍ୱାରା କେତେଦୂର ସଫଳ ହେବ ଦେଖିବାକୁ ବାକି ରହିଲା ।

କୁଷ୍ଠ ନିରାକରଣ ପାଇଁ ସଚେତନତା ଶିବିର

ଅମ୍ବାଦଳା, ୫।୧୧(ନି.ସୂ) : ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ଥାନୀୟ ସାମନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ କୁଷ୍ଠ ରୋଗ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଯୁକ୍ତ ଦୁଇ ପ୍ରଥମ ଓ ଦ୍ୱିତୀୟ ବର୍ଷର ଦୁଇ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଥିଲେ।

କାର୍ଯ୍ୟକ୍ରମରେ ବିଶେଷଜ୍ଞମାନେ ଯୋଗଦେଇ କହିଥିଲେ ଯେ, କୁଷ୍ଠ ଏକ ସାଧାରଣ ଜୀବାଣୁଜନିତ ରୋଗ। ଏହା ବଂଶଗତ କିମ୍ବା ଅଭିଶାପ ନୁହେଁ। ଶରୀରରେ ଈଷତ ସଫା ବା ତମ୍ବାଳିଆ ବର୍ଣ୍ଣର ବଧିରା ଛଉ ଦେଖାଦେବା, ହାତ-ଗୋଡ଼ ଝିମ୍‌ଝିମ୍ ହୋଇ କାଲୁଆ ଲାଗିବା ଏବଂ ଆଖିପତା ଦୁର୍ବଳ ହୋଇ ପତା ପକାଇବାରେ ଅସୁବିଧା ହେବା ଏହି ରୋଗର ପ୍ରମୁଖ ଲକ୍ଷଣ। ଅବହେଳା କଲେ ରୋଗୀ ବିକଳାଙ୍ଗ ହେବାର ଆଶଙ୍କା ଥାଏ। ତେବେ ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ ହୋଇ ନିୟମିତ ଚିକିତ୍ସା ଗ୍ରହଣ କଲେ ରୋଗୀ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିବା ସହ ବିକଳାଙ୍ଗରୁ ରକ୍ଷା ପାଇପାରିବେ। ସମାଜରେ



କୁଷ୍ଠ ରୋଗୀଙ୍କ ପ୍ରତି ଥିବା ଭେଦଭାବ ଦୂର କରିବା ଏବଂ ସେମାନଙ୍କୁ ସହାନୁଭୂତିର ସହ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଛାତ୍ରଛାତ୍ରୀମାନେ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଥିଲା।

ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅମୀର କରକରିଆ ପ୍ରଥମ, ଯଶ୍ମିତା ଗୌଡ଼ ଦ୍ୱିତୀୟ ଏବଂ ସୁନେନା ବେହେରା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନୋଡାଲ ଅଧିକାରୀ ଡାକ୍ତର ଶୁଚିସ୍ମିତା ସାହୁ, ସ୍ୱାସ୍ଥ୍ୟ ପରିଦର୍ଶକ ସାନ୍ତ୍ୱନା ପାଲ, ବିଏନ୍‌ଏଲଡବ୍ଲ୍ୟୁ ବୁଢୁ ଚିଚୁଆନ, ସିଏଚ୍‌ଓ ତେଜେଶ୍ୱରୀ ମହାନ୍ତି ଓ ସ୍ୱାସ୍ଥ୍ୟକର୍ମୀ ଶ୍ରୀକାନ୍ତ ବେହେରା ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

ଅନୁଷ୍ଠାନର ଅଧ୍ୟକ୍ଷ ଗୋଲକ ବିହାରୀ ଘୋଡ଼େଇ, ଅଧ୍ୟାପକ ସୁଜିତ କୁମାର ସେଠି, ତପନ କୁମାର ସାହୁ, ମନୋଜ କୁମାର ଦାଶ ଓ ରମଣୀ ରଞ୍ଜନ ଜେନା କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ। ପରିଶେଷରେ ସ୍ୱାସ୍ଥ୍ୟ ପରିଦର୍ଶକ ଶ୍ରୀ ପାଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ମାଣ୍ଡିଆ ଦିବସ ପାଳିତ

୧୦ ଜଣ ପ୍ରଗତିଶୀଳ ମାଣ୍ଡିଆ ଚାଷୀ ସମ୍ବର୍ଦ୍ଧିତ

ନୂଆପଡା, ୫।୧୧(ନି.ସୂ) : ଶ୍ରୀ ଅନ୍ନ ଅଭିଯାନ ଆନୁକୂଲ୍ୟରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆଜି ନୂଆପଡ଼ା ଜିଲ୍ଲା ସିଲଦାସ୍ଥିତ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରଠାରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ-୨୦୨୬ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ।

ପ୍ରାରମ୍ଭରେ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ପୁଷ୍ଟିକର ଖାଦ୍ୟ ସାମଗ୍ରୀର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିରେ ମାଣ୍ଡିଆର ବହୁମୁଖୀ ବ୍ୟବହାର ଓ ପୁଷ୍ଟିଗତ ଉପକାରିତା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା।

ଏହାପରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଙ୍କ ସମେତ ଜିଲ୍ଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝୀ, ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା ସନ୍ତୋଷ କୁମାର ରଥ ଏବଂ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜଗବନ୍ଧୁ ପଟେଲ ମଞ୍ଚାସୀନ ଥିଲେ।ଚଳିତ ବର୍ଷ ମାଣ୍ଡିଆ ଦିବସର ବିଷୟବସ୍ତୁ 'ସହନଶୀଳ ଖାଦ୍ୟ ପ୍ରଣାଳୀ ପାଇଁ ଗୋଷ୍ଠୀଭିତ୍ତିକ



ବିହନ ବ୍ୟବସ୍ଥା ଓ କୃଷି ଜୈବବିବିଧତା' ଉପରେ ଆଧାରିତ ଥିଲା। ଏହି ଅବସରରେ ମାଣ୍ଡିଆ ଓ ଅନ୍ୟାନ୍ୟ ପୁଷ୍ଟିଶସ୍ୟର ପୋଷଣଗତ ଗୁଣବତ୍ତା, ସ୍ୱାସ୍ଥ୍ୟ ଉପକାରିତା ଏବଂ ପରିବେଶ ଅନୁକୂଳ ଚାଷ ପ୍ରଣାଳୀର ଗୁରୁତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା।


ଏଥିସହ ମାଣ୍ଡିଆ ଚାଷର ପ୍ରସାର, ଦୈନନ୍ଦିନ ଖାଦ୍ୟରେ ଏହାର ବ୍ୟବହାର ବୃଦ୍ଧି ଏବଂ ଚାଷୀମାନଙ୍କୁ ଏହି ଚାଷ ପ୍ରତି ଅଧିକ ଉତ୍ସାହିତ କରିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜିଲ୍ଲାର ପାଞ୍ଚଟି ବ୍ଲକ୍‌ରୁ ୧୦ ଜଣ ପ୍ରଗତିଶୀଳ ମାଣ୍ଡିଆ ଚାଷୀଙ୍କୁ ଚାଷ କ୍ଷେତ୍ରରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ଓ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, କୃଷି ବିଭାଗର ଅଧିକାରୀ, ଚାଷୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

ବଡ଼ଝରିଲୋ ଶ୍ୟାମାକାଳୀ ପୂଜା ଓ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଡିଜେ, ବାଣ ଓ ମଦମୁକ୍ତ ଉତ୍ସବ ପାଳନ ପାଇଁ ପରାମର୍ଶ

ଫୁଲନଖରା, ୫।୧୧(ନି.ସୂ) : କଟକ ଜିଲ୍ଲାର ବଡ଼ଝରିଲୋଠାରେ ବିଶ୍ୱପ୍ରସିଦ୍ଧ ଶ୍ୟାମାକାଳୀ ପୂଜା ଓ ମହୋତ୍ସବକୁ ଶାନ୍ତିଶୃଙ୍ଖଳା, ଭାଇଚାରା ଓ ଆନନ୍ଦମୟ ପରିବେଶରେ ସମ୍ପନ୍ନ କରିବା ନିମନ୍ତେ କଟକ ସଦର ଥାନା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବଡ଼ଝରିଲୋସ୍ଥିତ ଅଭିନନ୍ଦନ ମଣ୍ଡପର ଅଭ୍ୟର୍ଥନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଶ୍ୟାମାକାଳୀ ସାଂସ୍କୃତିକ ପରିଷଦର ସଭାପତି ପ୍ରତାପ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କଟକ ସଦର ଥାନା ଅଧିକାରୀ ତୁଷାରକାନ୍ତ ସେଠୀ ଯୋଗଦେଇ ପୂଜା, ସାଂସ୍କୃତିକ ମହୋତ୍ସବ ଓ ଭସାଣି ଉତ୍ସବକୁ ସୁରୁଖୁରୁରେ ଏବଂ ଶୃଙ୍ଖଳିତ ଭାବେ ପାଳନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ଥାନା ଅଧିକାରୀ ଶ୍ରୀ ସେଠୀ ଉତ୍ସବ ସମୟରେ ଆଇନଶୃଙ୍ଖଳା ରକ୍ଷା, ଜନସାଧାରଣଙ୍କ ସୁରକ୍ଷା ଓ ଶାନ୍ତିପୂର୍ଣ୍ଣ ପରିବେଶ ବଜାୟ ରଖିବା ପାଇଁ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀଙ୍କ ସହଯୋଗ କାମନା କରିଥିଲେ। ବିଶେଷକରି ଡିଜେ ମୁକ୍ତ, ବାଣ ମୁକ୍ତ ଓ ମଦମୁକ୍ତ ପୂଜା, ଭସାଣି ଓ ମହୋତ୍ସବ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଉତ୍ସବରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୁଏ, ସେଥିପ୍ରତି ସମସ୍ତେ ସଚେତନ ରହିବାକୁ ଆହ୍ୱାନ ଦେଇଥିଲେ।ଏହି ପ୍ରସ୍ତୁତି ବୈଠକରେ ଏଏସ୍‌ଆଇ ପ୍ରଶାନ୍ତ କୁମାର ପରିଡ଼ା, ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ପାତ୍ର, ସମିତି ସଭ୍ୟ ସତ୍ୟବ୍ରତ ଜେନା, କମିଟିର ଅଧ୍ୟକ୍ଷ ମନୋଜ ଦାସ, ସମ୍ପାଦକ ସୁବୋଧ କୁମାର ପଟ୍ଟନାୟକ, ସହସମ୍ପାଦକ ମନୋରଞ୍ଜନ ଦାସ ଓ କୋଷାଧ୍ୟକ୍ଷ ନିତାଇ ଗୌର ଦାସ ପ୍ରମୁଖ ଯୋଗଦେଇ ମହୋତ୍ସବର ସଫଳ ଆୟୋଜନ ନିମନ୍ତେ ନିଜ ନିଜର ମତାମତ ଓ ପରାମର୍ଶ ରଖିଥିଲେ।



କମିଟି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ମା' ଶ୍ୟାମାକାଳୀଙ୍କ ପୂଜା ଆସନ୍ତା ୮ ତାରିଖରୁ ଆରମ୍ଭ ହେବ। ୯ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଥିବାବେଳେ ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଅପେରା ଯାତ୍ରା ପରିବେଷଣ କରାଯିବ। ଏହାପରେ ଆସନ୍ତା ୧୬ ତାରିଖରେ ମା'ଙ୍କ ଭସାଣି ଉତ୍ସବ ଆୟୋଜିତ ହେବ।ବଡ଼ଝରିଲୋର ଏହି ଶ୍ୟାମାକାଳୀ ପୂଜା ଓ ମହୋତ୍ସବ କେବଳ ଏକ ଧାର୍ମିକ ଆୟୋଜନ ନୁହେଁ, ବରଂ ଏହା ଅଞ୍ଚଳର କଳା, ସଂସ୍କୃତି, ପରମ୍ପରା ଓ ସାମାଜିକ ଏକତାର ଏକ ନିଆରା ପରିଚୟ ବହନ କରିଆସୁଛି। ଆକର୍ଷଣୀୟ ତୋରଣ, ରଙ୍ଗବେରଙ୍ଗର ଆଲୋକସଜ୍ଜା, ମନୋରଞ୍ଜନମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମୀନାବଜାର ଏହି ମହୋତ୍ସବର ମୁଖ୍ୟ ଆକର୍ଷଣ ପାଲଟିଥାଏ। ଫଳରେ ପ୍ରତିଦିନ ଏଠାରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ, ଦର୍ଶକ ଓ ମେଳାପ୍ରେମୀଙ୍କ ସମାଗମ ହୋଇଥାଏ।

ଦୂରଦୂରାନ୍ତରୁ ଲୋକମାନେ ମା'ଙ୍କ ଦର୍ଶନ ସହ ମହୋତ୍ସବର ଆନନ୍ଦ ଉପଭୋଗ କରିବାକୁ ଆସିଥାନ୍ତି।ଏଭଳି ଏକ ବିଶାଳ ଜନସମାଗମପୂର୍ଣ୍ଣ ଉତ୍ସବକୁ ସୁରୁଖୁରୁରେ ପରିଚାଳନା କରିବା ସହଜ କାର୍ଯ୍ୟ ନୁହେଁ। ତଥାପି ପୂଜା କମିଟିର ସୁଚିନ୍ତିତ ଯୋଜନା, ସମର୍ପିତ ମନୋଭାବ, ଯୁବଗୋଷ୍ଠୀଙ୍କ ସକ୍ରିୟ ସହଯୋଗ ଏବଂ ଗ୍ରାମବାସୀଙ୍କ ଏକତା ଏହି ମହୋତ୍ସବକୁ ପ୍ରତିବର୍ଷ ଆକର୍ଷଣୀୟ କରିଆସୁଛି। ବିଶେଷକରି ଧାର୍ମିକ ଭାବନା ସହ ସାମାଜିକ ଦାୟିତ୍ୱବୋଧକୁ ଗୁରୁତ୍ୱ ଦେଇ ଏକ ଶାନ୍ତିପୂର୍ଣ୍ଣ ଓ ସୁସ୍ଥ ପରିବେଶରେ ମହୋତ୍ସବ ପାଳନ କରିବାକୁ କମିଟିର ଉଦ୍ୟମ ପ୍ରଶଂସନୀୟ।ଯୁବ ପରିଚାଳନା ଦାୟିତ୍ୱରେ ଥିବା ଅସିତ କୁମାର ସାସମଲ, ଅନିଲ କୁମାର ସାସମଲ, ବିଦ୍ୟାଧର ମଲ୍ଲିକ, ରବିନାରାୟଣ ଦାସ, ସିଦ୍ଧାର୍ଥ ଦାସ, ରତିକାନ୍ତ ମହାନ୍ତି, ଘନେଶ୍ୱର ପାତ୍ର, ପ୍ରସନ୍ନଜିତ ଦାସ ଓ ପ୍ରତାପ ବେଉରାଙ୍କ ସମେତ ବଡ଼ଝରିଲୋ ଗ୍ରାମର ବହୁ ବୁଦ୍ଧିଜୀବୀ, ଯୁବକ ଓ ଗ୍ରାମବାସୀ ଉପସ୍ଥିତ ରହି ବୈଠକର ସଫଳତା ଓ ମହୋତ୍ସବର ସୁପରିଚାଳନା ପାଇଁ ସହଯୋଗର ହାତ ବଢ଼ାଇଥିଲେ।

ମଦ ଜବତ, ଜଣେ ଗିରଫ

ସିନାପାଲି, ୫।୧୧(ନି.ସୂ) : ନୂଆପଡ଼ା ଜିଲ୍ଲା, ସିନାପାଲି ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୩୦ ଲିଟର ଦେଶୀ ରକ୍ଷା ମଦ ଜବତ କରାଯାଇଛି । ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।



ସୂଚନା ଅନୁଯାୟୀ, ସିନାପାଲି ଥାନା ଅନ୍ତର୍ଗତ ଘୁଚାଗୁଡ଼ା ପୋଷ୍ଟ ଅଧୀନ ଖଇରପଦର ଗ୍ରାମର ବୃନ୍ଦେଶ୍ୱର ମାଝୀଙ୍କ ଘର ପଛପଟେ ବେଆଇନ ଭାବେ ଦେଶୀ ମଦ ରଖାଯାଇଥିବା ଖବର ପାଇ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ୩୦ ଲିଟର ଦେଶୀ ମଦ ଜବତ ହୋଇଥିଲା।

ଏନେଇ ଅବକାରୀ ମାମଲା ନଂ ୨୬୪/୨୦୨୬-୨୭ ରୁଜୁ କରାଯାଇ ଅଭିଯୁକ୍ତ ବୃନ୍ଦେଶ୍ୱର ମାଝୀଙ୍କୁ ୪ ନଭେମ୍ବର ୨୦୨୬ ଦିନ ଗିରଫ କରାଯାଇଥିଲା। ପରେ ତାଙ୍କୁ ସିନାପାଲି ଜେ.ଏମ୍.ଏଫ୍.ସି. ଅଦାଲତରେ ହାଜର କରାଯିବା ପରେ ଖଡ଼ିଆଳ ଜେଲକୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଏହି ଚଢ଼ାଉରେ ଅବକାରୀ ବିଭାଗର ବୈଜୟନ୍ତୀ ସବର ଓ ମଧୁସୂଦନ ସିଂହ ସାମିଲ ଥିଲେ।

AFFIDAVIT

By virtue of an affidavit sworn before Executive Magistrate Anandapur, Kendujhar, Affidavit No-3076, Dt-03/09/2026, I Sakina Bibi ,W/O Sek Maimud, At-Soso,Po-Soso,Via-D.J.Pur,Ps-Soso,Dist-Kendujhar, Odisha,758078, declare that I have changed my name from Sayyad Shaheera to Sakina Bibi. Henceforth,I shall be known as Sakina Bibi for all purpose

ଉପମୁଖ୍ୟମନ୍ତ୍ରୀଙ୍କ ହାତରୁ ହେଲେ ସମ୍ମାନୀତ

ବାଲ୍ୟବିବାହ ରୋକିବାରେ ଧରିତ୍ରୀଙ୍କ ସାହସିକ ପ୍ରୟାସକୁ ସମ୍ମାନ

ବଲାଙ୍ଗିର,୦୫/୧୧(ନି.ସୂ): ବାଲ୍ୟବିବାହ ଭଳି ଏକ ସାମାଜିକ କୁପ୍ରଥା ବିରୋଧରେ ସଚେତନତା ସୃଷ୍ଟି କରିବା ସହ ଅନ୍ୟ ଶିଶୁ ଓ କିଶୋରୀମାନଙ୍କ ପାଇଁ ପ୍ରେରଣାର ଉଦାହରଣ ସାଜିଛନ୍ତି ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକର ଆଦିବାସୀ ଝିଅ ଧରିତ୍ରୀ ସେଠ । ତାଙ୍କର ଏହି ଉଲ୍ଲେଖନୀୟ ସାମାଜିକ ଅବଦାନ ଓ ବାଲ୍ୟବିବାହ ନିରାକରଣ ଦିଗରେ ସଚେତନାମୂଳକ ପ୍ରୟାସ ପାଇଁ ଓଡିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ତାଙ୍କୁ ସମ୍ମାନିତ କରିଛନ୍ତି । ବେଲପଡା ବ୍ଲକର ନରୋତ୍ତମ ସେଠଙ୍କ କନ୍ୟା ଧରିତ୍ରୀ ଆଦ୍ୟାଶା କାର୍ଯ୍ୟକ୍ରମ ସହ ଜଡିତ ରହି ବାଲ୍ୟବିବାହ ନିରାକରଣ,ଶିଶୁ ଅଧିକାର, କିଶୋରୀ ସଶକ୍ତୀକରଣ ଏବଂ ସାମାଜିକ ସଚେତନତା ଦିଗରେ ସକ୍ରିୟ ଭୂମିକା ନିର୍ବାହ କରିଆସୁଛନ୍ତି । ନିଜ ବୟସର ପିଲାମାନଙ୍କୁ ଶିକ୍ଷା ଜାରି ରଖିବା, ବାଲ୍ୟବିବାହକୁ ନା କହିବା ଏବଂ ନିଜ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବାକୁ ସେ ପ୍ରେରିତ କରୁଛନ୍ତି । ୟୁନିସେଫ୍ ଏବଂ ଏଡ୍‌ଏଟ୍‌ଆକ୍ସନର ସହଯୋଗରେ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପରିଚାଳିତ ଆଦ୍ୟାଶା କାର୍ଯ୍ୟକ୍ରମ କିଶୋରୀମାନଙ୍କ ମଧ୍ୟରେ ନେତୃତ୍ୱ, ଆତ୍ମ ବିଶ୍ୱାସ ଓ ସାମାଜିକ ଦାୟିତ୍ୱବୋଧ ବିକାଶ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି । ବଲାଙ୍ଗିର ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ଆଗେଇ ନେବାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏବଂ ବେଲପଡା ସିଡିପିଓଙ୍କ ଉଲ୍ଲେଖନୀୟ ସହଯୋଗ ରହିଛି । ଗ୍ରାମାଞ୍ଚଳର ଶିଶୁ ଓ କିଶୋରିମାନେ ମଧ୍ୟ ପ୍ରୟାସ କଲେ ସମାଜରେ ପରିବର୍ତ୍ତନ ସମ୍ଭବ ବୋଲି ଧରିତ୍ରୀ ପ୍ରକାଶ କରିଛନ୍ତି ।



ଶିକ୍ଷକ ଅଭାବରୁ ଯୋଡ଼ିଆ ସ୍କୁଲରେ ତାଲା

ଧାରଣାରେ ବସିଲେ ଛାତ୍ରଛାତ୍ରୀ,ବିଇଓଙ୍କ ପ୍ରତିଶ୍ରୁତି ପରେ ଖୋଲିଲା ଫାଟକ

ବିଶୋଇ,୫/୧୧(ନି.ସୂ.):ଶିକ୍ଷକ ଅଭାବକୁ ନେଇ ଯୋଡ଼ିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖାଦେଇଛି ତୀବ୍ର ଅସନ୍ତୋଷ । ଦୀର୍ଘ ୭ ମାସ ଧରି ଶିକ୍ଷକ ସମସ୍ୟାର ସମାଧାନ ହୋଇନଥିବାରୁ ଶେଷରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଅଭିଭାବକ ଓ ଗ୍ରାମବାସୀ । ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇବା ସହ ଛାତ୍ରଛାତ୍ରୀମାନେ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ । ତେବେ ବିଶୋଇ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) କପିଳେନ୍ଦ୍ର ଦାସଙ୍କ ହସ୍ତକ୍ଷେପ ଓ ଶିକ୍ଷକ ନିଯୁକ୍ତି ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି ।ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ଅନ୍ତର୍ଗତ ଯୋଡ଼ିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷ ୨୦୨୬-୨୭ରେ ନବମ ଶ୍ରେଣୀରେ ମୋଟ ୨୪ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । ମାତ୍ର ଆବଶ୍ୟକ ଶିକ୍ଷକ ନଥିବାରୁ ପାଠପଢ଼ା ଗୁରୁତର ଭାବେ ବ୍ୟାହତ ହେଉଛି । ପ୍ରାୟ ୭ ମାସ ଧରି ଶିକ୍ଷକ ଅଭାବ ଲାଗି ରହିଥିବା ବେଳେ ନବମ ଶ୍ରେଣୀ ସମେତ ବିଦ୍ୟାଳୟର ଅନ୍ୟ ଶ୍ରେଣୀଗୁଡ଼ିକରେ ମଧ୍ୟ ଶିକ୍ଷାଦାନ ପ୍ରଭାବିତ ହୋଇଆସୁଛି ।ଗତ ସେପ୍ଟେମ୍ବର ମାସରେ ପ୍ରଶାସନ ପକ୍ଷରୁ ଦୁଇ ଜଣ ଶିକ୍ଷକଙ୍କୁ ଡେପୁଟେସନରେ ପଠାଯାଇଥିଲେ ମଧ୍ୟ କିଛି ଦିନ ପରେ ଜଣେ ଶିକ୍ଷକ ନିଜ ପୂର୍ବ କାର୍ଯ୍ୟସ୍ଥଳକୁ ଫେରିଯାଇଥିଲେ । ଫଳରେ ମାତ୍ର ଜଣେ ଶିକ୍ଷକଙ୍କ ଉପରେ ସମଗ୍ର ବିଦ୍ୟାଳୟର ଶିକ୍ଷାଦାନ ଦାୟିତ୍ୱ ନ୍ୟସ୍ତ ହୋଇଥିଲା । ଏନେଇ ଅଭିଭାବକ ଓ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନଥିଲା । ଏହାକୁ ନେଇ ଗୁରୁବାର ଅଭିଭାବକ ଓ ଗ୍ରାମବାସୀ ଏକତ୍ରିତ ହୋଇ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇଥିଲେ । ଅନ୍ୟପକ୍ଷରେ ଶିକ୍ଷକ ଅଭାବରୁ ପାଠପଢ଼ା ବନ୍ଦ ହେଉଥିବା ପ୍ରତିବାଦରେ ଛାତ୍ରଛାତ୍ରୀମାନେ ମଧ୍ୟ ସ୍କୁଲ ଗେଟ୍ ସମ୍ମୁଖରେ ଧାରଣାରେ ବସିଥିଲେ ।ଖବର ପାଇ ବିଶୋଇ ବ୍ଲକ ଶିକ୍ଷା ଅଧିକାରୀ କପିଳେନ୍ଦ୍ର ଦାସ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ତୁରନ୍ତ ଜଣେ ନୂତନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା ସହ ଆଗାମୀ ବୁଧବାର ସୁଦ୍ଧା ଆଉ ଜଣେ ଶିକ୍ଷକଙ୍କୁ ବିଦ୍ୟାଳୟରେ ଅବସ୍ଥାପିତ କରାଯିବ ବୋଲି ବିଇଓ ଶ୍ରୀ ଦାସ ପ୍ରତିଶ୍ରୁତି ଦେଇଥିଲେ ।ଶିକ୍ଷା ଅଧିକାରୀଙ୍କ ଏହି ପ୍ରତିଶ୍ରୁତି ପରେ ଅଭିଭାବକ ମାନେ ଆନ୍ଦୋଳନ ପ୍ରତ୍ୟାହାର କରିବା ସହ ବିଦ୍ୟାଳୟର ତାଲା ଖୋଲିଥିଲେ । ଫଳରେ ବିଦ୍ୟାଳୟରେ ସ୍ଥିତି ସ୍ୱାଭାବିକ ହୋଇଥିଲା । ତେବେ ଶିକ୍ଷକ ନିଯୁକ୍ତି ପ୍ରତିଶ୍ରୁତି କେତେ ଶୀଘ୍ର ପୂରଣ ହେଉଛି ଏବଂ ଛାତ୍ରଛାତ୍ରୀଙ୍କ ପାଠପଢ଼ା କେବେ ସ୍ୱାଭାବିକ ହେଉଛି, ତାହା ଏବେ ଅଭିଭାବକ ଓ ଗ୍ରାମବାସୀଙ୍କ ନଜରରେ ରହିଛି ।



ଭୁବନେଶ୍ୱରରୁ ନିଖୋଜ ବରିଷ୍ଠ ସାମ୍ବାଦିକ ସୁଶାନ୍ତ ଦଳେଇ !

୩ ଦିନ ହେଲା ମିଳୁନି ପତ୍ତା, କେଗାଁ ଥାନାରେ ଅଭିଯୋଗ

ଗୋଲାମୁଣ୍ଡା,୦୫/୧୧(ନି.ସୂ): କେଗାଁରୁ ଭୁବନେଶ୍ୱର ଯାଇଥିବା ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ଦଳେଇ (୪୨) ନିଖୋଜ ହୋଇଯାଇଛନ୍ତି । ତିନି ଦିନ ବିତିଯାଇଥିଲେ ମଧ୍ୟ ତାଙ୍କର କୌଣସି ଖୋଜଖବର ମିଳିନଥିବାରୁ ପରିବାର ଲୋକେ ଗଭୀର ଚିନ୍ତାରେ ଅଛନ୍ତି । ଏନେଇ ତାଙ୍କ ପତ୍ନୀ ଅନୁପମା ଦଳେଇ କେଗାଁ ଥାନାରେ ଅଭିଯୋଗ କରିଛନ୍ତି । ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ୨ ନଭେମ୍ବର ୨୦୨୬ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ସୁଶାନ୍ତ ନିଜ ଗ୍ରାମ କେଗାଁରୁ ଭୁବନେଶ୍ୱର ଯିବା ପାଇଁ ବାହାରିଥିଲେ । ତେବେ ୩ ନଭେମ୍ବର ରାତି ପ୍ରାୟ ୯ଟାରେ ପରିବାର ଲୋକେ ତାଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରିବାରୁ ମୋବାଇଲ ଫୋନ୍ ସ୍ୱିଚ୍‌ଅଫ୍ ଥିବା ଜଣାପଡ଼ିଥିଲା । ଏହାପରେ ପରିବାର ପକ୍ଷରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନଥିଲା ।ଶେଷରେ ତାଙ୍କ ପତ୍ନୀ କେଗାଁ ଥାନାରେ ନିଖୋଜ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ଆଧାର କରି ପୋଲିସ ୪ ନଭେମ୍ବର ୨୦୨୬ରେ ନିଖୋଜ ବ୍ୟକ୍ତି ପଞ୍ଜିକରଣ ନମ୍ବର ୬୬/୨୦୨୬ରେ ମାମଲା ପଞ୍ଜିକରଣ କରିଛି । ତାଙ୍କୁ ଠାବ କରିବା ପାଇଁ ପୋଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ଜଣାପଡ଼ିଛି । ସୁଶାନ୍ତ କୁମାର ଦଳେଇ ଗୋଲାମୁଣ୍ଡା ବ୍ଲକର ଜଣେ ବରିଷ୍ଠ ସାମ୍ବାଦିକ ହୋଇଥିବାବେଳେ ଦୈନିକ ଓଡ଼ିଆ ଖବରକାଗଜ 'ପ୍ରଗତିବାଦୀ'ର ରିପୋର୍ଟର ଭାବେ କାର୍ଯ୍ୟରତ । ଜଣେ ସାମ୍ବାଦିକଙ୍କ ଏଭଳି ନିଖୋଜ ଘଟଣା ସ୍ଥାନୀୟ ସାମ୍ବାଦିକ ମହଲରେ ମଧ୍ୟ ଉଦ୍‌ବେଗ ସୃଷ୍ଟି କରିଛି । ତାଙ୍କ ସମ୍ପର୍କରେ କୌଣସି ସୂଚନା କିମ୍ବା ଖବର ମିଳିଲେ ନିକଟସ୍ଥ ପୋଲିସ ଥାନା କିମ୍ବା କେଗାଁ ଥାନାକୁ ତୁରନ୍ତ ଜଣାଇବା ପାଇଁ ପରିବାର ପକ୍ଷରୁ ସର୍ବସାଧାରଣଙ୍କୁ ଆକୁଳ ନିବେଦନ କରାଯାଇଛି ।



ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ଜମି ବିବାଦର ସମାଧାନ

୫ ଏକର ସରକାରୀ ଜମି ଚିହ୍ନଟ,ଶୁକ୍ରବାର ହେବ ଭୂମିପୂଜା

ବିଶୋଇ, ୫/୧୧ (ନି.ସୂ): ଦୀର୍ଘଦିନ ଧରି ଲାଗି ରହିଥିବା ଜମି ବିବାଦର ଅନ୍ତ ଘଟିଛି । ଗ୍ରାମବାସୀଙ୍କ ଦାବିକୁ ସମ୍ମାନ ଜଣାଇ ପ୍ରସ୍ତାବିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ପାଇଁ ନୂତନ ଜମି ଚିହ୍ନଟ କରାଯାଇଛି । ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ୍ ଅନ୍ତର୍ଗତ ଯୋଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟର ପଛପାର୍ଶ୍ୱରେ ଥିବା ୫ ଏକର ସରକାରୀ ଜମିରେ ଏହି ବିଦ୍ୟାଳୟ ନିର୍ମାଣ ହେବ । ଆସନ୍ତା ଶୁକ୍ରବାର ଦିନ ଉକ୍ତ ସ୍ଥାନରେ ଭୂମିପୂଜା ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି ।ସୂଚନା ଅନୁଯାୟୀ, ଯୋଡ଼ିଆ ପଞ୍ଚାୟତରେ ପ୍ରସ୍ତାବିତ ଏହି ଆଦର୍ଶ ବିଦ୍ୟାଳୟ ନିର୍ମାଣକୁ ନେଇ ଜମି ଚୟନରେ ବିବାଦ ଦେଖାଦେଇଥିଲା । ଗ୍ରାମର ପାରମ୍ପରିକ ଖେଳପଡ଼ିଆରେ ବିଦ୍ୟାଳୟ ନିର୍ମାଣ ପାଇଁ ପ୍ରସ୍ତାବ ରହିଥିବାରୁ ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା । ଖେଳପଡ଼ିଆର ସୁରକ୍ଷା ଏବଂ ଗ୍ରାମର ଯୁବପିଢ଼ିଙ୍କ ଖେଳକୁଦ ପାଇଁ ଉକ୍ତ ପଡ଼ିଆକୁ ସଂରକ୍ଷିତ ରଖିବା ଦାବିରେ ଗ୍ରାମବାସୀ ଅନ୍ୟ ସରକାରୀ ଜମିରେ ବିଦ୍ୟାଳୟ ନିର୍ମାଣ ପାଇଁ ଦାବି କରିଆସୁଥିଲେ ।ଗ୍ରାମବାସୀଙ୍କ ଏହି ଦାବିକୁ ଗୁରୁତ୍ୱ ଦେଇ ଗୁରୁବାର ଦିନ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ (ଆର.ଆଇ) ଅରୁଣ କୁମାର ମହାଳିକ, ବିଶୋଇ ବ୍ଲକ୍ ଶିକ୍ଷାଧିକାରୀ (ବିଇଓ) କପିଳେନ୍ଦ୍ର ଦାସ ଏବଂ ସମିତି ସଭ୍ୟ ଚାନ୍ଦ୍ରାଇ ସୋରେନଙ୍କ ଉପସ୍ଥିତିରେ ଜମି ଚିହ୍ନଟ ପ୍ରକ୍ରିୟା ହୋଇଥିଲା । ଯୋଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟ ପଛପାର୍ଶ୍ୱରେ ଥିବା ୫ ଏକର ସରକାରୀ ଜମିକୁ ବିଦ୍ୟାଳୟ ନିର୍ମାଣ ପାଇଁ ଚିହ୍ନଟ କରାଯାଇଛି । ଏହି ନିଷ୍ପତ୍ତି ଫଳରେ ଗ୍ରାମର ପାରମ୍ପରିକ ଖେଳପଡ଼ିଆ ସୁରକ୍ଷିତ ରହିବା ସହ ବିଦ୍ୟାଳୟ ନିର୍ମାଣ ପାଇଁ ମଧ୍ୟ ନୂତନ ଜମି ମିଳିପାରିଛି । ଜମି ବିବାଦର ସମାଧାନ ହେବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଆସନ୍ତାକାଲି ଶୁକ୍ରବାର ଚିହ୍ନଟ ହୋଇଥିବା ଉକ୍ତ ୫ ଏକର ଜମିରେ ବିଦ୍ୟାଳୟ ନିର୍ମାଣ ନିମନ୍ତେ ଭୂମିପୂଜା କରାଯିବାକୁ ସ୍ଥିର ହୋଇଛି ।ଏହି ନିଷ୍ପତ୍ତି ଯୋଡ଼ିଆ ଅଞ୍ଚଳରେ ଶିକ୍ଷାର ବିକାଶ ସହ ଗ୍ରାମବାସୀଙ୍କ ଦୀର୍ଘଦିନର ଦାବିକୁ ପୂରଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି ।




ଖଡିଆଳ ସହରର ନୂତନ କଲ୍ୟାଣ ମଣ୍ଡପରେ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ

ନୂଆପଡ଼ା,୦୫/୧୧(ନି.ସୂ):ଭାରତୀୟ ଜନତା ପାର୍ଟି ନୂଆପଡ଼ା ଜିଲ୍ଲା ପକ୍ଷରୁ ତା:୦୫-୧୧-୨୦୨୬ରିଖ ଗୁରୁବାର ମଧ୍ୟାହ୍ନ ୧୨ ଘଟିକା ସମୟରେ ଖଡିଆଳ ସହର ସ୍ଥିତ ହାଟପଦା ନୂତନ କଲ୍ୟାଣ ମଣ୍ଡପ ରେ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସମାଜ ଓ ରାଷ୍ଟ୍ରର ସାମ୍ପ୍ରତିକ ପ୍ରସଙ୍ଗ, ଜନକଲ୍ୟାଣ ଏବଂ ଅଞ୍ଚଳର ସାମଗ୍ରିକ ବିକାଶ ସମ୍ପର୍କ ରେ ବୁଦ୍ଧିଜୀବୀ,ଆଇନଜୀବୀ, ବ୍ୟବସାୟୀ,ସାମ୍ବାଦିକ, ଶିକ୍ଷକ, କୃଷକ,ବରିଷ୍ଠ ନାଗରିକ, ଅବସରପ୍ରାପ୍ତ କର୍ମଚାରୀ ଓ ବିଭିନ୍ନ ବୃତ୍ତିରେ ନିୟୋଜିତ ବ୍ୟକ୍ତିବିଶେଷଙ୍କ ସହ ମତ ବିନିମୟ ଏହି ସମ୍ମିଳନୀ ର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି କାର୍ଯ୍ୟକ୍ରମ ରେ ନୂଆପଡ଼ା ଜିଲ୍ଲା ସଭାପତି କମଲେଶ ଦୀକ୍ଷିତ, ରାଜ୍ୟ ସହ ପ୍ରଭାରୀ ଡ଼. ସ୍ୱଦେଶ ସିଂ, ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ, ସାଙ୍ଗଠନିକ ସାଧାରଣ ସମ୍ପାଦକ ମାନସ ମହାନ୍ତି, ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ପୂର୍ବତନ ସାଂସଦ କଳାହାଣ୍ଡି, ବସନ୍ତ ପଣ୍ଡା, ପୂର୍ବତନ ବିଧାୟକ, ଖଡିଆଳ ହିତେଶ କୁମାର ବଗର୍ତ୍ତି, ଖରିଆର ରୋଡ ଏନ୍. ଏସ୍.ସି ଅଧ୍ୟକ୍ଷା ଡ଼ ସୋନିଆ ଜୈନ, ନୂଆପଡ଼ା ପୂର୍ବତନ ସଂଘଚାଳକ ପୁସ୍ତମ ସୁନାନୀ ପ୍ରମୁଖ ମଞ୍ଚାସୀନ ରହିଥିଲେ । ଶ୍ରୀ ସ୍ୱଦେଶ ସିଂ ଉକ୍ତ ବୈଠକ ରେ ଉପସ୍ଥିତ ସମସ୍ତଙ୍କୁ ସରକାର ଙ୍କ ଚିନ୍ତାଧାରା, କାର୍ଯ୍ୟଶୈଳୀ ଏବଂ ବିରୋଧି ମାନଙ୍କ କୁଚକ୍ରାନ୍ତ ଓ ହୀନମାନସିକତା ସଂମ୍ପର୍କ ରେ ବିସ୍ତୃତ ଭାବେ ମତବ୍ୟକ୍ତ କରିଥିଲେ ଏବଂ ସମସ୍ତଙ୍କ ସହିତ ଭାବବିନିମୟ କରିଥିଲେ । ଅତିଥିମାନଙ୍କୁ ଖଡିଆଳ ମାଟିରେ ବାଜାଗାଜା ସହିତ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଗଲା । ଶ୍ରୀ ହିତେଶ କୁମାର ବଗର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।



ବିଶିନାହାକାଣୀ କାର୍ତ୍ତିକେଶ୍ୱର ମହୋତ୍ସବ ପ୍ରସ୍ତୁତି ବୈଠକ, ଡ଼ିସେମ୍ବର ୪ ରୁ ୬ ମିନି ବାଲିଯାତ୍ରା

ଟାଙ୍ଗୀ,୫।୧୧(ଆପ୍ର): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଗରୁଡ଼ଗାଁ ପଞ୍ଚାୟତ ବିଶିନାହାକାଣୀ ଯାତ୍ରା ପଡିଆରେ ହେବାକୁଥିବା ୫୫ତମ କାର୍ତ୍ତିକେଶ୍ୱର ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଶିନାହାକାଣୀ ଠାକୁରାଣୀ ପୀଠରେ ଆୟୋଜିତ ଏହି ବୈଠକରେ ପୂର୍ବତନ ସରପଞ୍ଚ ତଥା ସମାଜସେବୀ ସୁବୋଧ କୁମାର ସାମଲ ପୌରହିତ୍ୟ କରିଥିଲେ । ମହୋତ୍ସବ ପରିଚାଳନା କମିଟି ସଭାପତି ତଥା ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, କମିଟି ର ମୁଖ୍ୟ ପରିଚାଳକ ଚିତ୍ତ ରଞ୍ଜନ ବେହେରା, ପୂର୍ବତନ ସରପଞ୍ଚ ହର ମୋହନ ପ୍ରଧାନ, ସୁବାଷ ଚନ୍ଦ୍ର ବେଉରା,ବରିଷ୍ଠ ସଦସ୍ୟ ମଧୁସୂଦନ ବେହେରା, କରୁଣା କର ବେହେରା, ଭଗବାନ ପ୍ରଧାନ, ଧ୍ରୁବ ଚରଣ ବେଉରା, ପୂର୍ଣ୍ଣ ଚନ୍ଦ୍ର ରାଉତ, କାର୍ତ୍ତିକ ଚନ୍ଦ୍ର ରାଉତ, ହୃଦା ନନ୍ଦ ସାହୁ, ମାନସ କୁମାର ମଲ୍ଲିକ, ସତ୍ୟାନନ୍ଦ ସାମଲ , ଅଶୋକ ଦେହୁରୀ କ୍ଷୀରୋଦ ସାହୁ ପ୍ରମୁଖ ଯୋଗଦାନ କରି ଉକ୍ତ ଐତିହାସିକ ଯାତ୍ରା ତଥା ମିନି ବାଲିଯାତ୍ରା ଉପରେ ଆଲୋକପାତ କରିବାସହ ନିଶା ମୁକ୍ତ ଯାତ୍ରା କରିବାକୁ ଆହ୍ୱାନ ଦେଇଥିଲେ । ଆସନ୍ତା ଡିସେମ୍ବର ୪ ତାରିଖରେ ଥାନପତି ଗରୁଡ଼ଗାଁ ମେଢ଼ ଓ ୫ ତାରିଖରେ ଅନ୍ୟ ଗ୍ରାମର ମେଢ଼ ଯାତ୍ରା ପଡିଆକୁ ଆସିବେ ଏବଂ ୬ତାରିଖ ରବିବାର ଦିନ ଭଷାଣୀ କାର୍ଯ୍ୟକ୍ରମ ହେବ । ଉକ୍ତ ଯାତ୍ରାକୁ ଚାରୋଟି ପଞ୍ଚାୟତର ୯ଟି ଗ୍ରାମର ମେଢ଼ ଯଥା ଥାନପତି ଗରୁଡ଼ଗାଁ,ବିଶ୍ୱନାହାକାଣୀ ବଜାର,ହଳଦୀବସନ୍ତ,ସପନପୁର, କମଙ୍ଗ, ତୁଳସୀପୁର, କାଞ୍ଚିଆ, ଆଞ୍ଜୁଆ ଓ ବାଆଁନ୍ଦା ଗ୍ରାମର ମେଢ଼ ଅଂଶ ଗ୍ରହଣ କରିବେବୋଲି କମିଟି ସମ୍ପାଦକ ଅର୍ଜୁନୀ ସାହୁ ସୂଚନା ପ୍ରଦାନ କରିଥିଲେ । ଉକ୍ତ ଯାତ୍ରାରେ ଶାନ୍ତି ଶୃଙ୍ଖଳା ନିମନ୍ତେ ଟାଙ୍ଗୀ ଥାନା ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହେବାସହ ଦିଗବଳୟ ଅନୁଷ୍ଠାନ ଓ ବାପୁଜୀ ମୈତ୍ରୀ କ୍ଲବ୍ ପକ୍ଷରୁ ଯାତ୍ରା ପଡିଆରେ ସୂଚନା କେନ୍ଦ୍ର, କାର୍ତ୍ତିକେଶ୍ୱର ଯାତ୍ରା ମୁଖପତ୍ର ପ୍ରକାଶ କରାଯିବା ସହିତ ମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବବୋଲି ଜଣାପଡିଛି । ଶେଷରେ ଯୁବ ସମାଜସେବୀ ପ୍ରୀତି ରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ । ଉକ୍ତ ବୈଠକରେ ସମସ୍ତ ଗ୍ରାମର ମେଢ଼ମାଲିକ ଓ ପରିଚାଳନା କମିଟିର ସମସ୍ତ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।



କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦଯାପିତ,ବାଲେଶ୍ୱର ଚମ୍ପିୟାନ

ଖେଳାଳୀଙ୍କୁ ଉତ୍ସାହିତ କଲେ ବିଧାୟିକା ସୁବାସିନୀ ଜେନା

ବାଲିଆପାଳ,୫/୧୧(ନି.ସୂ):ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ବାଲିଆପାଳ ବ୍ଲକ ଅଧିନସ୍ଥ ନୂଆଗାଁ କଟରାମହଲ ଦୁର୍ଗାପୂଜା କମିଟି ପକ୍ଷରୁ ଖେଳ ପଡିଆ ଠାରେ ୮ ଦିନ ଧରି କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଫାଇନାଲ ଖେଳରେ ଭୋଗରାଇ ଦଳକୁ ହରାଇ ବାଲେଶ୍ୱର ଦଳ ଚମ୍ପିୟାନ ହୋଇଥିଲେ ।ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତାର ମାନ୍ୟବର ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ଯୋଗ ଦେଇ କବାଡ଼ି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିବା ସହ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଏଥିସହ ବିଧାୟିକା ଶ୍ରୀମତୀ ଜେନା ମା'ଙ୍କ ନିକଟରେ ସମସ୍ତ ଖେଳାଳିଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଖେଳକୁ ପରିଚାଳନା କରିଥିଲେ ରାଜୀବ ସାର , ହେମନ୍ତ ସାର ଏବଂ ରଞ୍ଜନ ସାର । ଦୁର୍ଗାପୂଜା କମିଟି ସଭାପତି ଅନିଲ କୁମାର ଦେବନାଥ,ବରିଷ୍ଠ ସଦସ୍ୟ ଚକ୍ରଧର ଗିରି,ଅଞ୍ଜନ କୁମାର ଦେବନାଥ, ତପନ ପାତ୍ର, ରଞ୍ଜନ ବେହେରା, ପ୍ରଶାନ୍ତ ବିଶ୍ୱାଳ, ଲକ୍ଷ୍ମୀଧର ଗିରି, ବିଦ୍ୟାଧର ଦଳାଇ, ପଞ୍ଚାନନ ଗିରି, ବଂଶୀଧର ଦଳାଇ,ବାଇଧର ଦଳାଇ,ପ୍ରଶାନ୍ତ ଦାସ ଏବଂ ଅନ୍ୟମାନେ କବାଡ଼ି ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।



ବରିଷ୍ଠ କଳାକାର ବଟକୃଷ୍ଣ ସାହୁଙ୍କ ବିୟୋଗରେ ଗୁରୁମେଳା କାର୍ଯ୍ୟକ୍ରମ

ଦଶରଥପୁର,୦୫/୧୧(ନି.ପ୍ର) : ଦଶରଥପୁର ବ୍ଲକ ଅଧିନସ୍ଥ ତୁଳାଟିଆ ସାହି,ଦଶରଥପୁର ଗ୍ରାମର ବରିଷ୍ଠ କଳାକାର ବଟକୃଷ୍ଣ ସାହୁଙ୍କ ବିୟୋଗରେ ତାଙ୍କ ବାସଭବନ ପରିସରରେ ଗୁରୁମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ କଳାକାର, ବୁଦ୍ଧିଜୀବୀ, ଶିକ୍ଷାବିତ ଯୋଗଦେଇ ଦୁଇ ମିନିଟର ନିରବ ପ୍ରାର୍ଥନା କରିବା ସହ ସ୍ୱର୍ଗତଃ ସାହୁ ଜଣେ ସ୍ନେହୀ,ମେଳାପୀ ସ୍ୱଭାବର ବ୍ୟକ୍ତି ଥିଲେ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଏହା ପରେ ପୂଜକ ଭୃଗୁପତି ଦାସ ଓ ସୁରେଶ ଚନ୍ଦ୍ର କରଙ୍କ ତତ୍ତ୍ୱାବଧାନରେ ପୂଜାପାଠ କାର୍ଯ୍ୟକ୍ରମ ସମାପନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ଗୁରୁଭାଇ ଯୋଗଦେଥିଲେ । ସ୍ୱର୍ଗତଃ ସାହୁଙ୍କ ବଡ଼ ପୁଅ ମାୟାଧର ସାହୁ,ସାନପୁଅ ମୁରଲୀଧର ସାହୁ, ଭଣଜା ରଞ୍ଜନ ସାହୁ, ନାତି ରୁଦ୍ର ନାରାୟଣ ସାହୁ , କ୍ରିଷ୍ଣା ସାହୁଙ୍କ ସମେତ ପରିବାର ର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ବିୟୁଜେର ସାଧାରଣ ପରିଷଦ ବୈଠକ,ଦ୍ୱିବାର୍ଷିକ କର୍ମକର୍ତ୍ତା ନିର୍ବାଚନ

ଭଦ୍ରକ,୦୫/୧୧(ନି.ସ୍ୱ): ଓଡ଼ିଶା ସାମ୍ବାଦିକ ୟୁନିଅନ ସହବନ୍ଧିତ ଭଦ୍ରକ ଜିଲ୍ଲା ସାମ୍ବାଦିକ ୟୁନିଅନ(ବିୟୁଜେ)ର ସାଧାରଣ ପରିଷଦ ବୈଠକ ଏବଂ ଦ୍ୱିବାର୍ଷିକ କର୍ମକର୍ତ୍ତା ନିର୍ବାଚନ ଗୁରୁବାର ଦିନ ଆଖଣ୍ଡଳମଣି ପୀଠରେ ଅନୁଷ୍ଠିତ ହୋଇଯାଇଛି ।ଉପଦେଷ୍ଟା ଡ଼ଃ ହରିହର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଧାମନଗର ଉପଖଣ୍ଡ ପୁଲିସ ଅଧିକାରୀ ବିଷ୍ଣୁ ମୋହନ ବାରିକ,ଧୂଷୁରୀ ଆଇଆଇସି ଅଜୟ ସୁଦର୍ଶନ ବାଗେ,ପ୍ରାକ୍ତନ ତହସିଲଦାର ବିଦ୍ୟାଧର ପଲାଇ,ଓୟୁଜେ ରାଜ୍ୟ ସାଧାରଣ ସମ୍ପାଦକ କିଷାନ ରାଉତ ଅତିଥି ରୂପେ ଯୋଗଦେଇ ସାମ୍ବାଦିକତା ବୃତ୍ତି ପାଇଁ ନିଷ୍ଠା ଆବଶ୍ୟକ ଏବଂ ସାମ୍ବାଦିକ ସକାରାତ୍ମକ ଓ ସଠିକ ସମ୍ବାଦ ପରିବେଷଣ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ ।ବିୟୁଜେର ସଭାପତି ପ୍ରିୟଦର୍ଶନ ବୋଇତି,ସାଧାରଣ ସମ୍ପାଦକ ଜଗବନ୍ଧୁ ବେହେରା ଉପସ୍ଥିତ ଥିଲେ ।ସଂଗଠନ ସମ୍ପାଦକ ବୈକୁଣ୍ଠ ନାଥ ସାହୁ ସ୍ୱାଗତ ବକ୍ତବ୍ୟ ସହ ଆଭିମୁଖ୍ୟ ପ୍ରଦାନ କରିଥିଲେ ।ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ ।ଏହି ଅବସରରେ ବିୟୁଜେର ନୂତନ କର୍ମକର୍ତ୍ତା ମନୋନୟନ ହୋଇଥିଲା ।ପ୍ରିୟଦର୍ଶନ ବୋଇତି-ସଭାପତି,ହେମନ୍ତ ସିଂ କାର୍ଯ୍ୟକାରୀ ସଭାପତି,ଆଶିଷ ପାଢ଼ୀ,ଦିଗମ୍ବର ଜେନା,ଅକ୍ଷୟ ଦାସ,ପ୍ରଭାତ ରାଉଳ,ଶାନ୍ତନୁ ପଣ୍ଡା,ଦେବେନ୍ଦ୍ର ଆନ୍ଦିଆ,ନାରାୟଣ ବାରିକ,ଭାଗିରଥୀ ସେଠୀ ଉପସଭାପତି ମନୋନୀତ ହୋଇଥିଲେ ।ଜଗବନ୍ଧୁ ବେହେରା-ସାଧାରଣ ସମ୍ପାଦକ ଏବଂ ବୈକୁଣ୍ଠ ନାଥ ସାହୁ ସଙ୍ଗଠନ ସମ୍ପାଦକ,ସୌମ୍ୟ ପାଢ଼ୀ,ବିଭୂତି ଗ୍ରହଚାର୍ଯ୍ୟ,କୀର୍ତ୍ତନ ନାୟକ,ବିଭୂତି ମଲ୍ଲିକ,ନିରଞ୍ଜନ ସାହୁ,ଅକ୍ଷୟ ସିଂ,ବାସୁଦେବ ଦାସ,ନିତ୍ୟାନନ୍ଦ ଜେନାଙ୍କୁ ସମ୍ପାଦକ ମନୋନୀତ କରାଯାଇଛି ।ଜୟ ଜଗନ୍ନାଥ ମଲ୍ଲିକ କୋଷାଧ୍ୟକ୍ଷ,ଅଜୟ ପଣ୍ଡା,ଦୀପ୍ତି ରଞ୍ଜନ ସାହୁ,ଗଣେଶ ମହାନ୍ତି,ସରୋଜ ସେଠୀ ସହ ସମ୍ପାଦକ ମନୋନୀତ ହୋଇଛନ୍ତି ।ରମାକାନ୍ତ ଡାଙ୍ଗୁଆ ଜାତୀୟ ପରିଷଦ ସଭ୍ୟ,କୃଷ୍ଣଚନ୍ଦ୍ର ଜେନା ରାଜ୍ୟ ପରିଷଦ ସଭ୍ୟ ଗୌରହରି ନାୟକ ବିଚାରକ ମଣ୍ଡଳୀ ଅଧ୍ୟକ୍ଷ, ଅରୁଣ ମହାନ୍ତି ଆଇନ ପରାମର୍ଶଦାତା,କ୍ଷୀତିଶ ବେହେରା କଲ୍ୟାଣ କମିଟି ଅଧ୍ୟକ୍ଷ,ଅମର ବେହେରାଙ୍କୁ କଲ୍ୟାଣ କମିଟି ଅଧ୍ୟକ୍ଷ ଭାବେ ଗ୍ରହଣ କରାଯାଇଛି ।ନାରାୟଣ ପ୍ରସାଦ ବାରିକ,ହରିହର ନାୟକ,ସ୍ମୃତି ରଂଜନ ସାହୁ,ଅନିଲ ବାରିକ,ଦୀନବନ୍ଧୁ ଦାଶ,କୈଳାସ ସାହୁ,ରମେଶ ବେହେରା ଉପଦେଷ୍ଟା ରହିଥିବା ବେଳେ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରୂପେ ନାରଣ ବାରିକ,ପାର୍ଥସାରଥୀ ନାୟକ,ଅଭିଷେକ ପଟ୍ଟନାୟକ,ହେମନ୍ତ ମହାପାତ୍ର,କୁଳମଣି ବେହେରା,ଲାଲା ଧୀରଞ୍ଜନ ରାୟ,ବାବାଜୀ ପାଢ଼ୀ,ପ୍ରମୋଦ ସ୍ୱାଇଁ,ପ୍ରଦ୍ୟୁମ୍ନ ପୁହାଣ,ପ୍ରମୋଦ ନାୟକ,ସନ୍ତୋଷ ମହାପାତ୍ରଙ୍କୁ ନୂଆ କମିଟିରେ ନିଆଯାଇଛି ।ଏଥି ସହିତ ବିୟୁଜେ ଆଇଟି ସେଲ ଅଧ୍ୟକ୍ଷ ରୂପେ ଶୁଭଦୀପ ମଲ୍ଲିକ ଏବଂ ସଦସ୍ୟ ଭାବେ ସୁଦୀପ୍ତ ଖଟୁଆ,ବିଜୟ ପଣ୍ଡା,ଯଯାତି ଦାସ ମନୋନୀତ ହୋଇଛନ୍ତି ।ନୂତନ କର୍ମକର୍ତ୍ତାଙ୍କୁ ଏହି ଅବସରରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁସଂଖ୍ୟକ ସାମ୍ବାଦିକ ଯୋଗ ଦେଇଥିଲେ ।




ମଇଦଲପୁର ବସଷ୍ଟାଣ୍ଡର ଉନ୍ନତିକରଣ ସାଙ୍ଗକୁ ଶୌଚାଳୟ ନିର୍ମାଣ ପାଇଁ ଦାବୀ

ପାପଡାହାଣ୍ଡି,୦୫/୧୧ (ନି.ସୂ): ଯାତ୍ରୀଙ୍କ ସୁବିଧା ପାଇଁ ନିର୍ମାଣ ହେଉଥିବା ବସଷ୍ଟାଣ୍ଡ ଓ ଶୌଚାଳୟ କାମ ଅଧାରେ ଅଟକି ରହିଛି । ଫଳରେ ଯାତ୍ରୀଙ୍କ ସମେତ ବସଷ୍ଟାଣ୍ଡକୁ ଆସୁଥିବା ସାଧାରଣ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମଇଦଲପୁର ବସଷ୍ଟାଣ୍ଡରେ । ମଇଦଲପୁର ବସଷ୍ଟାଣ୍ଡରେ ଉନ୍ନତିକରଣ କାମ ଓ ଶୌଚାଳୟ ନିର୍ମାଣ ଅଧାରେ ଅଟକି ରହିଛି । ଦୀର୍ଘଦିନ ଧରି କାମ ସମ୍ପୂର୍ଣ୍ଣ ହେଉନଥିବାରୁ ଯାତ୍ରୀମାନେ ବିଶେଷ କରି ମହିଳା, ବୟସ୍କ ଓ ଦୂରଦୂରାନ୍ତରୁ ଆସୁଥିବା ଲୋକେ ଶୌଚାଳୟ ଏବଂ ବିଶ୍ରାମ ସୁବିଧା ନପାଇ ହଇରାଣ ହେଉଛନ୍ତି । ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀଙ୍କ ପାଇଁ ଆବଶ୍ୟକୀୟ ବସିବା ଓ ବିଶ୍ରାମ ବ୍ୟବସ୍ଥା ମଧ୍ୟ ଅଭାବ ରହିଛି । ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଥିବା ବେଳେ ଅଧାପନ୍ତରିଆ କାମ କେବେ ଶେଷ ହେବ ଏବଂ ଯାତ୍ରୀଙ୍କୁ କେବେ ମୌଳିକ ସୁବିଧା ମିଳିବ, ତାହାକୁ ନେଇ ପ୍ରଶ୍ନ ଉଠିଛି ।ତେଣୁ ଜନସାଧାରଣଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ନିର୍ମାଣ କାମ ସମ୍ପୂର୍ଣ୍ଣ କରିବା ସହ ଯାତ୍ରୀଙ୍କ ପାଇଁ ଆବଶ୍ୟକୀୟ ସୁବିଧା ଯୋଗାଇଦେବାକୁ ଦାବି ହେଉଛି ।



ପାଠାଗାର ପକ୍ଷରୁ ଷଷ୍ଠ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ



ଦଶରଥପୁର,୦୫/୧୧(ନି.ପ୍ର) : ଦଶରଥପୁର ବ୍ଲକ ମଙ୍ଗଳପୁର ବଜାର ସ୍ଥିତ କବି ଅନନ୍ତ ସ୍ମୃତି ପାଠାଗାର ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଆଜି ଷଷ୍ଠ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସନାତନ ନାୟକଙ୍କ ସଭାପତିତ୍ୱ ରେ ଉକ୍ତ କାର୍ଯ୍ୟକ୍ରମରେ ପାଠାଗାର ର ସମସ୍ତ କାର୍ଯ୍ୟ ନିର୍ବାହୀ ସଭ୍ୟ ଉପସ୍ଥିତ ରହି ପାଠାଗାର ପକ୍ଷରୁ ବିଦ୍ୟାଳୟ ଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ବ୍ଲକ ସ୍ତରୀୟ ଜ୍ଞାନ ବିକାଶ, ଭାଷା ଜ୍ଞାନ,ବକ୍ତୃତା ଓ ସ୍ୱରଚିତ କବିତା ପାଠ ପ୍ରତିଯୋଗିତା ,ଏକକ ଅଭିନୟ ପ୍ରତିଯୋଗିତା,ମଞ୍ଚ ନାଟକ ନିରବ ଯନ୍ତ୍ରଣା ପ୍ରସ୍ତୁତି ପାଇଁ ଆଲୋଚନା କରିଥିଲେ । ପାଠାଗାର ର ସମସ୍ତ କାର୍ଯ୍ୟ ନିର୍ବାହୀ ସଦସ୍ୟ କାର୍ଯ୍ୟକ୍ରମ ବାବଦରେ ନିଜସ୍ୱ ମତାମତ ଓ ସୁଚାରୁ ରୂପେ କାର୍ଯ୍ୟକ୍ରମ ପରିଚାଳନା ବାବଦରେ ଆଲୋଚନା କରିଥିଲେ । ପାଠାଗାରର ସମ୍ପାଦକ ଶଶୀକାନ୍ତ ନାୟକ ସଭା ପରିଚାଳନା କରିଥିଲେ ।

ସମାଜ ସଂସ୍କାରିକା ଇଚ୍ଛାମୟୀ ରାଉତରାୟଙ୍କ ଏକବିଂଶତମ ପୁଣ୍ୟତିଥି

କଟକ,(ନି.ସୂ):ଓଡ଼ିଆ ଭାଷା ସାହିତ୍ୟର ପ୍ରବର୍ତ୍ତକା ମା'ଇଚ୍ଛାମୟୀ ରାଉତରାୟଙ୍କ ଏକବିଂଶ ତମ ପୁଣ୍ୟତିଥି ସିଡିଏ ଇଚ୍ଛା-ତୀର୍ଥ ନିଳୟମ ଓ ଖୁଣ୍ଟୁଣୀସ୍ଥ ରାଉତରାୟ ଭବନର ଇଚ୍ଛା-ତୀର୍ଥ ନୀଳୟଠାରେ ପାଳିତ ହୋଇଯାଇଛି । ଇଚ୍ଛାମୟୀଙ୍କ ଉଦେଶ୍ୟରେ ଗଡ଼ଗଡିଆ ଘାଟରେ ପୂଜକ ସୁଶାନ୍ତ କୁମାର ମିଶ୍ରଙ୍କ ପୂଜାଅର୍ଚ୍ଚନା ପୂର୍ବକ ଭକ୍ତିପୂତ ତିଳତର୍ପଣ ସମ୍ପର୍ଣ୍ଣ ହୋଇଥିଲା । ପରେ ଇଚ୍ଛା-ତୀର୍ଥ ନିଳୟମ (କଟକ)ଓ ଇଚ୍ଛା-ତୀର୍ଥ ନୀଳୟ(ଖୁଣ୍ଟୁଣୀ)ରେ ସ୍ଥାପିତ ମା'ଇଚ୍ଛାମୟୀ ଓ ସ୍ୱର୍ଗତ ଦିବାକର ରାଉତରାୟ (ପୂର୍ବତନ ରେଳ ପ୍ରବନ୍ଧକ-କଟକ)ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ପୁତ୍ର ଉତ୍କଳ ଭୂଷଣ ରାଉତରାୟ ପରିଚାଳନା ଓ ସଂଯୋଜନା କରିଥିଲେ । ପୁତ୍ରବଧୂ ସବିତା ରାଉତରାୟ, ନାତୁଣୀ ବୋହୁ ଅଧ୍ୟାପିକା ମୌସୁମୀ ନାୟକ, ଇଂ ଶ୍ୱେତା ସୁଚିତା ଜେନା, କୈଳାସ ଚନ୍ଦ୍ର ବେହେରା, ଶାନ୍ତନୁ ଆଚାର୍ଯ୍ୟ, ଅଭିମନ୍ୟୁ ଭୂଇଁୟା, ଦେବରାଜ ବେହେରା, ଲିଲି ଆଚାର୍ଯ୍ୟ ପ୍ରମୁଖଙ୍କ ସହ ଖୁଣ୍ଟୁଣୀ ଗ୍ରାମ ବାସୀ ଯୋଗ ଦେଇ ମା'ଇଚ୍ଛାମୟୀ ଙ୍କ ସ୍ମୃତି ଚାରଣ କରିଥିଲେ । ଇଚ୍ଛାମୟୀ ଗତ ଆଠ ଦଶନ୍ଧି ପୂର୍ବେ ରାୟବେରିଲି, ବିଳାସପୁର, ନାଗପୁର, ବିନ୍ଧ୍ୟପ୍ରଦେଶ, ଶୁକ୍ଲଲି, କଟନୀ ଆଦି ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରେ ଓ ସହର ରେ ଓଡ଼ିଆ କହିବାଓଲେଖିବାର ପ୍ରଚାରପ୍ରସାର ଦିଗରେ ଉଦ୍ୟମ ଜାରିରଖିଥିଲେ ।




ସଡ଼କ ସୁରକ୍ଷାଠାରୁ ସାମାଜିକ ନ୍ୟାୟ ପର୍ଯ୍ୟନ୍ତ ୩ଟି ପ୍ରମୁଖ ଦାବି ଉଠାଇଲା କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା

ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ସମ୍ପୃକ୍ତ ବିଭାଗକୁ ପୃଥକ୍ ସ୍ମାରକପତ୍ର ପ୍ରଦାନ

ଭବାନୀପାଟଣା,୦୫/୧୧(ନି.ସୂ): ଜନସାଧାରଣଙ୍କ ସୁରକ୍ଷା, ପଛୁଆ ବର୍ଗଙ୍କ ସାମ୍ବିଧାନିକ ଅଧିକାର ଓ ନିଯୁକ୍ତି କ୍ଷେତ୍ରରେ ସମାନ ସୁଯୋଗ ଦାବିରେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ପଦକ୍ଷେପ ନିଆଯାଇଛି । ତା. ୦୫ ନଭେମ୍ବର ୨୦୨୬ ତାରିଖରେ ମହାସଭା ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ସମ୍ପୃକ୍ତ ପ୍ରଶାସନିକ ବିଭାଗଙ୍କ ଉଦ୍ଦେଶ୍ୟରେ ୩ଟି ପୃଥକ୍ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସଡ଼କ ଦୁର୍ଘଟଣା ରୋକିବାକୁ ୧୫ ଦଫା ଦାବି ଗୋଲାମୁଣ୍ଡା ବାହାଦୂରପଡା ଛକ ଓ ଲାଞ୍ଜିଗଡ କଦଳୀଘାଟି ନିକଟରେ ଗତ ୦୧ ଓ ୦୨ ନଭେମ୍ବରରେ ଘଟିଥିବା ଦୁଇଟି ହୃଦୟବିଦାରକ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ଜୀବନହାନି ଘଟଣାକୁ ମହାସଭା ଗମ୍ଭୀରତାର ସହ ନେଇଛି । ଭାରୀଯାନର ବେପରୁଆ ଚଳାଚଳ, ଅତ୍ୟଧିକ ବେଗ ଓ ଓଭରଲୋଡିଂ ନିୟନ୍ତ୍ରଣ ସହ ଦୁର୍ଘଟଣାପ୍ରବଣ ଅଞ୍ଚଳ ଚିହ୍ନଟ, CCTV କ୍ୟାମେରା ଓ ସ୍ପିଡ୍ ମନିଟରିଂ ବ୍ୟବସ୍ଥା, ନିୟମିତ ଯାନବାହନ ଯାଞ୍ଚ, ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଆଦି ଦାବି ରଖାଯାଇଛି । ଏଥିସହ ୩୦ ଦିନ ମଧ୍ୟରେ ପ୍ରଶାସନ ପକ୍ଷରୁ Action Taken Report ପ୍ରଦାନ କରିବାକୁ ୧୫ ଦଫା ସମ୍ବଳିତ ସ୍ମାରକପତ୍ରରେ ଦାବି କରାଯାଇଛି । ଦ୍ୱିତୀୟ ସ୍ମାରକପତ୍ରରେ ଓଡ଼ିଶାର ଆଗାମୀ ପଞ୍ଚାୟତରାଜ ଓ ପୌର ନିର୍ବାଚନରେ OBC/SEBC ବର୍ଗଙ୍କୁ ଉପଯୁକ୍ତ ରାଜନୈତିକ ପ୍ରତିନିଧିତ୍ୱ ଓ ଆରକ୍ଷଣ ପ୍ରଦାନ କରିବାକୁ ଦାବି ହୋଇଛି । ସରକାରଙ୍କ ଦ୍ୱାରା ଗଠିତ ଆୟୋଗଙ୍କ ଅନୁଧ୍ୟାନ ପ୍ରକ୍ରିୟାକୁ ପ୍ରସ୍ତାବିତ ୩ ମାସ ମଧ୍ୟରେ ସମାପ୍ତ କରି ଆଗାମୀ ନିର୍ବାଚନ ପୂର୍ବରୁ ଆରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ମହାସଭା ନିବେଦନ କରିଛି । ପଛୁଆ ବର୍ଗଙ୍କୁ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ଉପଯୁକ୍ତ ଭାଗିଦାରୀ ଓ ରାଜନୈତିକ ପ୍ରତିନିଧିତ୍ୱ ମିଳିବା ଆବଶ୍ୟକ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ତୃତୀୟ ସ୍ମାରକପତ୍ରରେ OUSSSC ପକ୍ଷରୁ ପ୍ରକାଶିତ ୪,୨୧୯ଟି ସିଭିଲ୍ କନଷ୍ଟେବଲ୍ ପଦବୀ ନିଯୁକ୍ତି ବିଜ୍ଞାପନରେ SEBC ବର୍ଗଙ୍କୁ ମାତ୍ର ୮୫ଟି ପଦବୀ ମିଳିଥିବା ନେଇ ମହାସଭା ଅସନ୍ତୋଷ ପ୍ରକାଶ କରିଛି । କଳାହାଣ୍ଡି ସମେତ ୨୩ଟି ଜିଲ୍ଲାରେ SEBC ବର୍ଗ ପାଇଁ ଶୂନ୍ୟ ପଦବୀ ରହିଥିବା ନେଇ ମଧ୍ୟ ଆପତ୍ତି ଉଠାଯାଇଛି । ରାଜ୍ୟସ୍ତରରେ ମାତ୍ର ୨.୦୧ ପ୍ରତିଶତ ପଦବୀ ମିଳିଥିବା ଦର୍ଶାଇ ସରକାରଙ୍କ ଘୋଷିତ ୧୧.୨୫ ପ୍ରତିଶତ ଆରକ୍ଷଣ ବ୍ୟବସ୍ଥାକୁ ଉପଯୁକ୍ତ ଭାବେ ଲାଗୁ କରି ସଂଶୋଧିତ ନିଯୁକ୍ତି ବିଜ୍ଞାପନ ପ୍ରକାଶ କରିବାକୁ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ଦାବି କରିଛି । ଏହି ଅବସରରେ ଉତ୍କଳ ଯାଦବ ମହାସଭା ରାଜ୍ୟ ମହିଳା ସେଲ୍ ସଭାନେତ୍ରୀ ସଂଯୁକ୍ତା ବେହେରା, ଜିଲ୍ଲା ସଭାପତି ନୃପରାଜ ଯାଦବ, କାର୍ଯ୍ୟକାରୀ ସଭାପତି ଗିରିଧାରୀ ତେଜୀ, ଉପସଭାପତି ଜଗଦୀଶ ଯାଦବ ଓ ଯୁଧିଷ୍ଠିର ଗୌଡ଼, ଜିଲ୍ଲା ସମ୍ପାଦକ ତ୍ରିପୁରା ନାୟକ,ଜିଲ୍ଲା ଯୁବ ସଭାପତି ପୀତାବାସ ବେହେରା,କୋଷାଧ୍ୟକ୍ଷ ଈଶ୍ୱର ବାଗର୍ତ୍ତୀ, ଜିଲ୍ଲା ଯୁବ ଉପ-ସଭାପତି ଦିଲେଶ ନାଗ, ଯୁବ ସମ୍ପାଦକ ଦୁର୍ଗାମାଧବ ବାଗ, ଜିଲ୍ଲା ମହିଳା ସେଲ୍ ସଭାନେତ୍ରୀ ରଶ୍ମିରେଖା ରାଉତ,ପରାମର୍ଶଦାତା ନଳିନୀ ରଞ୍ଜନ ରାଉତ ଏବଂ ପୂର୍ବତନ ଜିଲ୍ଲା ଯୁବ ଯାଦବ ସଭାପତି ଲକ୍ଷ୍ମୀରଞ୍ଜନ ବାଗଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏଥିସହ ଭବାନୀପାଟଣା ସହର ସମିତିର ସଭାପତି ରବୀନ୍ଦ୍ରଲାଲ ଯାଦବ ଓ ସମ୍ପାଦକ ସତ୍ୟନାରାୟଣ ବିଶି, ନର୍ଲା ବ୍ଲକ ସଭାପତି ଲିଙ୍ଗରାଜ କରୁଆଁ, ଲାଞ୍ଜିଗଡ଼ ବ୍ଲକ ସଭାପତି ରଘୁବୀର ନାଗ, ଜୁନାଗଡ଼ ବ୍ଲକର ପୂର୍ବତନ ସଭାପତି ଗୌରହରି ବାଗ, ଗୋଲାମୁଣ୍ଡା ବ୍ଲକ ସଭାପତି ରେବା କଟା, ଭବାନୀପାଟଣା ବ୍ଲକ ସମ୍ପାଦକ ରଥୁରାମ ବାଗ ଓ କୋଷାଧ୍ୟକ୍ଷ ମଳୟ ଗୌଡ଼, ଗୋଲାମୁଣ୍ଡା ଯୁବ ଯାଦବ ସଭାପତି ସତ୍ୟବନ୍ତ ବଗର୍ତ୍ତୀ ଓ ସମ୍ପାଦକ ରାଜେଶ ବଗର୍ତ୍ତୀ, ଜିତୁ ରାଉତ,ସୁରେଶ ଚନ୍ଦନଙ୍କ ସମେତ ଜିଲ୍ଲାର ବିଭିନ୍ନ ବ୍ଲକ ଓ ସହରାଞ୍ଚଳର ଅନ୍ୟାନ୍ୟ କର୍ମକର୍ତ୍ତା ଏବଂ ବହୁ ସଦସ୍ୟ ଉପସ୍ଥିତ ଥିଲେ । ଜନସାଧାରଣଙ୍କ ଜୀବନ ଓ ସୁରକ୍ଷାଠାରୁ ଆରମ୍ଭ କରି ପଛୁଆ ବର୍ଗଙ୍କ ଅଧିକାର ଓ ଯୁବବର୍ଗଙ୍କ ନିଯୁକ୍ତି ସୁଯୋଗ ପର୍ଯ୍ୟନ୍ତ ବିଭିନ୍ନ ଜନସ୍ୱାର୍ଥ ପ୍ରସଙ୍ଗକୁ ନେଇ ମହାସଭାର ଏହି ଉଦ୍ୟମକୁ ସାମାଜିକ ନ୍ୟାୟ ଦିଗରେ ଏକ ସାଂଗଠନିକ ପଦକ୍ଷେପ ଭାବେ ଦେଖାଯାଉଛି । ଏହି ଦାବିଗୁଡ଼ିକ ଉପରେ ସରକାର ଓ ପ୍ରଶାସନ ଶୀଘ୍ର ଉଚିତ ପଦକ୍ଷେପ ନେବେ ବୋଲି ମହାସଭା ଆଶା ପ୍ରକାଶ କରିଛି ।







ଶ୍ରଦ୍ଧାରୁ ଜ୍ଞାନ ମିଳିଥାଏ
ନମ୍ରତାରୁ ମାନ ମିଳିଥାଏ
ଏବଂ ନିଜ ଯୋଗ୍ୟତାରୁ ସ୍ଥାନ ମିଳିଥାଏ
ଆଉ ଯେତେବେଳେ ଏଇ ତିନୋଟି ଯାକ ମିଶିଯାଏ
ସେତେବେଳେ ମଣିଷକୁ ସମ୍ମାନ ମିଳିଥାଏ ।

ଉଚ୍ଚଶିକ୍ଷାକୁ ନୂଆ ଦିଗ

ଶିକ୍ଷା କେବଳ ପାଠ୍ୟପୁସ୍ତକ, ପରୀକ୍ଷା ଓ ପ୍ରମାଣପତ୍ର ମଧ୍ୟରେ ସୀମିତ ନୁହେଁ, ଏହା ଏକ ସମାଜର ଚିନ୍ତାଧାରା, ନୈତିକତା, ଅର୍ଥନୈତିକ ସାମର୍ଥ୍ୟ ଓ ଭବିଷ୍ୟତ ନିର୍ମାଣର ସବୁଠାରୁ ବଡ ଆଧାର। ଏହି ବ୍ୟବସ୍ଥାକୁ ଗତିଶୀଳ ରଖିବା ପାଇଁ ଶିକ୍ଷକଙ୍କ ନିଷ୍ଠା ଯେତିକି ଆବଶ୍ୟକ, ଶିକ୍ଷାନୁଷ୍ଠାନର ପ୍ରଶାସନିକ ନେତୃତ୍ୱ ସେତିକି ଗୁରୁତ୍ୱପୂର୍ଣ୍ଣ। ଏକ ମହାବିଦ୍ୟାଳୟର ଅଧକ୍ଷ ଏକ ପଦବୀରେ ଅବସ୍ଥାପିତ ବ୍ୟକ୍ତି ନୁହଁନ୍ତି, ସେ ଶିକ୍ଷାର ପରିବେଶ, ଶୃଙ୍ଖଳା, ଶିକ୍ଷକଙ୍କ ଦାୟିତ୍ୱବୋଧ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ଅନୁଷ୍ଠାନର ସାମଗ୍ରିକ ବିକାଶର ମୁଖ୍ୟ ଦାୟିତ୍ୱ ବହନ କରନ୍ତି।

ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ସ୍ୱୀକୃତି ଦେଇ ରାଜ୍ୟର ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକର ଭାରପ୍ରାପ୍ତ ଅଧକ୍ଷଙ୍କ ପାଇଁ ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ ନିଷ୍ପତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଶିକ୍ଷା ପ୍ରଶାସନ ପ୍ରତି ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଛି। ଏହାକୁ କେବଳ ପାଞ୍ଚ ହଜାରରୁ ଦଶ ହଜାର ଟଙ୍କା ମଧ୍ୟରେ ଏକ ମାସିକ ଆର୍ଥିକ ସହାୟତା ଭାବେ ଦେଖିଲେ ଏହାର ମହତ୍ୱ ଅନୁଭବ କରିହେବ ନାହିଁ। ଏହା ପଛରେ ରହିଛି ଏକ ମୌଳିକ ସ୍ୱୀକରୋକ୍ତି - ଦାୟିତ୍ୱ ଯେତେ ବଡ, ତାହାର ଉପଯୁକ୍ତ ସ୍ୱୀକୃତି ଓ ପ୍ରୋତ୍ସାହନ ମଧ୍ୟ ସେତେ ଆବଶ୍ୟକ। ରାଜ୍ୟର ୪୮୮ ଓ ୬୬୨ ବର୍ଗର ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ପ୍ରାୟ ୬୪୧ ଜଣ ଭାରପ୍ରାପ୍ତ ଅଧକ୍ଷ ଏହି ନିଷ୍ପତି ଦ୍ୱାରା ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ପ୍ରାୟ ଛଅ କୋଟି ଟଙ୍କା ବ୍ୟୟ କରିବେ ବୋଲି ଆକଳନ କରାଯାଇଛି। ଅର୍ଥର ପରିମାଣ ତୁଳନାରେ ଏହାର ସାମାଜିକ ଓ ଶିକ୍ଷାଗତ ପ୍ରଭାବ ଅଧିକ ବ୍ୟାପକ ହୋଇପାରେ। କାରଣ, ଅନେକ ସମୟରେ ମହାବିଦ୍ୟାଳୟରେ ନିୟମିତ ଅଧକ୍ଷ ନଥିବାରୁ ଅନ୍ୟ ଜଣେ ଅଧ୍ୟାପକଙ୍କୁ ଅତିରିକ୍ତ ଭାବେ ଏହି ଦାୟିତ୍ୱ ତୁଲାଇବାକୁ ପଡେ। ଶ୍ରେଣୀଗୃହରେ ପାଠଦାନ, ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ସମସ୍ୟା, ପରୀକ୍ଷା ପରିଚାଳନା, ଅଧ୍ୟାପକ ଓ କର୍ମଚାରୀଙ୍କ ସମନ୍ୱୟ, ସରକାରୀ ନିର୍ଦ୍ଦେଶର କାର୍ଯ୍ୟକାରିତା, ଅର୍ଥନୈତିକ ହିସାବ, ଅନୁଷ୍ଠାନର ଶୃଙ୍ଖଳା ଓ ଉନ୍ନୟନମୂଳକ କାର୍ଯ୍ୟ - ଏହି ସମସ୍ତ ଦାୟିତ୍ୱ ଏକାସାଙ୍ଗରେ ତୁଲାଇବାକୁ ହୁଏ।

ଅନେକ କ୍ଷେତ୍ରରେ ଏହି ଅତିରିକ୍ତ ଦାୟିତ୍ୱ ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ରୋତ୍ସାହନ ନଥିବାରୁ ଯୋଗ୍ୟ ଅଧ୍ୟାପକମାନେ ଦାୟିତ୍ୱ ଗ୍ରହଣ କରିବାରେ ଅନାଗ୍ରହ ପ୍ରକାଶ କରିବା ସ୍ୱାଭାବିକ। ବିଶେଷକରି ନିଜ ଜିଲ୍ଲାଠାରୁ ଦୂରରେ, ଅସୁବିଧାଜନକ ଯାତାୟତ ବ୍ୟବସ୍ଥା ଥିବା ଅଂଚଳରେ କିମ୍ବା ଭୌଗୋଳିକ ଭାବେ ଦୁର୍ଗମ ଅଂଚଳରେ ଥିବା ମହାବିଦ୍ୟାଳୟର ଅଧକ୍ଷ ଦାୟିତ୍ୱ ଗ୍ରହଣ କରିବା ଏକ ବଡ ଆହ୍ୱାନ। ଏହି ବାସ୍ତବତାକୁ ବୁଝି ନିଯୁକ୍ତିର ଦୂରତା ଅନୁଯାୟୀ ପ୍ରୋତ୍ସାହନ ରାଶି ନିର୍ଦ୍ଧାରଣ କରିବା ନିଷ୍ପତି ଏକ ଯୁକ୍ତିଯୁକ୍ତ ପଦକ୍ଷେପ। ନିଜ ଜିଲ୍ଲାରେ କିମ୍ବା ଛନ୍ନତ ସହରାଚଂଳରେ ଅବସ୍ଥାପିତ ଭାରପ୍ରାପ୍ତ ଅଧକ୍ଷଙ୍କୁ ମାସିକ ପାଞ୍ଚ ହଜାର ଟଙ୍କା, ନିଜ ଜିଲ୍ଲା ବାହାରେ ଅବସ୍ଥାପିତ ଅଧକ୍ଷଙ୍କୁ ସାତ ହଜାର ଟଙ୍କା, ନିଜ ଜିଲ୍ଲା କିମ୍ବା ଘରଠାରୁ ତିନିଶହ କିଲୋମିଟର ଦୂରରେ ଅବସ୍ଥାପିତ ଅଧକ୍ଷକଙ୍କଚ ନଅ ହଜାର ଟଙ୍କା ଏବଂ ଭୌଗୋଳିକ ଭାବେ ଦୁର୍ଗମ ଅଂଚଳରେ ଦାୟିତ୍ୱ ତୁଲାଉଥିବା ଅଧକ୍ଷଙ୍କୁ ଦଶ ହଜାର ଟଙ୍କା ମସିକ ପ୍ରୋତ୍ସାହନ ଦେବାର ବ୍ୟବସ୍ଥା ନିଶ୍ଚିତ ଭାବେ ଉତ୍ସାହଜନକ।

ଏହି ବ୍ୟବସ୍ଥାର ଆଉ ଏ କଦିଗ ହେଉଛି, ଏହା ଦାୟିତ୍ୱ ଗ୍ରହଣ ପାଇଁ ମାନସିକ ପ୍ରସ୍ତୁତି ବଢ଼ାଇପାରିବ। ଯେଉଁ ଅଧ୍ୟାପକମାନେ କେବଳ ନିଜ ଅଂଚଳରେ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିଲେ, ସେମାନେ ଦୂରବର୍ତୀ ମହାବିଦ୍ୟାଳୟର ଦାୟିତ୍ୱ ନେବାକୁ ମଧ୍ୟ ଆଗ୍ରହୀ ହୋଇପାରନ୍ତି। ଏହା ଫଳରେ ଅଧକ୍ଷ ପଦବୀ ଖାଲି ରହିବାର ସମସ୍ୟା ହ୍ରାସ ପାଇବା ସହ ଶିକ୍ଷାନୁଷ୍ଠାନର ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟରେ ସ୍ଥିରତା ଆସିପାରିବ। ଏକ ମହାବିଦ୍ୟାଳୟରେ ନେତୃତ୍ୱର ଅଭାବ ଥିଲେ ତାହାର ପ୍ରଭାବ କେବଳ କାର୍ଯ୍ୟାଳୟରେ ସୀମିତ ରହେ ନାହିଁ, ଶ୍ରେଣୀଗୃହର ଶୃଙ୍ଖଳା, ଛାତ୍ରଛାତ୍ରୀଙ୍କ ଅଭିଯୋଗର ସମାଧାନ, ପରୀକ୍ଷା ଓ ଫଳ ପ୍ରକାଶନ ସମ୍ପର୍କିତ ସମନ୍ୱୟ, ଶିକ୍ଷକଙ୍କ ଉପସ୍ଥାନ ଏବଂ ଅନୁଷ୍ଠାନର ଉନ୍ନତି ମଧ୍ୟ ପ୍ରଭାବିତ ହୁଏ।

ତେଣୁ ଯେଉଁଠାରେ ନିୟମିତ ଅଧକ୍ଷ ନିଯୁକ୍ତି ସମ୍ଭବ ହୋଇନାହିଁ, ସେଠାରେ ଭାରପ୍ରାପ୍ତ ଅଧକ୍ଷଙ୍କୁ ଯଥୋଚିତ ପ୍ରୋତ୍ସାହନ ଦେବା ଏକ ଆବଶ୍ୟକ ପ୍ରଶାସନିକ ପଦକ୍ଷେପ। ତେବେ ଏହି ନିଷ୍ପତିର ସଫଳତା କେବଳ ଘୋଷଣାରେ ନୁହେଁ, ଏହାର ସ୍ୱଚ୍ଛ, ସରଳ ଓ ସମୟୋଚିତ କାର୍ଯ୍ୟକାରିତାରେ ନିହିତ। ଦୁର୍ଗମ ଅଂଚଳର ସଂଜ୍ଞା କିଏ ନିର୍ଦ୍ଧାରଣ କରିବେ, ତିନିଶହ କିଲୋମିଟର ଦୂରତା କେଉଁ ଆଧାରରେ ଗଣନା ହେବ, ନିଜ ଇଚ୍ଛା ଓ ଘରଠାରୁ ଦୂରତା କେଉଁଟି ପ୍ରାଧାନ୍ୟ ପାଇବ ଏବଂ ଏକାଧିକ ମାନଦଣ୍ଡ ଲାଗୁ ହେଲେ କେଉଁ ଶ୍ରେଣୀର ପ୍ରୋତ୍ସାହନ ମିଳିବ-ଏସବୁ ବିଷୟରେ ସ୍ପଷ୍ଟ ନିୟମାବଳୀ ଆବଶ୍ୟକ। ଏହି ନିଷ୍ପତି ନିର୍ଦ୍ଧାରଣ ପାଇଁ ଏକ କମିଟି ଗଠନ କରାଯିବାର ବ୍ୟବସ୍ଥା ରହିଛି। କମିଟିର କାର୍ଯ୍ୟପ୍ରଣାଳୀ ନିରପେକ୍ଷ ଓ ନିୟମଭିତିକ ହେବା ଦରକାର, ଯାହାଦ୍ୱାରା କୌଣସି ଅଧ୍ୟାପକ ଅନ୍ୟାୟର ଶିକାରେ ନହୁଅନ୍ତି। ସମାନ ପରିସ୍ଥିତିରେ ଥିବା ଅଧକ୍ଷମାନଙ୍କୁ ସମାନ ସୁବିଧା ମିଳିବା ଉଚିତ। ପ୍ରୋତ୍ସାନ ରାଶୀ ପ୍ରଦାନରେ ଅନାବ୍ୟାକ ବିଳମ୍ବ, ଜଟି, କାଗଜପତ୍ର ଓ ଅଫିସରୁ ଅଫିସ ଦୌଡିବାର ପରିସ୍ଥିତି ସୃଷ୍ଟି ହେଲେଏ ଏହି ଭଲ ନିଷ୍ପତିର ଉଦ୍ଦେଶ୍ୟ ବ୍ୟର୍ଥ ହୋଇଯିବ। ବିଜ୍ଞପ୍ତି ପ୍ରକାଶ ପରେ ଏହା ଲାଗୁ ହେବାକୁ ଥିବାରୁ ଉଚ୍ଚଶିକ୍ଷା ବିଭାଗ ଏହାର କାର୍ଯ୍ୟକାରିତା ପାଇଁ ସପଷ୍ଟ ସମୟସୀମା ଓ ସରଳ ପ୍ରକ୍ରିୟା ନିର୍ଦ୍ଧାରଣ କରିବା ଆବଶ୍ୟକ। ଏହା ସହିତ ଆଉ ଏକ ମୌଳିକ ପ୍ରଶ୍ନ ମଧ୍ୟ ଆମ ସମ୍ମୁଖରେ ରହିଛି। ଭାରପ୍ରାପ୍ତ ଅଧକ୍ଷଙ୍କୁ ପ୍ରୋତ୍ସାହନ ଦେବା ସ୍ୱାଗତଯୋଗ୍ୟ, କିନ୍ତୁ ଏହା ସ୍ଥାୟୀ ଅଧକ୍ଷ ନିଯୁକ୍ତିର ବିକଳ୍ପ ହୋଇପାରିବ ନାହିଁ। ଦୀର୍ଘ ସମୟ ଧରି ଭାରପ୍ରାପ୍ତ ବ୍ୟବସ୍ଥା ଉପରେ ମହାବିଦ୍ୟାଳୟ ଚାଲିଲେ ପ୍ରଶାସନିକ ଦାୟିତ୍ୱର ସ୍ଥାୟିତ୍ୱ ଓ ଦୀର୍ଘମିଆଦି ଯୋଜନା ପ୍ରଭାବିତ ହୋଇପାରେ। ତେଣୁ ଯୋଗ୍ୟତା, ଅଭିଜ୍ଞତା ଓ ନିୟମ ଅନୁଯାୟୀ ନିମୟିତ ଅଧକ୍ଷ ନିଯୁକ୍ତି ପ୍ରକ୍ରିୟାକୁ ମଧ୍ୟ ସରକାର ସମାନ ଗୁରୁତ୍ୱ ଦେବା ଦରକାର। ଏହା ସହିତ ମହାବିଦ୍ୟାଳୟଗୁଡିକରେ ଖାଲି ପଡିଥିବା ଅଧ୍ୟାପକ ଓ ଅଣଶିକ୍ଷକ ପଦବୀ ପୂରଣ, ପର୍ଯ୍ୟାପ୍ତ ଶ୍ରେଣୀଗୃହ, ପୁସ୍ତକାଗାର, ପରୀକ୍ଷାଗାର, ଛାତ୍ରାବାସ, ଶୌଚାଳୟ, ପାନୀୟଜଳ ଓ ଡିଜିଟାଲ ଶିକ୍ଷା ସୁବିଧାର ବିକାଶ ମଧ୍ୟ ଅତ୍ୟନ୍ତ ଜରୁରୀ। ମହାବିଦ୍ୟାଳୟର ମୁଖ୍ୟଙ୍କୁ ପ୍ରୋତ୍ସାହନ ଦେବା ସହ ତାଙ୍କୁ ଦାୟିତ୍ୱ ତୁଲାଇବା ପାଇଁ ଆବଶ୍ୟକ ପ୍ରଶାସନିକ ସହଯୋଗ ଓ କାର୍ଯ୍ୟକ୍ଷମ ସୁବିଧା ଯୋଗାଇଦେବା ମଧ୍ୟ ସରକାରଙ୍କ କର୍ତବ୍ୟ। ଶିକ୍ଷାର ମାନ ବଢାଇବା ପାଇଁ ଶିକ୍ଷକଙ୍କୁ ସମ୍ମାନ, ଛାତ୍ରଛାତ୍ରୀଙ୍କୁ ସୁଯୋଗ ଓ ଅନୁଷ୍ଠାନକୁ ଉପଯୁକ୍ତ ଭିତିଭୂମି ଦେବା ଆବଶ୍ୟକ।


ସୂଚନା

ସୃଜନଶୀଳ ପାଠକ, ଲେଖକ ଓ ଲେଖିକା ‘ ନିର୍ଭୟ ସୂଚନା’ର ସମ୍ପାଦକୀୟ ପୃଷ୍ଠା ପାଇଁ ଉପଯୁକ୍ତ ଲେଖା ପଠାଇବାକୁ ଅନୁରୋଧ । ଟାଇପ୍ ହୋଇଥିବା ଲେଖା କେବଳ ଗ୍ରହଣ କରାଯିବ । ସପ୍ତାହକ ମଧ୍ୟରେ ଲେଖାଟି ପ୍ରକାଶ ନପାଇଲେ ସମ୍ପାଦକମଣ୍ଡଳି ଦ୍ୱାରା ଏହା ଯୋଗ୍ୟ ବିବେଚିତ ହୋଇନାହିଁ ବୋଲି ଧରିନେବାକୁ ହେବ । ପ୍ରକାଶ ପାଇଥିବା ଲେଖାଟି ସମ୍ପୃକ୍ତ ଲେଖକ ଓ ଲେଖିକାଙ୍କ ନିକଟକୁ ହ୍ୱାଟସପ୍ ଯୋଗେ ଯୋଗାଇ ଦିଆଯିବ ।

ଇମେଲ - nirbhaysuchana@gmail.comରେ ଲେଖା ପଠାଇବାକୁ ଅନୁରୋଧ ।

ସମ୍ପାଦକ ‘ନିର୍ଭୟ ସୂଚନା’

ଏଲ୍ ନିନୋର ଭୟଙ୍କର ସଙ୍କଟ


ଡକ୍ଟର ଲକ୍ଷ୍ମଣ ସାହୁ

ଦ୍ରୁତ ଗତିରେ ବଢ଼ୁଥିବା ଏଲ୍ ନିନୋ ଏକ ଗୁରୁତର ବିପଦର କାରଣ ହେଉଛି। ଏହି ପରିପ୍ରେକ୍ଷୀରେ, ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ପୂର୍ବରୁ ଚେତାବନୀ ଦେଇସାରିଛନ୍ତି ଯେ ଏଲ୍ ନିନୋ ଘର ଭିତରେ ପ୍ରବେଶ କରି ଗରମ ବୃଦ୍ଧି କରୁଛି। ଏହା କ୍ଷୁଧା ବୃଦ୍ଧି କରିବ । ବିଶ୍ୱର ପାଣିପାଗ ବିଜ୍ଞାନୀମାନେ ଏଲ୍ ନିନୋର ବିପଦପୂର୍ଣ୍ଣ ସ୍ତରକୁ ସୁପର-ଡୁପର ଏଲ୍ ନିନୋ ନାମ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ, ଚିକାଗୋ ବିଶ୍ୱବିଦ୍ୟାଳୟର ଏନର୍ଜି ପଲିସି ଇନଷ୍ଟିଚ୍ୟୁଟର ସାମ୍ପ୍ରତିକ ରିପୋର୍ଟରେ ଏଲ୍ ନିନୋର ଗମ୍ଭୀରତା ପ୍ରକାଶ କରାଯାଇଛି ଓ କୁହାଯାଇଛି ଯେ ସାଧାରଣ ବର୍ଷ ତୁଳନାରେ, ସୁପର-ଡୁପର ଏଲ୍ ନିନୋ ଆଗାମୀ ଛଅ ମାସରେ ସାରା ବିଶ୍ୱରେ ପ୍ରାୟ ୪.୫୧ ଲକ୍ଷ ଅତିରିକ୍ତ ମୃତ୍ୟୁ ଘଟାଇପାରେ । ଏଥିମଧ୍ୟରୁ, ଭାରତରେ ପ୍ରାୟ ୧୫,୮୦୦ ଅତିରିକ୍ତ ମୃତ୍ୟୁ ଗରମ ଜନିତ ରୋଗ ଯୋଗୁଁ ଘଟିପାରେ ।

ଏଲ୍ ନିନୋ ପୂର୍ବରୁ ଉଷ୍ମ ହେଉଥିବା ଜଳବାୟୁକୁ ପ୍ରଭାବିତ କରୁଛି, ଯାହା ଆଗାମୀ ମାସଗୁଡ଼ିକରେ ତାପମାତ୍ରା ରେକର୍ଡ ଭାଙ୍ଗିବାର ସମ୍ଭାବନା ବୃଦ୍ଧି କରୁଛି । ସୁପର ଏଲ୍ ନିନୋର ପ୍ରଭାବ ଆଗାମୀ ମାସଗୁଡ଼ିକରେ ବିଶ୍ୱ ପୃଷ୍ଠର ତାପମାତ୍ରାକୁ ୧.୨ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି କରିପାରେ । ଆକଳନ କରାଯାଉଛି ଯେ ଆଗାମୀ ୨୦ ବର୍ଷ ପର୍ଯ୍ୟନ୍ତ ତାପମାତ୍ରା ସମାନ ରହିବ । ଭାରତରେ ପରବର୍ତ୍ତୀ ମୌସୁମୀ ଆରମ୍ଭ ହେବା ପର୍ଯ୍ୟନ୍ତ ଏହାର ପ୍ରଭାବ ଜାରି ରହିବାର ସମ୍ଭାବନା ରହିଛି । ଚିନ୍ତାର ବିଷୟ ହେଉଛି, ଏହା ଶୀତକାଳୀନ ବର୍ଷା ଓ ତାପମାତ୍ରାକୁ ମଧ୍ୟ ପ୍ରଭାବିତ କରିପାରେ । ବିଶ୍ୱର ଅନେକ ସ୍ଥାନରେ ତାପମାତ୍ରା ଓ ବର୍ଷା ଢାଞ୍ଚା ପ୍ରଭାବିତ ହୋଇପାରେ । ଫଳସ୍ୱରୂପ, କିଛି ଅଞ୍ଚଳରେ ମରୁଡ଼ି ଦେଖାଦେଇପାରେ, ଯେତେବେଳେ ଅନ୍ୟ ସ୍ଥାନରେ ସ୍ୱାଭାବିକଠାରୁ ଅଧିକ ବର୍ଷା ଓ ବନ୍ୟା ବୃଦ୍ଧି ପାଇପାରେ । ଏହା ଏକ ବିପଦପୂର୍ଣ୍ଣ ସମ୍ଭାବନା। ପାଣିପାଗ ବିଜ୍ଞାନୀମାନେ ବିଶ୍ୱାସ କରନ୍ତି ଯେ ଏଲ୍ ନିନୋର ପ୍ରଭାବ କେବଳ ମୌସୁମୀ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ ।

ଯଦି ଏହା ପ୍ରବଳ ରହେ, ତେବେ ଏହି ଶୀତରେ ମଧ୍ୟ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ ବୋଲି ଆଶା କରାଯାଉଛି । ଏହା ସ୍ପଷ୍ଟ ଭାବରେ ସୂଚିତ କରୁଛି ଯେ ଏଲ୍ ନିନୋ ଘଟଣା ବିସ୍ତାରିତ ହେଉଛି ଓ ଏହି ବର୍ଷ ଏହା ନିରନ୍ତର ନୂତନ ରେକର୍ଡ ସ୍ଥାପନ କରୁଛି । ପ୍ରକୃତରେ, ଏଲ୍ ନିନୋ ସମୟରେ, ମୌସୁମୀ ଦୁର୍ବଳ ଏବଂ ଅନିୟମିତ ହୋଇଥାଏ । ଏହା ବ୍ୟତୀତ, ଅତ୍ୟଧିକ ଗରମ ମାଟିର ଆର୍ଦ୍ରତା ହ୍ରାସ କରେ, ଯାହା ଖରିଫ ଫସଲ ଉତ୍ପାଦନକୁ ହ୍ରାସ କରିବାର ଆଶଙ୍କା ସୃଷ୍ଟି କରେ । ଖରିଫ ଋତୁ ସିଧାସଳଖ ଦେଶର ଖାଦ୍ୟ ସୁରକ୍ଷା ସହିତ ଜଡିତ । ଏହି ଋତୁରେ ଧାନ, ମକା, ଡାଲି ଓ ତୈଳବୀଜ ଭଳି ପ୍ରମୁଖ ଫସଲ ବୁଣାଯାଏ । ତେଣୁ, ଏଲ୍ ନିନୋର ବିପଦ କେବଳ ଏକ ପାଗ ସମସ୍ୟା ନୁହେଁ, ବରଂ ଉତ୍ପାଦନ, ଖାଦ୍ୟ ମୂଲ୍ୟ ଓ ଗ୍ରାମୀଣ ଅର୍ଥନୀତି ସହିତ ମଧ୍ୟ ଜଡିତ । ଫଳସ୍ୱରୂପ, ଯେଉଁ ଅଞ୍ଚଳରେ କୃଷି ବର୍ଷା ଉପରେ ନିର୍ଭର କରେ ସେଠାରେ ଏକ ବଡ଼ ଚିନ୍ତା ରହିଛି । ଦେଶର ଅଧାରୁ ଅଧିକ କୃଷି ଜମିରେ ପର୍ଯ୍ୟାପ୍ତ ଜଳସେଚନ ସୁବିଧା ନାହିଁ । ଚାଷୀଙ୍କ ଆଶା କେବଳ ମୌସୁମୀ ଉପରେ ନିର୍ଭର କରେ । ଏହା ବ୍ୟତୀତ, ଏଲ୍ ନିନୋ ଯୋଗୁଁ, ଦେଶରେ ମୌସୁମୀ ବର୍ଷା ସ୍ୱାଭାବିକଠାରୁ ୧୨.୬ ପ୍ରତିଶତ କମ୍ ହୋଇଛି । ସରକାର ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ ଖରିଫ ଋତୁରେ ମରୁଡ଼ି ଭଳି ପରିସ୍ଥିତି କର୍ଣ୍ଣାଟକ, ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶର କିଛି ଅଂଶ, ତେଲେଙ୍ଗାନା ଓ ରାଜସ୍ଥାନକୁ ପ୍ରଭାବିତ କରିଛି । ଏହି ରାଜ୍ୟଗୁଡ଼ିକୁ ସରକାର ମରୁଡ଼ିଗ୍ରସ୍ତ ବୋଲି ବିବେଚନା କରନ୍ତି ।

ଏହା ପୂର୍ବରୁ ଘୋଷଣା କରାଯାଇଛି । ଫଳସ୍ୱରୂପ, ପାଣିପାଗ ଅନିଶ୍ଚିତତା ଯୋଗୁଁ କୃଷି ଉତ୍ପାଦନ ପ୍ରଭାବିତ ହୋଇଥିବା ବେଳେ, ଖାଦ୍ୟ ମୁଦ୍ରାସ୍ଫୀତିର ଆଶଙ୍କା ମଧ୍ୟ ବୃଦ୍ଧି ପାଇଛି। ସରକାରୀ ତଥ୍ୟ ଅନୁଯାୟୀ, ଗତ ମାସରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୫୪ ପ୍ରତିଶତକୁ ବୃଦ୍ଧି ପାଇଥିଲା ଯେତେବେଳେ ଖାଦ୍ୟ ମୁଦ୍ରାସ୍ଫୀତି ହାର ୭.୪ ପ୍ରତିଶତ ଥିଲା । ତଥାପି, ଭୂମି ସ୍ତରରେ ମୁଦ୍ରାସ୍ଫୀତିର ପ୍ରଭାବ ଏହାଠାରୁ ବହୁତ ଅଧିକ ହୋଇଛି । ଏଲ୍ ନିନୋର ପ୍ରତିକୂଳ ପ୍ରଭାବ ଯୋଗୁଁ ୧୭ ଲକ୍ଷ ହେକ୍ଟର ଅଞ୍ଚଳରେ ଧାନ ବୁଣା ହ୍ରାସ ପାଇଛି । ଏହା ଯୋଗୁଁ ଧାନ ଉତ୍ପାଦନ ପ୍ରାୟ ୭୦ ଲକ୍ଷ ଟନ୍ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି। ବୁଣା ବିଳମ୍ବ ଯୋଗୁଁ, ପରବର୍ତ୍ତୀ ଫସଲ ଆସିବାକୁ ସମୟ ଲାଗିବ, ଯାହା ଫଳରେ ମୂଲ୍ୟ ହ୍ରାସ କ୍ରିସିଲ୍ ଇଣ୍ଟେଲିଜେନ୍ସ ରିପୋର୍ଟ ଅନୁଯାୟୀ, ଘରୋଇ ଖାଦ୍ୟ ମଧ୍ୟ ଏଥିରୁ ବାଦ ପଡ଼ିନାହିଁ। ଫଳସ୍ୱରୂପ, ଗତ ବର୍ଷ ତୁଳନାରେ ନିରାମିଷ ଭୋଜନର ମୂଲ୍ୟ ୧୦ ପ୍ରତିଶତ ବୃଦ୍ଧି ପାଇଛି ଓ ନିରାମିଷ ଭୋଜନର ମୂଲ୍ୟ ୬ ପ୍ରତିଶତ ବୃଦ୍ଧି ପାଇଛି । ଚିନି ଓ ଅଣ୍ଡାର ମୂଲ୍ୟ ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି, ପରବର୍ତ୍ତୀ ସମୟରେ ଏହା ୪୦ ପ୍ରତିଶତ ବୃଦ୍ଧି ପାଇଛି । ଏହା ଆଂଶିକ ଭାବରେ ଇଥାନଲ୍ ଉତ୍ପାଦନ ଯୋଗୁଁ ହୋଇଛି । ଯଦି ଆଖୁ ଉତ୍ପାଦନ ପରି ମକା ଉତ୍ପାଦନ ହ୍ରାସ ପାଏ ଓ ଏହାର ମୂଲ୍ୟ ପୂର୍ବରୁ ୩୦ ପ୍ରତିଶତ ବୃଦ୍ଧି ପାଇଛି, ତେବେ ଏହା ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟକୁ ଆହୁରି ବୃଦ୍ଧି କରିବ । ଧାନ ଓ ସୋୟାବିନ୍ ଭଳି ଫସଲ ମଧ୍ୟ ସମସ୍ୟାରେ ଅଛି । ଡାଲି ଓ ତେଲର ମୂଲ୍ୟ ମଧ୍ୟ ବୃଦ୍ଧି ପାଇବ, ଯେତେବେଳେ ଗତ ବର୍ଷ ମଧ୍ୟରେ ଖାଦ୍ୟ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଏହା ସାଧାରଣ ଲୋକଙ୍କ ରୋଷେଇ ଘର ବଜେଟ୍ ଉପରେ ଚାପ ପକାଉଛି ଓ ଭବିଷ୍ୟତରେ ଏହାକୁ ଆହୁରି ପ୍ରଭାବିତ କରିବାର ଆଶଙ୍କା ରହିଛି।

ପ୍ରକୃତରେ, ଭାରତ ଏଲ୍ ନିନୋ ପ୍ରତି ସବୁଠାରୁ ଅଧିକ ଦୁର୍ବଳ ଦେଶମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ । କ୍ୱିଙ୍ଗଡାଓ ଟ୍ରେଣ୍ଡ୍ସ ଅନୁଯାୟୀ, ଏଲ୍ ନିନୋର ସିଧାସଳଖ ପ୍ରଭାବ ଓ ଉଷ୍ଣକଟିବନ୍ଧୀୟ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନ କୃଷି ବିପଦକୁ ବୃଦ୍ଧି କରୁଛି । ୨୦୫୦ ସୁଦ୍ଧା, ଉଭୟର ମିଳିତ ପ୍ରଭାବ ମୂଳ ମୂଲ୍ୟ ତୁଳନାରେ ବିଶ୍ୱ ଫସଲ ଉତ୍ପାଦନକୁ ୧୦ ରୁ ୨୫ ପ୍ରତିଶତ ହ୍ରାସ କରିପାରେ। ପ୍ରକୃତରେ, ବୃଦ୍ଧି ପାଉଥିବା ତାପମାତ୍ରା ଫସଲ ଉତ୍ପାଦନକୁ ଆଠ ପ୍ରତିଶତ ଓ କାରଖାନା ରାଜସ୍ୱକୁ ଦୁଇ ପ୍ରତିଶତ ହ୍ରାସ କରିପାରେ । ଏହା ଭାରତରେ ୩୪ ନିଯୁତ ଚାକିରି ସହିତ ସମାନ ଚାକିରି ହରାଇପାରେ । ଏପରିକି ଜିଡିପି ରେ ପାଞ୍ଚ ପ୍ରତିଶତରୁ ଅଧିକ ହ୍ରାସ ହୋଇପାରେ । ଏହା ବ୍ୟତୀତ, ବିପର୍ଯ୍ୟୟ ଯୋଗୁଁ ଭାରତ ପୂର୍ବରୁ ବାର୍ଷିକ ୮୭ ବିଲିୟନ ଆମେରିକୀୟ ଡଲାର କ୍ଷତି ସହିଛି । ପରୋକ୍ଷ ଆର୍ଥିକ କ୍ଷତି ପ୍ରତ୍ୟକ୍ଷ କ୍ଷତି ଅପେକ୍ଷା ଦଶ ଗୁଣ ଅଧିକ । ଏପରି ସଙ୍କଟ ମୁକାବିଲା କରିବା ପାଇଁ ସମ୍ବଳ ଅଭାବ ଥିବା ପରିବାରଗୁଡ଼ିକ ଉପରେ ସବୁଠାରୁ ଅଧିକ ବୋଝ ପଡ଼ିଥାଏ । ସମ୍ବଳ ଅଭାବରୁ କମ୍। ପ୍ରକୃତରେ ତାପମାତ୍ରାରେ ଗୋଟିଏ ଡିଗ୍ରୀ ବୃଦ୍ଧି ୨୧୦୦ ସୁଦ୍ଧା ଭାରତକୁ ଏହାର ଜିଡିପିର ପ୍ରାୟ ତିନି ପ୍ରତିଶତ କ୍ଷତି ପହଞ୍ଚାଇପାରେ । ଏହା ୨୦୪୭ ସୁଦ୍ଧା ଭାରତର ୩ ଟ୍ରିଲିୟନ ଡଲାର ଅର୍ଥନୀତି ହେବାର ଲକ୍ଷ୍ୟକୁ ବିପଦରେ ପକାଇପାରେ ।

ଏଏମଆଇଆଇଏସ ସ୍ୱାସ୍ଥ୍ୟ ବିଶେଷଜ୍ଞ ହର୍ଷଲ ରମେଶ ସାଲଭେ କୁହନ୍ତି ଯେ ଏପରି ପରିସ୍ଥିତିରେ, ସମସ୍ତ ସ୍ତରରେ ତାପ କାର୍ଯ୍ୟ ଯୋଜନା କାର୍ଯ୍ୟକାରୀ କରିବା ଭଳି ରଣନୀତି ତୁରନ୍ତ ଆବଶ୍ୟକ । ସେ କୁହନ୍ତି ଯେ ବୃଦ୍ଧ, ପୂର୍ବରୁ ସ୍ୱାସ୍ଥ୍ୟଗତ ସମସ୍ୟା ଥିବା ବ୍ୟକ୍ତି, ଶିଶୁ, ଗର୍ଭବତୀ ମହିଳା ଓ ଖୋଲା ମଳତ୍ୟାଗ କରୁଥିବା ଶ୍ରମିକଙ୍କ ଭଳି ଦୁର୍ବଳ ଗୋଷ୍ଠୀକୁ ପ୍ରାଥମିକତା ଦେବା ଅତ୍ୟନ୍ତ ଜରୁରୀ । ସ୍ପଷ୍ଟ ଭାବରେ, ଚ୍ୟାଲେଞ୍ଜର ପରିସର ବିଶାଳ । ପରିସ୍ଥିତିର ମୁକାବିଲା କରିବା ପାଇଁ, ପ୍ରଥମ ପଦକ୍ଷେପ ଗ୍ରହଣ କରାଯିବା ଉଚିତ: ଋତୁକାଳୀନ ପୂର୍ବାନୁମାନ ଆଧାରରେ ଫସଲ ବୁଣା ପୂର୍ବରୁ ସଂଶୋଧନ, ରାଜ୍ୟଗୁଡ଼ିକ ପାଇଁ ମରୁଡ଼ି ଘୋଷଣା କରିବା ପ୍ରକ୍ରିୟାକୁ ସରଳ କରିବା, କୃଷି ଯୋଜନାରେ ବହୁବର୍ଷୀୟ ଜଳବାୟୁ ବିପଦ ମଡେଲଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ଓ ଦୀର୍ଘକାଳୀନ ଅଭିବୃଦ୍ଧି ସମ୍ଭାବନା ବଜାୟ ରଖିବା ପାଇଁ ଆର୍ଥିକ ଗଠନକୁ ସୁଦୃଢ଼ କରିବା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ତାପକୁ ଏକ ଅସାଧାରଣ ଘଟଣା ଭାବରେ ଦେଖିବା ପରିବର୍ତ୍ତେ, ଏହାକୁ ଏକ ନିରନ୍ତର ବିକଶିତ ବିପଦ ଭାବରେ ଦେଖି ଏହାର ମୁକାବିଲା ପାଇଁ ପ୍ରସ୍ତୁତ ହେବା ଉଚିତ୍...!!!

ଅଧକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ ,କଟକ
ସଂପର୍କ: ୯୦୪୦ ୧୫୧୪୭୫

ଟ୍ରମ୍ପଙ୍କ ପାଇଁ ଆଘାତ, ବିଶ୍ୱ ପାଇଁ ବାର୍ତ୍ତା


ଅସିତ ମହାନ୍ତି

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ରିପବ୍ଲିକାନ ପାର୍ଟି ୨୦୨୬ ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଏକ ବଡ଼ ପରାଜୟ ବରଣ କରିଛନ୍ତି। ବିରୋଧୀ ଡେମୋକ୍ରାଟିକ୍ ପାର୍ଟି ଆମେରିକା କଂଗ୍ରେସର ଉଭୟ ଗୃହ - ସେନେଟ୍ ଏବଂ ପ୍ରତିନିଧି ସଭାରେ ବହୁମତ ହାସଲ କରିଛି। ଡେମୋକ୍ରାଟମାନେ ସେନେଟରେ ୫୩ଟି ଏବଂ ହାଉସରେ ୨୧୮ ଟି ଆସନ ଜିତିଛନ୍ତି। ଗଭର୍ଣ୍ଣୋଟୋରିଆଲ୍ ନିର୍ବାଚନରେ ପରାଜୟ: ୩୬ ଟି ରାଜ୍ୟ ଗଭର୍ଣ୍ଣରସିପ୍ ମଧ୍ୟରୁ, ଡେମୋକ୍ରାଟମାନେ ୧୯ ଟି ଏବଂ ରିପବ୍ଲିକାନମାନେ ୧୨ ଟି ଜିତିଛନ୍ତି। ଟେକ୍ସାସ ଏବଂ ଓହାଇଓ ଭଳି ଶକ୍ତିଶାଳୀ ରିପବ୍ଲିକାନ ଗଡ଼ ଭାବରେ ବିବେଚିତ ରାଜ୍ୟଗୁଡ଼ିକରେ ମଧ୍ୟ, ଡେମୋକ୍ରାଟ ପ୍ରାର୍ଥୀମାନେ ଜିତିଛନ୍ତି। ଟ୍ରମ୍ପଙ୍କ ପ୍ରତିକ୍ରିୟା: ନିର୍ବାଚନ ଫଳାଫଳ ପରେ, ଟ୍ରମ୍ପ ଫକ୍ସ ନ୍ୟୁଜ୍ ଏବଂ ନ୍ୟୁୟର୍କ ଟାଇମ୍ସ ସହିତ ସାକ୍ଷାତକାରରେ ପରାଜୟ ସ୍ୱୀକାର କରିଛନ୍ତି ଏବଂ ଡେମୋକ୍ରାଟମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି, କିନ୍ତୁ କହିଛନ୍ତି ଯେ ‘ଏହି ଫଳାଫଳ ମୋ ନେତୃତ୍ୱ ଉପରେ ସିଧାସଳଖ ଆକ୍ରମଣ ନୁହେଁ।’ ଏହା ସହିତ, ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ‘ଭିଟୋ’ କ୍ୟାପର ଏକ ଫଟୋ ସେୟାର କରିଛନ୍ତି, ଯାହା ସୂଚାଇ ଦେଇଛି ଯେ ଡେମୋକ୍ରାଟମାନେ କୌଣସି କଠୋର କିମ୍ବା ବିରୋଧାତ୍ମକ ବିଲ୍ ଆଗତ କଲେ ସେ ତାଙ୍କର ଭିଟୋ ଶକ୍ତି ବ୍ୟବହାର କରିବେ। ପରାଜୟର କାରଣ: ବିଶ୍ଳେଷକଙ୍କ ମତରେ, ରିପବ୍ଲିକାନ୍ ପାର୍ଟି ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି, ଇରାନ ସହିତ ଯୁଦ୍ଧ ଏବଂ ଟ୍ରମ୍ପଙ୍କ କିଛି ବାଣିଜ୍ୟ ନୀତି (ଶୁଳ୍କ) ପ୍ରତି ଜନସାଧାରଣଙ୍କ ଅସନ୍ତୋଷର ଭାର ବହନ କରିଛି।

୨୦୨୬ ମସିହାର ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ କେବଳ ୱାଶିଂଟନରେ କ୍ଷମତା ଗତିଶୀଳତାକୁ ପରିବର୍ତ୍ତନ କରିନାହିଁ ବରଂ ବିଶ୍ୱ ରାଜନୀତିର ଦିଗ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇଛି। ଡେମୋକ୍ରାଟିକ୍ ପାର୍ଟି ପ୍ରତିନିଧି ସଭା ଏବଂ ସେନେଟ୍ ଉଭୟରେ ସ୍ଥାନ ପାଇଛି, ଯାହା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରିପବ୍ଲିକାନ୍ ପାର୍ଟି ପାଇଁ ଏକ ବଡ଼ ରାଜନୈତିକ ଆଘାତ ଆଣିଛି। ଅନେକ ଅନ୍ତର୍ଜାତୀୟ ବିଶ୍ଳେଷଣ ଅନୁଯାୟୀ, ମୁଦ୍ରାସ୍ଫୀତି, ବର୍ଦ୍ଧିତ ଜୀବନଯାପନ ଖର୍ଚ୍ଚ ଏବଂ ବଢୁଥିବା ଜନସାଧାରଣଙ୍କ ଅସନ୍ତୋଷ, ବିଶେଷକରି ଇରାନ ଯୁଦ୍ଧ ବିରୁଦ୍ଧରେ, ଏହି ନିର୍ବାଚନ ଫଳାଫଳରେ ଗୁରୁତ୍ୱପୂର୍ଣ୍ଣ କାରଣ ଥିଲା।



ଏହି ଫଳାଫଳ କେବଳ ଏକ ଦଳର ବିଜୟ କିମ୍ବା ପରାଜୟର କାହାଣୀ ନୁହେଁ। ଏହା ଏକ ଗଣତାନ୍ତ୍ରିକ ଚେତାବନୀର ପ୍ରତୀକ, ଯେଉଁଥିରେ ଜନସାଧାରଣ ଜଣାଇଛନ୍ତି ଯେ ବିଦେଶରେ ଯୁଦ୍ଧ କରୁଥିବା ସରକାରମାନଙ୍କୁ ଶେଷରେ ସେମାନଙ୍କ ନାଗରିକଙ୍କ ଆର୍ଥିକ ଏବଂ ସାମାଜିକ ଚିନ୍ତାର ଉତ୍ତର ଦେବାକୁ ପଡିବ। ଆମେରିକା ଭଳି ଏକ ଶକ୍ତିଶାଳୀ ଦେଶରେ ମଧ୍ୟ, ଭୋଟରମାନେ ସ୍ପଷ୍ଟ କରିଛନ୍ତି ଯେ ଜାତୀୟ ଗର୍ବ, ସାମରିକ ଶକ୍ତି ଏବଂ ଆକ୍ରମଣାତ୍ମକ ବୈଦେଶିକ ନୀତିର ସୀମା ଅଛି। ଯେତେବେଳେ ସାଧାରଣ ନାଗରିକଙ୍କ ପକେଟ ଉପରେ ଯୁଦ୍ଧର ଭାର ପଡ଼ିଥାଏ, ସେତେବେଳେ ରାଜନୈତିକ ଫଳାଫଳ ପରିବର୍ତ୍ତନ ହୁଏ। ଇରାନ ଯୁଦ୍ଧ ଏବଂ ଏହା ସହିତ ଜଡିତ ଶକ୍ତି ମୂଲ୍ୟ ଏବଂ ମୁଦ୍ରାସ୍ଫୀତି ଉପରେ ବ୍ୟାପକ ଭୋଟର ଅସନ୍ତୋଷ ପ୍ରକାଶ ପାଇଛି। ଟ୍ରମ୍ପ ନିଜେ ସ୍ୱୀକାର କରିଛନ୍ତି ଯେ ଇରାନ ଯୁଦ୍ଧ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିଥିଲା। ଏବେ, ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଇରାନ ଯୁଦ୍ଧର ଭବିଷ୍ୟତ କ’ଣ ହେବ? ଏହାର ସ୍ପଷ୍ଟ ଉତ୍ତର କାହା ପାଖରେ ନାହିଁ। ଯଦିଓ କଂଗ୍ରେସରେ ଡେମୋକ୍ରାଟିକ୍ ସଂଖ୍ୟାଗରିଷ୍ଠତା ଟ୍ରମ୍ପ ପ୍ରଶାସନ ଉପରେ ରାଜନୈତିକ ଚାପ ବୃଦ୍ଧି କରିବ, ଆମେରିକା ରାଷ୍ଟ୍ରପତି ଭାବରେ, ଟ୍ରମ୍ପ ଏବେ ବି ସାମରିକ ନିଷ୍ପତ୍ତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ବିଶ୍ଳେଷକମାନେ ବିଶ୍ୱାସ କରନ୍ତି ଯେ କଂଗ୍ରେସ ଯୁଦ୍ଧ ସମୀକ୍ଷା, ତଦନ୍ତ ଏବଂ ଆର୍ଥିକ ତଦାରଖକୁ ସୁଦୃଢ଼ କରିପାରିବ, କିନ୍ତୁ ରାଷ୍ଟ୍ରପତିଙ୍କ ସାମରିକ ଶକ୍ତିକୁ ତୁରନ୍ତ ସମାପ୍ତ କରିପାରିବ ନାହିଁ।

ଏହି ପରିସ୍ଥିତିରେ, ଇରାନ ଯୁଦ୍ଧ ତିନୋଟି ସମ୍ଭାବ୍ୟ ଦିଗ ନେଇପାରେ। ପ୍ରଥମ ଦିଗ ହେଉଛି ଏକ କୂଟନୈତିକ ସମାଧାନ, ଯେଉଁଠାରେ ଆମେରିକା ଏବଂ ଏହାର ସହଯୋଗୀମାନେ ଏକ ଆପୋଷ କିମ୍ବା ଯୁଦ୍ଧବିରତି ଆଡକୁ ଗତି କରନ୍ତି। ଦ୍ୱିତୀୟ ଦିଗ ହେଉଛି ସୀମିତ ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ ନିରନ୍ତର ଆର୍ଥିକ ଚାପ ସହିତ ବର୍ତ୍ତମାନର ସ୍ଥିତି ବଜାୟ ରଖିବା। ତୃତୀୟ, ଅଧିକ ବିପଦପୂର୍ଣ୍ଣ, ରାଜନୈତିକ ପରାଜୟ ସତ୍ତ୍ୱେ ଯୁଦ୍ଧର ପରିସର ବୃଦ୍ଧି ପାଇପାରେ। କିଛି ବିଶ୍ଳେଷକ ବିଶ୍ୱାସ କରନ୍ତି ଯେ ଆମେରିକା ଇତିହାସରେ, ଘରୋଇ ରାଜନୈତିକ ସଙ୍କଟ ମଧ୍ୟରେ ରାଷ୍ଟ୍ରପତିମାନେ ପ୍ରାୟତଃ ଆକ୍ରମଣାତ୍ମକ ବୈଦେଶିକ ନୀତି ମନୋଭାବ ଗ୍ରହଣ କରିଛନ୍ତି। ତେଣୁ, କେବଳ ନିର୍ବାଚନୀ ପରାଜୟ ଯୁଦ୍ଧର ଅନ୍ତ ଘଟାଇବ ବୋଲି ଭାବିବା ଅକାଳ ହେବ।

ବିଶ୍ୱ ରାଜନୀତି ଉପରେ ଏହାର ପ୍ରଭାବ ପୂର୍ବରୁ ଦେଖାଯାଉଛି। ନିର୍ବାଚନ ଫଳାଫଳ ପରେ ୟୁରୋପ, ଚୀନ୍, ରୁଷ ଏବଂ ପଶ୍ଚିମ ଏସିଆର ଅନେକ ଦେଶ ସୂଚାଇ ଦେଇଛନ୍ତି ଯେ ସେମାନେ ଆମେରିକା ସହିତ ସେମାନଙ୍କର ସମ୍ପର୍କ ଏବଂ ରଣନୀତିର ପୁନଃମୂଲ୍ୟାୟନ କରିବେ। ଯଦି ଆମେରିକୀୟ ପ୍ରଶାସନ ସାମ୍ନାରେ ଘରୋଇ ରାଜନୈତିକ ପ୍ରତିବନ୍ଧକ ବୃଦ୍ଧି ପାଏ, ତେବେ ଏହାର ବିଶ୍ୱ ହସ୍ତକ୍ଷେପ ସୀମିତ ହୋଇପାରେ। ଏହା ଏକ ବହୁଧ୍ରୁବୀୟ ବିଶ୍ୱ କ୍ରମକୁ ଆହୁରି ମଜବୁତ କରିବ, ଯେଉଁଠାରେ କେବଳ ଆମେରିକା ନୁହେଁ ବରଂ ଚୀନ୍, ରୁଷ, ୟୁରୋପୀୟ ସଂଘ ଏବଂ ଆଞ୍ଚଳିକ ଶକ୍ତିଗୁଡ଼ିକ ମଧ୍ୟ ଅଧିକ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିବେ।

ଏହି ବିକାଶ ଭାରତ ପାଇଁ ବିଶେଷ ଗୁରୁତ୍ୱ ରଖେ। ବିଶ୍ୱ ଶକ୍ତି ସନ୍ତୁଳନ ମଧ୍ୟରେ ରଣନୈତିକ ସ୍ୱାୟତ୍ତତା ବଜାୟ ରଖିବା ଦୀର୍ଘ ଦିନ ଧରି ଭାରତର ବୈଦେଶିକ ନୀତିର ଏକ ପ୍ରମୁଖ ସ୍ତମ୍ଭ ହୋଇ ରହିଛି। ଯୁକ୍ତରାଷ୍ଟ୍ରରେ ରାଜନୈତିକ ପରିବର୍ତ୍ତନ ଏକ ସ୍ମରଣକାରୀ ଯେ କୌଣସି ଦେଶର ବୈଦେଶିକ ନୀତି କେବଳ ଏକକ ମହାଶକ୍ତିର ସମର୍ଥନରେ ସ୍ଥିର ହୋଇପାରିବ ନାହିଁ। ଯେତେବେଳେ ଯୁକ୍ତରାଷ୍ଟ୍ର ମଧ୍ୟରେ ଶକ୍ତି ସନ୍ତୁଳନ ପରିବର୍ତ୍ତନ ହୋଇପାରେ, ଭାରତକୁ ବହୁମୁଖୀ ସମ୍ପର୍କ ମାଧ୍ୟମରେ ଏହାର ଜାତୀୟ ସ୍ୱାର୍ଥକୁ ରକ୍ଷା କରିବାକୁ ପଡିବ।

ଭାରତ ପାଇଁ ଦ୍ୱିତୀୟ ପ୍ରମୁଖ ଶିକ୍ଷା ହେଉଛି ଅର୍ଥନୈତିକ। ଇରାନ ଯୁଦ୍ଧ ଦର୍ଶାଇଛି ଯେ ବିଶ୍ୱର ଯେକୌଣସି ସ୍ଥାନରେ ସଂଘର୍ଷ ତେଲ, ଗ୍ୟାସ, ଯୋଗାଣ ଶୃଙ୍ଖଳ ଏବଂ ମୁଦ୍ରାସ୍ଫୀତି ମାଧ୍ୟମରେ ସମଗ୍ର ବିଶ୍ୱକୁ ପ୍ରଭାବିତ କରେ। ଭାରତ ଭଳି ଏକ ଶକ୍ତି ଆମଦାନୀକାରୀ ଦେଶ ପାଇଁ, ଏହା କେବଳ ବୈଦେଶିକ ନୀତିର ପ୍ରଶ୍ନ ନୁହେଁ ବରଂ ଲକ୍ଷ ଲକ୍ଷ ଲୋକଙ୍କ ଜୀବିକାର ବିଷୟ। ତେଣୁ, ଶକ୍ତି ସୁରକ୍ଷା, ବିକଳ୍ପ ଶକ୍ତି ଏବଂ ଆତ୍ମନିର୍ଭରଶୀଳ ଉତ୍ପାଦନ କ୍ଷମତାକୁ ସୁଦୃଢ଼ କରିବା କେବଳ ଏକ ଆର୍ଥିକ ଆବଶ୍ୟକତା ନୁହେଁ ବରଂ ଏକ ଜାତୀୟ ସୁରକ୍ଷା ଜରୁରୀ। ତୃତୀୟ ଏବଂ ହୁଏତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଗଣତନ୍ତ୍ର ସହିତ ଜଡିତ। ଆମେରିକୀୟ ଭୋଟରମାନେ ପ୍ରଦର୍ଶନ କରିଛନ୍ତି ଯେ ଏକ ଗଣତନ୍ତ୍ରରେ, ଲୋକମାନେ ହିଁ ସର୍ବୋତ୍ତମ ନିର୍ଣ୍ଣାୟକ ଶକ୍ତି। ଜଣେ ନେତା ଯେତେ ପ୍ରଭାବଶାଳୀ ହୁଅନ୍ତୁ ନା କାହିଁକି, ଯଦି ଜନସାଧାରଣ ଅନୁଭବ କରନ୍ତି ଯେ ସେମାନଙ୍କର ପ୍ରାଥମିକତାକୁ ଅଣଦେଖା କରାଯାଉଛି, ତେବେ ନିର୍ବାଚନୀ ଫଳାଫଳ ପରିବର୍ତ୍ତନ ହୋଇପାରେ। ଏହି ବାର୍ତ୍ତା କେବଳ ଆମେରିକା ପାଇଁ ନୁହେଁ ବରଂ ବିଶ୍ୱର ପ୍ରତ୍ୟେକ ଗଣତନ୍ତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ।

ଭାରତକୁ ଏହା ମଧ୍ୟ ବୁଝିବାକୁ ପଡିବ ଯେ ଜାତୀୟତାବାଦ, ସୁରକ୍ଷା ଏବଂ ଶକ୍ତିର ସ୍ଲୋଗାନ ସହିତ, ନିଯୁକ୍ତି, ମୁଦ୍ରାସ୍ଫୀତି, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ ନ୍ୟାୟ ଭଳି ପ୍ରସଙ୍ଗ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଯେକୌଣସି ସରକାର ସାଧାରଣ ନାଗରିକଙ୍କ ଜୀବନକୁ ଉନ୍ନତ କରିବାରେ ସଫଳ ହେଲେ ହିଁ ଦୀର୍ଘକାଳୀନ ଜନ ସମର୍ଥନ ବଜାୟ ରଖିପାରିବ। ଟ୍ରମ୍ପଙ୍କ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପରାଜୟ କେବଳ ଏକ ରାଜନୈତିକ ଘଟଣା ନୁହେଁ, ବରଂ ଗଣତନ୍ତ୍ର, ଯୁଦ୍ଧ ଏବଂ ଜନମତ ମଧ୍ୟରେ ସମ୍ପର୍କକୁ ବୁଝିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ। ଏହି ଫଳାଫଳ ଦର୍ଶାଏ ଯେ ଆଧୁନିକ ବିଶ୍ୱରେ କେବଳ ସାମରିକ ଶକ୍ତି ଯଥେଷ୍ଟ ନୁହେଁ। ଜନସମ୍ମତି, ଆର୍ଥିକ ସ୍ଥିରତା ଏବଂ ସାମାଜିକ ବିଶ୍ୱାସ ଯେକୌଣସି ଶକ୍ତିର ପ୍ରକୃତ ମୂଳଦୁଆ। ଇରାନ ଯୁଦ୍ଧର ଶେଷ ଫଳାଫଳ ଯାହା ହେଉନା କାହିଁକି, ଆମେରିକୀୟ ଲୋକମାନେ ସଙ୍କେତ ଦେଇଛନ୍ତି ଯେ ଶେଷରେ ସାଧାରଣ ନାଗରିକମାନେ ଯୁଦ୍ଧର ମୂଲ୍ୟ ଦେବାକୁ ପଡ଼ନ୍ତି, ଏବଂ ଯେତେବେଳେ ଏହି ମୂଲ୍ୟ ଅସହ୍ୟ ହୋଇଯାଏ, ଗଣତନ୍ତ୍ର ନିଜ ଭାଷାରେ ପ୍ରତିକ୍ରିୟା ଦିଏ। ଏହା ଏକ ଶିକ୍ଷା ଯାହାକୁ ଭାରତ ସମେତ ସମଗ୍ର ବିଶ୍ୱ ଗମ୍ଭୀରତାର ସହିତ ବୁଝିବା ଆବଶ୍ୟକ।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

ସଭିଙ୍କ ପାଇଁ ଆବାସ : ଏକ ସାମଗ୍ରିକ ଦାୟିତ୍ୱ

ଡ଼ଃ.ଅରୁନ୍ଧତୀ ଦେବୀ

ଅକ୍ଟୋବର ମାସ ପ୍ରଥମ ସୋମବାରରେ ବିଶ୍ୱ ଆବାସ ଦିବସ ପାଳନ କରାଯାଏ। ୧୯୮୫ରେ ଜାତିସଂଘ ସାଧାରଣ ପରିଷଦରେ ପ୍ରଥମେ ବିଶ୍ୱ ଆବାସ ଦିବସ ପାଳନ କରାଯିବାକୁ ସ୍ଥିର କରାଯାଇଥିଲା। ପରେ ୧୯୮୬ ଅକ୍ଟୋବର ପ୍ରଥମ ସୋମବାରରେ ଏହାକୁ ନାଇରୋବିରେ ପାଳନ କରାଗଲା ଓ ସେବେଠାରୁ ଏହି ଧାରା ରହି ଆସିଛି। ପ୍ରତିବର୍ଷ ଏହି ଦିନରେ ବିକାଶର ନୀତିକୁ ଆଗେଇ ନେବା ଲକ୍ଷ୍ୟରେ ଜାତିସଂଘ ନୂଆ ନୂଆ ସ୍ଲୋଗାନ ନେଇ ଆସୁଛି ଯେଉଁଥିରେ ବିଶ୍ୱରେ ଲୋକଙ୍କ ମୂଳ ଆବଶ୍ୟକତା ମଧ୍ୟରେ ପର୍ଯ୍ୟାପ୍ତ ଆଶ୍ରୟ ଯୋଗାଇ ଦେବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ବିଶ୍ୱର ସବୁ ଦେଶର ବଜାର ସହରଗୁଡ଼ିକର ସ୍ଥିତିକୁ ସୁଧାରିବା ସହ ଗରିବ ଲୋକଙ୍କୁ ଘର ଯୋଗାଇବା ଉପରେ ଏହା ଜୋର ଦେଉଛି।

ବିଶ୍ୱ ଆବାସ ଦିବସରେ ସବୁ ଗରିବ ଲୋକଙ୍କୁ ଶସ୍ତାରେ ଘର ଉପଲବ୍ଧ କରାଇବା ଯୋଜନା ଉପରେ ସଚେତନ କରାଯାଉଛି।

ବିକାଶର ଲକ୍ଷ୍ୟପ୍ରାପ୍ତି ପାଇଁ ଭାରତ ସମେତ ପାକିସ୍ତାନ, ଜର୍ମାନୀ, ହଙ୍ଗେରୀ, ଆମେରିକା, ବ୍ରାଜିଲ, ବେଲଜିୟମ, ୟୁଏଇ, ଆଙ୍ଗୋଲା, ନେଦରଲାଣ୍ଡ ଓ ସେନିଗାଲ ସମେତ ଅନ୍ୟ ଦେଶମାନଙ୍କରେ ଏହି ଦିବସ ପାଳନ କରାଯାଉଛି।

ଗୃହହୀନ ଲୋକଙ୍କ ସମସ୍ୟା, ଦ୍ରୁତ ସହରୀକରଣର ଗରିବ ଲୋକଙ୍କ ଉପରେ ପ୍ରଭାବ ଆକଳନ କରିବା ଉଦ୍ଦେଶ୍ୟରେ ଏହା ପାଳନ କରାଯାଉଛି। ୨୦୧୨ରେ ପାକିସ୍ତାନର ଇସ୍‌ଲାମବାଦରେ ଆୟୋଜିତ ବିଶ୍ୱ ଆବାସ ଦିବସ ସମାରୋହରେ ପର୍ଯ୍ୟାପ୍ତ ପାଣି, ଆଶ୍ରୟ, ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଓ ଅନ୍ୟ ସୁବିଧା ପହଞ୍ଚାଇବା ସହ ଉତ୍ତମ ଶିକ୍ଷା, ନିଯୁକ୍ତି ସୁଯୋଗ ଆଦି ଉପଲବ୍ଧ କରାଇବା ଲାଗି ଯୋଜନା କରାଯାଇଥିଲା। ଜାତିସଂଘର ଆକଳନ ମୁତାବକ ଏବେ ବିଶ୍ୱରେ ଆବାସ ସଙ୍କଟ ଦେଖାଯାଇଛି। ୧.୬ ବିଲିୟନ (୧୬୦ କୋଟି) ଲୋକ ଶସ୍ତା ଆବାସ ଯୋଜନାରେ ସବ୍‌ଷ୍ଟାଣ୍ଡାର୍ଡ ଘରେ ରହିଆସୁଛନ୍ତି।

ପାଖାପାଖି ୧୦୦ ମିଲିୟନ (୧୦ କୋଟି) ଲୋକଙ୍କର ରହିବା ପାଇଁ ଘରଟିଏ ବି ନାହିଁ। ଭାରତରେ ଏମାନଙ୍କ ସଂଖ୍ୟା ୧.୭୭ ମିଲିଅନ। ଏହି କାରଣରୁ ସହରରେ ସ୍ଲମ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧିପାଇବାରେ ଲାଗିଛି। ଏଣୁ ବିଶ୍ୱରେ ଏଭଳି ସମସ୍ୟାକୁ ଟାଳିବା ଲାଗି ବିଭିନ୍ନ ଦେଶର ସରକାର କିଭଳି ଲୋକମାନଙ୍କୁ ପର୍ଯ୍ୟାପ୍ତ ଘର ଯୋଗାଇ ଦେବେ ସେଥିପ୍ରତି ଏହି ଦିବସରେ ଧ୍ୟାନ ଆକର୍ଷଣ କରାଯାଏ। ଏବେକାର ତଥା ଆଗାମୀ ପିଢ଼ୀ ପାଇଁ ସାମଗ୍ରିକ ଦାୟିତ୍ୱ ସମ୍ବନ୍ଧରେ ବିଶ୍ୱରେ ସଚେତନତା ଆଣିବାରେ ବିଶ୍ୱ ଆବାସ ଦିବସର ଗୁରୁତ୍ୱ ମଧ୍ୟ ରହିଛି। ଗରିବ ଲୋକଙ୍କ ଲାଗି ଯେଉଁମାନେ ଘର ନିର୍ମାଣ କରୁଛନ୍ତି ସେମାନଙ୍କ ନୀତି ଓ ଦୃଷ୍ଟିକୋଣରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଉପରେ ଏହି ଦିବସରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ୧୯୮୬ରେ ଏହି ଦିବସର ସ୍ଲୋଗାନ ଥିଲା ‘ଆଶ୍ରୟ ମୋର ଅଧିକାର’। ୨୦୨୫ରେ ଏହି ଦିବସର ସ୍ଲୋଗାନ ‘ବର୍ଜ୍ୟକୁ ସମ୍ପତ୍ତିରେ ପରିବର୍ତ୍ତନ କରିବାକୁ ବୈଷୟିକ ଜ୍ଞାନକୌଶଳ ଏକ ଅଭିନବ ଉପକରଣ’ ବୋଲି ରଖାଯାଇଥିବାବେଳେ ଚଳିତ ବର୍ଷର ବାର୍ତ୍ତା ରହିଛି ‘ଆଗାମୀ ସକାଳ, ସୁରକ୍ଷିତ ଘର’।

କଟକ
ମୋ : ୯୯୩୭୧୭୨୮୧୦

ପ୍ରଣାମ ଓଡ଼ିଶା
ଶୁକ୍ରବାର, ନଭେମ୍ବର-୦୬, ୨୦୨୬
ନିର୍ଭୟ ସୂଚନା

ବନ୍ୟା ପ୍ରଭାବିତ ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ପ୍ରାଥମିକତା



ସାନଖେମୁଣ୍ଡି,୫।୧୧(ନି.ସୂ):ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଅଧିନ ଗ୍ରାମାଞ୍ଚଳ ମାନଙ୍କରେ ବାତ୍ୟା ପରବର୍ତ୍ତୀ ବନ୍ୟା ପ୍ରଭାବିତ ଗାଁ ମାନଙ୍କରେ ବହୁ ସଂଖ୍ୟକ ପାନୀୟଜଳ ପ୍ରକଳ୍ପ ଅଚଳ ହୋଇ ପଡ଼ିଥିଲା।ବୁଧବାର ସୁଦ୍ଧା ୨୪ ଟି ଅଚଳ ପ୍ରକଳ୍ପ ମଧ୍ୟରୁ ୨୧ ଟି କୁ କାର୍ଯ୍ୟକ୍ଷମ କରାଯାଇଛି।୨୬ ରୁ ପଞ୍ଚାୟତ ରେ ଥିବା ଟ୍ୟୁବେଲ (ନଳ କୂପ) ଗୁଡ଼ିକ ବିଶୋଧନ କରାଯାଉଥିବା ସାନଖେମୁଣ୍ଡି ବ୍ଲକ ଜନସ୍ୱାସ୍ଥ୍ୟ ପରିମଳ ଓ ପାନୀୟଜଳ ଯୋଗାଣ ବିଭାଗ (ଆରଡ଼ବ୍ଲ୍ୟୁଏସଏସ) ସହକାରୀ ଯନ୍ତ୍ରୀ ଇଂ.ଉପମା ଘଡେଇ ଜଣାଇଛନ୍ତି ।ବନ୍ୟା ପରବର୍ତ୍ତୀ ସମୟରେ ଦୂଷିତ ଜଳ ଯୋଗୁଁ ହଇଜା, ଡାଇରିଆ ଭଳି ଜଳବାହିତ ସଂକ୍ରାମକ ରୋଗର ଆଶଙ୍କା ଥିବାରୁ ବ୍ରହ୍ମପୁର ସ୍ଥିତ ଜିଲା ଜନସ୍ୱାସ୍ଥ୍ୟ ଓ ପାନୀୟଜଳ ଯୋଗାଣ ବିଭାଗ ।ମୁଖ୍ୟଯନ୍ତ୍ରୀ ଇଂ.ମନୋରଞ୍ଜନ ଜେନା,ନିର୍ବାହୀ ଯନ୍ତ୍ରୀ ଇଂ.ପ୍ରଶାନ୍ତ କୁମାର ବାଗ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜନସ୍ୱାସ୍ଥ୍ୟ ଓ ପାନୀୟ ଜଳ ଯୋଗାଣ ବିଭାଗ ର କ୍ଷେତ୍ର କର୍ମଚାରୀ ବୃନ୍ଦ ବିଭିନ୍ନ ଗ୍ରାମରେ ପହଞ୍ଚି ବନ୍ୟା ପ୍ରଭାବିତ ପ୍ରତ୍ୟେକ ପରିବାର ଲୋକଙ୍କୁ ବିଶୁଦ୍ଧ ଓ ସୁରକ୍ଷିତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କୁ ତଦାରଖ କରିଥିଲେ। ସାନଖେମୁଣ୍ଡି ବ୍ଲକ ଗ୍ରାମାଞ୍ଚଳ ମାନଙ୍କରେ ପ୍ରଥମଥର ପାଇଁ ଅତ୍ୟାଧୁନିକ ଚଳନ୍ତି ଜଳ ବିଶୋଧନ (ଏମଟିୟୁ) ଗାଡ଼ି ନିୟୋଜିତ କରାଯାଇଛି। ନଦୀ,ନାଳ ଓ ପୋଖରୀ ମାନଙ୍କରୁ ଜଳ ସଂଗ୍ରହ କରାଯାଇ ତାହାକୁ ବିଶୋଧନ ପରେ ଲୋକଙ୍କୁ ଯୋଗାଇ ଦିଆଯାଉଛି।ଏପରିକି ଅନେକ ଗାଁ କୁ ଟ୍ୟାଙ୍କର ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯାଉଛି।ପ୍ରାୟ ସମସ୍ତ ଗ୍ରାମର ନଳକୂପ ଓ ବେସରକାରୀ କୂଅ ଗୁଡ଼ିକୁ ବିଶୋଧନ କରାଯାଇଛି। କର୍ମଚାରୀ ଙ୍କ ଦ୍ୱାରା ଶୋଧନ କରାଯାଉଛି।

ନିଜ ମାଟିକୁ ଫେରାଇ ଆଣିବାରେ ସଫଳ ହେଲା ଜିଲ୍ଲା ପ୍ରଶାସନ

- ଭୋଟ ଦେବାରୁ ଓହରିଲେ ଝୁମଡାଙ୍ଗବାସୀ
- ଗ୍ରାମରେ ସ୍ୱତନ୍ତ୍ର ସେବା ଶୁଣାଣି ଶିବିର ଅନୁଷ୍ଠିତ

ମାଲକାନଗିରି,୫।୧୧ (ନି.ସୂ) ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶ କ୍ରମେ ଚିତ୍ରକୋଣ୍ଡା ବ୍ଲକ ଅଧୀନସ୍ଥ ଧୂଳିପୁଟ ପଞ୍ଚାୟତର ଆନ୍ଧ୍ର ସୀମାବର୍ତ୍ତୀ ଝୁମଡାଙ୍ଗ ଗ୍ରାମରେ ଏକ ସ୍ୱତନ୍ତ୍ର ଜନଶୁଣାଣି ତଥା ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ସୀମାନ୍ତ ଅଞ୍ଚଳର ନାଗରିକଙ୍କ ନିକଟରେ ଓଡ଼ିଶା ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ମୌଳିକ ସେବା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ, ପୋଲିସ, ସ୍ଥାନୀୟ ଜନପ୍ରତିନିଧି, ଆଦିବାସୀ ସମାଜ ଏବଂ ଗଣମାଧ୍ୟମର ମିଳିତ ସହଯୋଗରେ ଏହି ବୃହତ ପ୍ରଶାସନିକ ପ୍ରୟାସ କରାଯାଇଛି। ଝୁମଡାଙ୍ଗ ଓଡ଼ିଶାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ଆଶ୍ୱାସନା ଦିଆଯାଇଛି। ଆୟୋଜିତ ଏହି ସ୍ୱତନ୍ତ୍ର ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନ ଅଧକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ବିଡିଓ ପ୍ରିତା କୁମାର୍ ଏବଂ ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡା ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ପରିସରରେ ଗ୍ରାମବାସୀଙ୍କ ପାଇଁ ସାମାଜିକ ସୁରକ୍ଷା, ଆଧାର ପଞ୍ଜୀକରଣ, ଶ୍ରମ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ସ୍ୱାସ୍ଥ୍ୟ ବିଭାଗ ତରଫରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ ଭଳି ବିଭିନ୍ନ ସେବା କ୍ୟାମ୍ପ ଆୟୋଜନ କରାଯାଇଥିଲା।

ଶିବିରରେ ୫୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯୋଗଦେଇ ନିଜ ନିଜର ସମସ୍ୟା ଉପସ୍ଥାପନ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ବମୋଟ ୧୩୭ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି, ଯେଉଁଥିରେ ୪ଟି



ସାମୂହିକ ସମସ୍ୟା ଏବଂ ଅବଶିଷ୍ଟ ଜବ କାର୍ଡ, ରାସନ କାର୍ଡ ଓ ଆବାସ ଯୋଜନା ସମ୍ବନ୍ଧୀୟ ବ୍ୟକ୍ତିଗତ ଅଭିଯୋଗ ଅନ୍ତର୍ଭୁକ୍ତ। ପ୍ରଶାସନ ପକ୍ଷରୁ ସମସ୍ତ ଉପସ୍ଥିତ ଗ୍ରାମବାସୀଙ୍କ ପାଇଁ ମଧ୍ୟାହ୍ନ ଭୋଜନର ସୁବ୍ୟବସ୍ଥା କରାଯାଇଥିଲା।

ଏହି ଅବସରରେ ଜିଲ୍ଲାପାଳ କହିଛନ୍ତି, ସୀମାନ୍ତ ଗ୍ରାମ ଝୁମଡାଙ୍ଗ ଓଡ଼ିଶାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଗ୍ରାମବାସୀଙ୍କ ପାଖରେ ଓଡ଼ିଶା ସରକାରଙ୍କ ପ୍ରତ୍ୟେକ କଲ୍ୟାଣକାରୀ ଯୋଜନା ଓ ମୌଳିକ ସୁବିଧା ପହଞ୍ଚାଇବା ଆମର ପ୍ରାଥମିକତା। ପ୍ରଶାସନ ସବୁସମୟରେ ଲୋକଙ୍କ ସହ ରହିଛି ଏବଂ କୌଣସି ବି ପରିସ୍ଥିତିରେ ଆମର ନିଜ ମାଟି ଓ ଲୋକଙ୍କ ବିକାଶରେ ଅବହେଳା କରାଯିବ ନାହିଁ । ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ଦୃଷ୍ଟିରୁ ପୋଲିସ ପ୍ରଶାସନ ପକ୍ଷରୁ ଦୁଇ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବା ସହ ସୀମାନ୍ତ ଅଞ୍ଚଳରେ ବ୍ୟାରିକେଡିଂ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଆନ୍ଧ୍ରପ୍ରଦେଶରେ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ଓଡ଼ିଶାର ସୀମାନ୍ତ ଗ୍ରାମ ଝୁମଡାଙ୍ଗ ବାସୀ ଭୋଟ ଦେବାକୁ ନ ଯାଇ ଏକ ବଡ଼ ଓ ସକାରାତ୍ମକ ନିଷ୍ପତ୍ତି ନେଇଛନ୍ତି। ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ନିର୍ବାଚନରେ ଗ୍ରାମବାସୀ ସାମିଲ ହେବେ ବୋଲି ପୂର୍ବରୁ ଚର୍ଚ୍ଚା ଜୋର ଧରିଥିବା ବେଳେ, ମାଲକାନଗିରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନର ତୁରନ୍ତ ହସ୍ତକ୍ଷେପ, ବୁଝାସୁଝା ଓ ସଫଳ ଆଲୋଚନା ପରେ ଗ୍ରାମବାସୀମାନେ ସମ୍ପୂର୍ଣ୍ଣ ଭାବେ ଆନ୍ଧ୍ରକୁ ଭୋଟ ଦେବା ନିଷ୍ପତ୍ତିରୁ ଓହରିଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପ୍ରଶାସନିକ ସ୍ତରରେ ପ୍ରତିଶ୍ରୁତି ଦିଆଯିବା ପରେ ଗ୍ରାମବାସୀମାନେ ଏହାକୁ ଆଦରର ସହ ଗ୍ରହଣ କରିବା ସହ ଆନ୍ଧ୍ର ନିର୍ବାଚନରେ ସାମିଲ ନ ହେବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ମାଲକାନଗିରି ଜିଲ୍ଲାପାଳଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଓ ଜିଲ୍ଲା ପ୍ରଶାସନର ଏହି ନିଷ୍ଠାପର ପ୍ରୟାସ ସୀମାନ୍ତବାସୀଙ୍କ ଆସ୍ଥା ଜିତିବା ସହ ନିଜ ମାଟିକୁ ଫେରାଇ ଆଣିବାରେ ଏକ ବିରାଟ ସଫଳତା ସାବ୍ୟସ୍ତ ହୋଇଛି।

ସ୍ମାର୍ଟ ପାର୍କରେ ଡ୍ୟୁଟି କରୁଥିବା ବେଳେ ମାଳିଙ୍କୁ ଆକ୍ରମଣ

ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାକୁ ଚିଠି ଲେଖିଲେ ପୌର ନିର୍ବାହୀ ଅଧିକାରୀ

ପଟ୍ଟାମୁଣ୍ଡାଇ, ୫।୧୧ : ପଟ୍ଟାମୁଣ୍ଡାଇ ପୌରପାଳିକା ଅଧୀନ ଦକ୍ଷିଣଦିଆ ସ୍ଥିତ ସ୍ମାର୍ଟ ପାର୍କରେ କାର୍ଯ୍ୟରତ ଜଣେ ମାଳିଙ୍କୁ କାର୍ଯ୍ୟ ସମ୍ପାଦନ କରୁଥିବା ସମୟରେ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୀଡ଼ିତ ସନ୍ତୋଷ ନାୟକଙ୍କ ଅଭିଯୋଗ ଓ ଡାକ୍ତରୀ ରିପୋର୍ଟକୁ ଆଧାର କରି ପଟ୍ଟାମୁଣ୍ଡାଇ ପୌରପାଳିକାର ନିର୍ବାହୀ ଅଧିକାରୀ ମଡେଲ ଟାଉନ ଥାନା ଆଇଆଇସିଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଉଲ୍ଲେଖ ଅନୁଯାୟୀ, ଦକ୍ଷିଣଦିଆ ଗ୍ରାମର ସନ୍ତୋଷ ନାୟକ ପଟ୍ଟାମୁଣ୍ଡାଇ ପୌରପାଳିକା ଅଧୀନ ସ୍ମାର୍ଟ ପାର୍କରେ ମାଳି ଭାବେ କାର୍ଯ୍ୟ କରୁଛନ୍ତି। ନିଜର ସରକାରୀ କାର୍ଯ୍ୟ ସମ୍ପାଦନ କରୁଥିବା ସମୟରେ ବେଲତାଳ ଗ୍ରାମର ରୁଦ୍ର ମଲ୍ଲିକ, ଆନା ମଲ୍ଲିକଙ୍କ ସମେତ ଅନ୍ୟ କେତେକ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ସେ ଆହତ ହୋଇଛନ୍ତି। ଘଟଣାକୁ ଗୁରୁତ୍ୱ ଦେଖି ପୌର ନିର୍ବାହୀ ଅଧିକାରୀ ରଂଜନ ଦାସ ଗତ ଆଜି ଚିଠି ନଂ ୫୨୬୧/ପିଏମ୍? ଜରିଆରେ ଅଭିଯୋଗପତ୍ର ଓ ଡାକ୍ତରୀ ରିପୋର୍ଟ ଥାନା ଆଇଆଇସିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଘଟଣାର ତଦନ୍ତ କରି ଆଇନ ଅନୁଯାୟୀ ଦୋଷୀଙ୍କ ବିରୋଧରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ନେବା ସହ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ରୋକିବାକୁ ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ପୌର ନିର୍ବାହୀ ଅଧିକାରୀ ଅନୁରୋଧ କରିଛନ୍ତି। ଏହି ଘଟଣା ପରେ ପୌର କର୍ମଚାରୀମାନେ ଯେପରି ଭୟମୁକ୍ତ ଭାବେ ନିଜର ସରକାରୀ କାର୍ଯ୍ୟ ସମ୍ପାଦନ କରିପାରିବେ, ସେଥିପାଇଁ ପୁଲିସ ପ୍ରଶାସନର କଡା ପଦକ୍ଷେପକୁ ନେବାକୁ ସେ ଅନୁରୋଧ କରିଛନ୍ତି।ଏ ସଂକ୍ରାନ୍ତରେ ପୋଲିସ ଏକ କେଶ ରୁଜୁ କରି ତଦନ୍ତ କରୁଛି ବୋଲି ଆଦର୍ଶ ଥାନା ଅଧିକାରୀ ମାନସ ମଲ୍ଲିକ କହିଛନ୍ତି।

ବନ୍ୟା ପୀଡ଼ିତଙ୍କ ସହାୟତା ପାଇଁ ଜିଲ୍ଲା ରେଡ୍‌କ୍ରସ୍ ପାଣ୍ଠିକୁ ଗଞ୍ଜାମ ନ୍ୟାୟପାଳିକାର ୨ ଲକ୍ଷ ୨୮ ହଜାର ୮୫୦ ଟଙ୍କା ପ୍ରଦାନ

ସକ୍ଷମ ବ୍ୟକ୍ତି ଓ ଅନୁଷ୍ଠାନ ସହଯୋଗର ହାତ ବଢ଼ାଇବାକୁ ଜିଲ୍ଲା ଓ ଦୌରାଜଜ୍‌ଙ୍କ ଆହ୍ୱାନ

ବ୍ରହ୍ମପୁର, ୫।୧୧(ନି ସୂ): ସମ୍ପ୍ରତି ବନ୍ୟାରେ କ୍ଷତିଗ୍ରସ୍ତ ଗଞ୍ଜାମ ଜିଲ୍ଲାର ଲୋକଙ୍କ ସହାୟତା ଓ ପୁନର୍ବାସ ପାଇଁ ଗଞ୍ଜାମ ଜିଲ୍ଲା ନ୍ୟାୟପାଳିକା ପକ୍ଷରୁ ଏକ ପ୍ରଶଂସନୀୟ ପଦକ୍ଷେପ ନିଆଯାଇଛି। ଜିଲ୍ଲା ଓ ଦୌରା ଜଜ୍ ଅଶାନ୍ତ ଦାସଙ୍କ ନେତୃତ୍ୱ ଓ ପ୍ରେରଣାରେ ଜିଲ୍ଲା ରେଡ୍‌କ୍ରସ୍ ପାଣ୍ଠିକୁ ୨ ଲକ୍ଷ ୨୮ ହଜାର ୮୫୦ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ବନ୍ୟା ପରି ଏକ ବିପର୍ଯ୍ୟୟ ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ଛିଡ଼ା ହେବା ଏବଂ ସେମାନଙ୍କୁ ସହାୟତା ଯୋଗାଇବା ଦିଗରେ ନ୍ୟାୟପାଳିକାର ଏହି ପଦକ୍ଷେପ ଏକ ସାମାଜିକ ଦାୟିତ୍ୱବୋଧର ପରିଚୟ ଦେଇଛି। ଏହି ଅବସରରେ ଜିଲ୍ଲା ଓ ଦୌରା ଜଜ୍? ଶ୍ରୀ ଦାସ କହିଛନ୍ତି ଯେ, ବିପଦ ଓ ଦୁର୍ଦ୍ଦିନ ସମୟରେ ସାଧାରଣ ଲୋକଙ୍କ ପାଖରେ ଛିଡ଼ା ହେବା ସମସ୍ତଙ୍କର ସାମାଜିକ ଓ ନୈତିକ କର୍ତ୍ତବ୍ୟ। ବନ୍ୟା ପୀଡ଼ିତଙ୍କ ସହାୟତା ପାଇଁ ଜିଲ୍ଲା ନ୍ୟାୟପାଳିକା ପକ୍ଷରୁ



ଏହା ଏକ ଛୋଟ ପ୍ରୟାସ। ଏଭଳି ସମୟରେ ସମାଜର ସକ୍ଷମ ବ୍ୟକ୍ତି, ବିଭିନ୍ନ ଅନୁଷ୍ଠାନ ଓ ସଂଗଠନ ନିଜ ନିଜ ସାମର୍ଥ୍ୟ ଅନୁସାରେ ଆଗେଇ ଆସି ବନ୍ୟା ପ୍ରଭାବିତଙ୍କୁ ସହଯୋଗର ହାତ ବଢ଼ାଇବା ଉଚିତ ବୋଲି ସେ ଆହ୍ୱାନ ଦେଇଛନ୍ତି।

ଏହି ଅର୍ଥରାଶି ୟୁନିଅନ୍ ବ୍ୟାଙ୍କରେ ଥିବା ଭାରତୀୟ ରେଡ୍‌କ୍ରସ୍ ସୋସାଇଟିର ଖାତାରେ ଜମା କରାଯାଇଛି ବୋଲି ବ୍ରହ୍ମପୁର ସିଭିଲ୍ କୋର୍ଟର ରେଜିଷ୍ଟ୍ରାର ସୌଦାମିନୀ ସିଂହ ସୂଚନା ଦେଇଛନ୍ତି। ରେଡ୍‌କ୍ରସ୍ ପାଣ୍ଠି ମାଧ୍ୟମରେ ଏହି ଅର୍ଥ ବନ୍ୟା ପ୍ରଭାବିତଙ୍କ ରିଲିଫ୍, ଥଇଥାନ ଓ ପୁନର୍ବାସ କାର୍ଯ୍ୟରେ ସହାୟକ ହେବ।

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଆସିକା ବନ୍ୟାଞ୍ଚଳ ପରିଦର୍ଶନ

ବ୍ରହ୍ମପୁର, ୦୫।୧୧ (ନି.ସୂ): ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ଶ୍ରୀମତୀ ବବିତା ପାତ୍ର ମାହୋଦୟାଙ୍କ ୨ ଦିନିଆ ଗଞ୍ଜାମ ଜିଲ୍ଲା ପରିଦର୍ଶନ ଓ କାର୍ଯ୍ୟ ପନ୍ଥା ଗ୍ରହଣ ସମସ୍ତ ମହିଳା ଓ ଶିଶୁ ମାନଙ୍କ ମନରେ ଦୃଢ଼ ବିଶ୍ୱାସ ସୃଷ୍ଟି କକରିପାରିଛି।

ଏଥିରେ ଆସ୍କା ଏନଏସି,ଓ ଆସ୍କା ବ୍ଲକ ଅନ୍ତର୍ଗତ କେ. ନୂଆଁ ପଲ୍ଲୀ, ନବରନ୍ଦପୁର, ମଙ୍ଗଳପୁର, ଓ ଆସ୍କା ସବଡିବିଜନ ହସ୍ପିଟାଲ ,ଅଙ୍ଗନୱାଡ଼ି କେନ୍ଦ୍ର,ଓ ବିଦ୍ୟାଳୟ ,ପରିଦର୍ଶନ କରି,ପ୍ରତ୍ୟକ୍ଷ ତତ୍ତ୍ୱାବନରେ ସମସ୍ତ କାର୍ଯ୍ୟକୁ ତନତନ କରି ପର୍ଯ୍ୟବେକ୍ଷଣ କରିଥିଲେ।

ସ୍ୱାସ୍ଥ୍ୟ କେନ୍ଦ୍ରରେ ମହିଳା ଓ ଶିଶୁ ମାନଙ୍କ ନିମନ୍ତେ ଉପଲବ୍ଧ ସ୍ୱାସ୍ଥ୍ୟସେବା ଓ ଆବଶ୍ୟକୀୟ ପଦକ୍ଷେପ ସମ୍ବନ୍ଧରେ ସମୀକ୍ଷା କରିଥିଲେ,ବିଶୁଦ୍ଧ ପାନୀୟ ଜଳ ପାଇଁ ହୋଲୋଜେନ୍ ବଟିକାର ବ୍ୟବହାର ସମ୍ବନ୍ଧରେ ଅବଗତ କରାଇ,ପରିବେଶ ର ସ୍ୱଚ୍ଛତା ଓ ସଂକ୍ରମଣ ରୁ ରକ୍ଷା ପାଇବା ନିମନ୍ତେ ବ୍ଲିଚିଂ ପାଉଡର୍ ଓ ଫିନାଇଲର ବ୍ୟବହାର କରିବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏଦତ ବ୍ୟତୀତ ଉପରୋକ୍ତ ବ୍ଲକର ଅଧିକାଂଶ ଗ୍ରାମ ପରିଦର୍ଶନ କରି ବହୁ ମହିଳା ଓ ଶିଶୁ ମାନଙ୍କୁ ଭେଟି ସରକାରଙ୍କ ତରଫରୁ ମାଗଣା ଭୋଜନ ବ୍ୟବସ୍ଥା,ସ୍ୱାସ୍ଥ୍ୟ ଅବସ୍ଥା ସହିତ ସେମାନଙ୍କର ବ୍ୟକ୍ତିଗତ ସମସ୍ୟା କୁ ଆଲୋଚନା କରି ତାହାର ସମାଧାନ ଉଦ୍ୟମ କରିଥିଲେ। ବିପର୍ଯ୍ୟୟ ସମୟରେ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ଉତ୍ତମ ଚିକିତ୍ସା ସେବା ନିମନ୍ତେ ଆୟୋଗ ସର୍ବଦା ,ସର୍ବୋଚ୍ଚ ପ୍ରାଥମିକତା ଦେଇ ଆସୁଛି। ଯଥା ସମୟରେ କାର୍ଯ୍ୟପନ୍ଥା ଗ୍ରହଣ କରି ଯେ କୌଣସି ପରିସ୍ଥିତି ରେ ମହିଳା ଓ ଶିଶୁ ମାନଙ୍କ ସୁରକ୍ଷା ଓ ଯତ୍ନ ନେବା ଆମର କର୍ତ୍ତବ୍ୟ ବୋଲି ଅଧକ୍ଷା ଶ୍ରୀମତୀ ବବିତା ପାତ୍ର ଆବେଗରେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆସ୍କା ବିଡ଼ିଓ ,ଜିଲ୍ଲା ଶିଶୁ ସମାଜ ମଙ୍ଗଳ ଅଧିକାରୀ, ଡିସିପିଓ, ସିଡ଼ିପିଓ ଓ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ସୁବର୍ଣ୍ଣପୁରରେ ତମାଖୁ ମୁକ୍ତ ଯୁବ ଅଭିଯାନ ୪.୦ ର ଶୁଭାରମ୍ଭ



ସୁବର୍ଣ୍ଣପୁର, ୦୫।୧୦ (ନି.ସୂ): ୨୦୨୬-୨୭ ବର୍ଷ ପାଇଁ ତମାଖୁ ମୁକ୍ତ ଯୁବ ଅଭିଯାନ ୪.୦ ଆଜି ସୁବର୍ଣ୍ଣପୁର ଜିଲ୍ଲାରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଦେବାଶିଷ ସିଂ ଅଭିଯାନର ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ଜିଲ୍ଲାପାଳ ଯୁବପିଢ଼ିଙ୍କୁ ତମାଖୁ ଓ ନିଶା ଦ୍ରବ୍ୟର କୁପ୍ରଭାବ ବିଷୟରେ ସଚେତନ କରାଇବା ସହ ଜିଲ୍ଲାକୁ ତମାଖୁ ମୁକ୍ତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିଶେଷ କରି ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଯୁବ ସଂଗଠନ ମାଧ୍ୟମରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯିବା ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଓ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ସମସ୍ତ ଶାଖା ଅଧିକାରୀ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ସମସ୍ତ ଅତିଥି ଓ କର୍ମଚାରୀ ତମାଖୁ ଠାରୁ ଦୂରେଇ ରହିବା ଏବଂ ଅନ୍ୟମାନଙ୍କୁ ସଚେତନ କରାଇବା ପାଇଁ ଶପଥ ନେଇଥିଲେ।

ନୂତନ ଆୟକର ଅଧିନିୟମରେ ଟିଡିଏସ ବ୍ୟବସ୍ଥା ନେଇ ସଚେତନତା କାର୍ଯ୍ୟକ୍ରମ

ସଠିକ ଟିକସ କାଟିବା ଓ ତଥ୍ୟ ପ୍ରଦାନ ଉପରେ ଗୁରୁତ୍ୱାରୋପ

ଖୋରଧା ,୫।୧୧(ନି.ସୂ) : ଖୋରଧା ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଟିକସ ଅନୁପାଳନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ନୂତନ ଆୟକର ଅଧିନିୟମ, ୨୦୨୫ରେ ଥିବା ଉତ୍ସରୁ ଟିକସ କାଟ (ଟିଡିଏସ୍) ସମ୍ବନ୍ଧୀୟ ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟକର ବିଭାଗ, ଭୁବନେଶ୍ୱରର ଟିଡିଏସ କମିଶନରେଟ ପକ୍ଷରୁ ଗୁରୁବାର ଖୋରଧା ଜିଲକ୍ଷପାଳଙ୍କ କାର୍ଯ୍ୟାଳୟସ୍ଥିତ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଏକ ସଚେତନତା ତଥା ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ଖୋରଧା ଜିଲକ୍ଷର ବିଭିନ୍ନ ସରକାରୀ ବିଭାଗର ସବ-ରେଜିଷ୍ଟ୍ରାର, ତହସିଲଦାର, ବିଡିଓ, ସ୍ୱତନ୍ତ୍ର ଟ୍ରେଜେରୀ କାର୍ଯ୍ୟାଳୟ ସମେତ ଜିଲକ୍ଷ ପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟର ବହୁ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

କାର୍ଯ୍ୟକ୍ରମର ପ୍ରାରମ୍ଭରେ ଆୟକର ଅଧିକାରୀ ଆଦିତ୍ୟ କୁମାର ନୂତନ ଆୟକର ଅଧିନିୟମ, ୨୦୨୫ରେ ବ୍ୟବହୃତ ସରଳ, ସଂକ୍ଷିପ୍ତ ଓ ସ୍ପଷ୍ଟ ଭାଷା ତଥା ଏହାର ବିଭିନ୍ନ ବୈଶିଷ୍ଟ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ଆୟୋଜକ ତଥା ଆୟକର ଅଧିକାରୀ ଚନ୍ଦନ କୁମାର ଘଡ଼ାଇ ସରକାରୀ କାର୍ଯ୍ୟାଳୟଗୁଡ଼ିକ ପାଇଁ ଉଦ୍ଦିଷ୍ଟ ନୂତନ ଆୟକର ଅଧିନିୟମରେ ଥିବା ବିଭିନ୍ନ ଟିଡିଏସ ସମ୍ବନ୍ଧୀୟ ବ୍ୟବସ୍ଥା ଉପରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ। ବିଶେଷକରି ତ୍ରୈମାସିକ ଟିଡିଏସ ରିଟର୍ଣ୍ଣ ଦାଖଲ ସମୟରେ ଟିକସ କାଟୁଥିବା ବ୍ୟକ୍ତି ବା ସଂସ୍ଥାଗୁଡ଼ିକ ଦେୟରାଶି ଓ ଟିଡିଏସ ସମ୍ପର୍କିତ ସଠିକ ତଥ୍ୟ ପ୍ରଦାନ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହାଦ୍ୱାରା ଟିକସଦାତାମାନେ ନିଜ ପ୍ରାପ୍ୟ ଟିଡିଏସ କ୍ରେଡିଟ ସଠିକ ଭାବେ ପାଇପାରିବେ ବୋଲି ସେ କହିଥିଲେ। ଏଥିସହ ସଠିକ ନିୟମ ଅନୁଯାୟୀ ଟିକସ କାଟିବା ଓ ସମୟାନୁଯାୟୀ ରିଟର୍ଣ୍ଣ ଦାଖଲ କରିବା ଦେଶର ରାଜସ୍ୱ ଆୟ ବୃଦ୍ଧିରେ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଟିଡିଏସ ସମ୍ବନ୍ଧୀୟ ବିଭିନ୍ନ ନିୟମ ପାଳନ କରିବା ସମୟରେ ସରକାରୀ ଅଧିକାରୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ଅସୁବିଧା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଆୟକର ବିଭାଗର ଅଧିକାରୀମାନେ ସେଗୁଡ଼ିକର ସମାଧାନ ନେଇ ଆବଶ୍ୟକ ପରାମର୍ଶ ଓ ସ୍ପଷ୍ଟୀକରଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋରଧାର ଆୟକର ଅଧିକାରୀ ସ୍ୱପନ ରଏ, ଅତିରିକ୍ତ ଜିଲକ୍ଷପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ପ୍ରତାପ ଚନ୍ଦ୍ର ବେଉରାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଆୟକର ଅଧିକାରୀ ଚନ୍ଦନ କୁମାର ଘଡ଼ାଇ ଧନ୍ୟବାଦ ଅର୍ପଣ କରିଥିଲେ।

ତନ୍ତ୍ର ସାଧନା ପାଇଁ ମୃତ ଯୁବତୀର ମୁଣ୍ଡ ଗାଏବ

ନବରଙ୍ଗପୁର,୦୫।୧୧ (ନି. ସୂ): ସମାଧିରୁ ମୃତ ଯୁବତୀର ମୁଣ୍ଡ ଗାଏବ ଘଟଣା ଏବେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି । ଏହିପରି ଏକ ଲମ ଟାଙ୍କୁରା ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଧଣ୍ଡରା ପଞ୍ଚାୟତ ଅନ୍ତର୍ଗତ ନରସିଂହଗୁଡା ଠାରେ ଗ୍ରାମବାସି କହିବା ମୁତାବକ ସେହି ଗ୍ରାମର ନୀଳାଦ୍ରି ମାଝୀ ୨୭ ବର୍ଷ ଙ୍କୁ ମିଳିମିଳା ଏବଂ ବସନ୍ତ ବା ଗାଉଁଲି ଭାଷାରେ ଠାକୁରାଣୀ ଆସିଥିଲେ ସେପଟ୍ମ୍ବେର ୨୭ ତାରିଖ ରେ ଯୁବତୀଙ୍କ ମୃତ୍ୟୁ ହୋଇଥିଲା । ସେହି ବିଶ୍ୱାସ ଶବ ନ ପଡି ପତି ଦେଇଥିଲେ। ପତାଯାଇଥିବା ସ୍ଥାନ ୨୧ ଦିନ ପର୍ଯ୍ୟନ୍ତ ପରିବାର ଲୋକ ରାତ୍ରି ଯାପନ କରିଥିଲେ । କାଳେ କୌଣସି ଅଘଟଣ ନ ଘଟୁ । ମୃତ୍ୟୁର ୪୨ ଦିନ ପରେ କିଛି ଗ୍ରାମ ର କିଛି ଲୋକ ନିତ୍ୟକର୍ମ ପାଇଁ ଯାଇଥିବାବେଳେ ଶବ କୁ ଖୋଲା ଯାଇଥିବା ଦେଖି ପରିବାର କୁ ଖବର ଦେଇଥିଲେ । ପରେ ଗ୍ରାମ ବାସି ଆସି ଦେଖିଥିଲେ ଯେ ସେଠାରେ ଧଳା ଓ କଳା କୁକୁଡ଼ା ନଡ଼ିଆ ଶାବଳ ଛୁରୀ ପଡ଼ିରହିଛି । ତାର ମୁଣ୍ଡ ନ ଥିବାର ଦେଖିବାକୁ ପାଇଥିଲେ । ତନ୍ତ୍ରବିଦ୍ୟା ପାଇଁ ଦୁର୍ବୃତ୍ତ ମୃତଦେହ ମୁଣ୍ଡ କାଟି ନେଇଥିବା ସନ୍ଦେହ ଗ୍ରାମ ବାସି ଅଭିଯୋଗ କରିଛନ୍ତି । ଏହାକୁ ଉଚ୍ଚସ୍ତରୀୟ ତଦନ୍ତ କରି ଦସିକୁ କଠର ଦଣ୍ଡ ଦେବାକୁ ଦାବୀ କରିଛନ୍ତି । ଏବେ ସେ ଅଞ୍ଚଳ ରେ ଭୟ ବାତାବରଣ ଖେଳିଯାଇଛି ।



ହାତୀବନ୍ଧା ହାଇସ୍କୁଲ ପାଇଁ ଗୌରବ

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବେ ଶିକ୍ଷକ ରୂପେଶ କୁମାର ମେହେର

ସିନାପାଲି ୦୫।୧୦(ନି ସୂ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ହାତୀବନ୍ଧା ର ବିଜ୍ଞାନ ଶିକ୍ଷକ ଶ୍ରୀ ରୂପେଶ କୁମାର ମେହେର ଲଗାତାର ଦ୍ୱିତୀୟ ଥର ନିଜ ଶିକ୍ଷାଦାନ ଏବଂ ସଫଳତା ପାଇଁ ସୁନାମ ଅର୍ଜନ କରିଛନ୍ତି। ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ତାଙ୍କୁ ଗଣିତ ବିଷୟରେ ଜିଲ୍ଲା ସ୍ତରୀୟ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପାଇଁ ଶ୍ରେଷ୍ଠ ଶିକ୍ଷକ ଭାବେ ମନୋନୀତ କରାଯାଇଛି।



ଶିକ୍ଷକ ମେହେର ଲଗାତାର ଦ୍ୱିତୀୟ ବର୍ଷ ଧରି ଏହି ସମ୍ମାନଜନକ ପୁରସ୍କାର ପାଇବାର ଗୌରବ ହାସଲ କରିଛନ୍ତି। ପୂର୍ବରୁ ୨୦୨୪-୨୫ ଶିକ୍ଷାବର୍ଷରେ ନିଜର ଅତୁଳନୀୟ ଶିକ୍ଷାଦାନ ଓ ଅବଦାନ ପାଇଁ ମନୋନୀତ ହୋଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ରାଜ୍ୟ ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଗ୍ରହଣ କରିଥିଲେ । ଶିକ୍ଷକ ମେହେରଙ୍କ ଏହି ସଫଳତା ପାଇଁ ସିନାପାଲି ବ୍ଲକ, ସରକାରୀ ଉଚ୍ଚ ବିଦ୍ୟାଳୟ ହତିବନ୍ଧାର ସମସ୍ତ କର୍ମଚାରୀ , ଛାତ୍ରଛାତ୍ରୀ ତଥା ଅଭିଭାବକ ଏବଂ ନୂଆପଡ଼ା ଜିଲାର ବୁଦ୍ଧିଜୀବୀ ମହଲରେ ଖୁସିର ଲହରୀ ଖେଳିଯାଇଛି।

ନାବାଳିକା ଛାତ୍ରୀଙ୍କ ଗର୍ଭଧାରଣ ଓ ସନ୍ତାନ ପ୍ରସବ ଘଟଣାର ନ୍ୟାୟିକ ତଦନ୍ତ ଦାବି କଲା ବିଜେଡି

ଭାରତୀ ହାଁସଦା ଓ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ପ୍ରଭାବିତ ଅଞ୍ଚଳ ପରିଦର୍ଶନ

ଦୋଷୀଙ୍କ ତୁରନ୍ତ ଗିରଫ, ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ଓ ପୀଡ଼ିତାଙ୍କ ସୁରକ୍ଷା ଦାବି

ବେତନଟୀ ୫।୧୧ : ମୟୂରଭଞ୍ଜ ଜିଲ୍ଲାର ଏକ ଆବାସିକ ବିଦ୍ୟାଳୟରେ ଜଣେ ନାବାଳିକା ଛାତ୍ରୀ ଗର୍ଭବତୀ ହେବା ଏବଂ ପରବର୍ତ୍ତୀ ସମୟରେ ଏକ ଶିଶୁପୁତ୍ରକୁ ଜନ୍ମ ଦେବା ଭଳି ଅତ୍ୟନ୍ତ ମର୍ମାହତ ଓ ଉଦ୍‌ବେଗଜନକ ଘଟଣାକୁ ବିଜୁ ଜନତା ଦଳ ତୀବ୍ର ନିନ୍ଦା କରିଛି । ଏହି ଘଟଣାର ଗମ୍ଭୀରତାକୁ ନିନ୍ଦା କରିବା ପାଇଁ ଯେତେ କଠୋର ଶବ୍ଦ ପ୍ରୟୋଗ କଲେ ମଧ୍ୟ ତାହା ଯଥେଷ୍ଟ ହେବ ନାହିଁ ବୋଲି ଦଳ କହିଛି । ଏହି ଘଟଣା ଆବାସିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀମାନଙ୍କ ସୁରକ୍ଷା, ନିରାପତ୍ତା ଓ କଲ୍ୟାଣକୁ ନେଇ ଅନେକ ପ୍ରଶ୍ନ ଉଠୁଛି ।

ରାଜ୍ୟ ସରକାରଙ୍କ ବହୁ ପ୍ରଚାରିତ 'ବେଟି ବଚାଓ, ବେଟି ପଢ଼ାଓ' ସ୍ଲୋଗାନର ବାସ୍ତବତାକୁ ନେଇ ବିଜେଡି ପ୍ରଶ୍ନ ଉଠାଇଛି । ଶିକ୍ଷାନୁଷ୍ଠାନଗୁଡ଼ିକରେ ବାରମ୍ବାର ହିଂସା, ନିର୍ଯାତନା ଓ ଚରମ ଅବହେଳାର ଘଟଣା ସାମ୍ନାକୁ ଆସୁଥିବା ବେଳେ ଏହି ସ୍ଲୋଗାନର ମୂଲ୍ୟବୋଧ ଅର୍ଥହୀନ ହୋଇପଡ଼ିଛି ବୋଲି ଦଳ ମତବ୍ୟକ୍ତ କରିଛି । ଜଣେ ନାବାଳିକା ଛାତ୍ରୀ ପ୍ରାୟ ୭ ମାସ ଧରି ଗର୍ଭବତୀ ଥିବା ସତ୍ତ୍ୱେ ବିଦ୍ୟାଳୟ କର୍ତ୍ତୃପକ୍ଷ କିପରି ଏହା ଜାଣିପାରିଲେ ନାହିଁ, ତାହାକୁ ନେଇ ବିଜେଡି ଗଭୀର ଉଦ୍‌ବେଗ ପ୍ରକାଶ କରିଛି । ଏହା ଆନୁଷ୍ଠାନିକ ତଦାରଖ, ନିରୀକ୍ଷଣ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାରେ ଗୁରୁତର ତ୍ରୁଟି ଥିବାର ପ୍ରମାଣ ଦେଉଛି ।

ନବଜାତ ଶିଶୁଟିକୁ ଉପଯୁକ୍ତ ଯତ୍ନ, ଚିକିତ୍ସା ସେବା ଓ ଆବଶ୍ୟକ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ କରାଯାଇଥିବା ନେଇ ଆସିଥିବା ଖବରକୁ ନେଇ ମଧ୍ୟ ଦଳ ଗଭୀର ଉଦ୍‌ବେଗ ପ୍ରକାଶ କରିଛି । ନାବାଳିକା ଛାତ୍ରୀ ଜଣକ କେଉଁ ପରିସ୍ଥିତିରେ ଗର୍ଭବତୀ ହେଲେ ଏବଂ ଶିଶୁର ଅଧିକାର ଓ ମର୍ଯ୍ୟାଦାର ଏହି ଗୁରୁତର ଉଲ୍ଲଂଘନ ପାଇଁ କେଉଁମାନେ ଦାୟୀ, ତାହା ନିର୍ଦ୍ଧାରଣ କରିବାକୁ ବିଜେଡି ସମଗ୍ର ଘଟଣାର ତୁରନ୍ତ ନ୍ୟାୟିକ ତଦନ୍ତ ଦାବି କରିଛି ।


ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବା, ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ନାବାଳିକା ଛାତ୍ରୀ ଓ ତାଙ୍କ ନବଜାତ ଶିଶୁଙ୍କୁ ପର୍ଯ୍ୟାପ୍ତ ଚିକିତ୍ସା ସେବା, ସୁରକ୍ଷା, ପରାମର୍ଶ ଓ ଥଇଥାନ ବ୍ୟବସ୍ଥା ଯୋଗାଇଦେବାକୁ ବିଜେଡି ଦାବି କରିଛି । ଠିକ୍ ସମୟରେ ଛାତ୍ରୀଙ୍କ ଗର୍ଭଧାରଣ ସମ୍ପର୍କରେ ଜାଣିବା ଓ ତାଙ୍କ ସୁରକ୍ଷା ତଥା ସୁସ୍ଥତା ନିଶ୍ଚିତ କରିବାରେ ବିଫଳ ହୋଇଥିବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉତ୍ତରଦାୟିତ୍ୱ ମଧ୍ୟ ନିର୍ଦ୍ଧାରଣ କରିବାକୁ ଦଳ ଦାବି କରିଛି। ଉକ୍ତ ପ୍ରତିନିଧୀ ଦଳରେ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବେତନଟି ବ୍ଲକ ସଭାପତି ରାଜୀବ ସେନାପତି, ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ସବିତା ଦାସ ଓ ଧାନି କିସ୍କୁ, ବ୍ଲକ ଉପାଧ୍ୟକ୍ଷ ଦେବଦତ୍ତ ତିଆଡ଼ି, ଜ୍ୟୋତି ସାମଲ, ସନ୍ତୋଷ ଜେନା, ସୁଶାନ୍ତ



କୁମାର ବଳ, ଚିତେଶ୍ୱର ବେହେରା, ମନୀଷ ଗିରି, ଦୀପକ ସାହୁ ଓ ଅନିଲ ସିଂ ପ୍ରମୁଖ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ । ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରିବା ସହ ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିନିଧି ଦଳ ଦାବି କରିଥିଲା । ଆସନ୍ତାକାଲି ସୁଦ୍ଧା ସରକାରଙ୍କ ପକ୍ଷରୁ ଠୋସ୍ ଓ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରାନଗଲେ ବିଜେଡି ସରକାରଙ୍କ ବିରୋଧରେ ଗଣତାନ୍ତ୍ରିକ ଆନ୍ଦୋଳନ ଆରମ୍ଭ କରିବ ବୋଲି ଚେତାବନୀ ଦେଇଛି । ହଷ୍ଟେଲରେ ଜଣେ ଗର୍ଭବତୀ ଛାତ୍ରୀଟି ଥିବା ବେଳେ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ଯାହାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ପୂର୍ବରୁ ଜାଣିପାରିଲେ ନାହିଁ। କେଜିବିଭି ବିଦ୍ୟାଳୟରେ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ପ୍ରକ୍ରିୟା ହେଉଥିବା ବେଳେ ଛାତ୍ରୀର ସ୍ୱାସ୍ଥ୍ୟ ଯାଞ୍ଚ ସମୟରେ ଉକ୍ତ ଘଟଣା କିପରି ଜଣା ପଡିଲା ନାହିଁ। ତାହାକୁ ନେଇ ପ୍ରତିନିଧି ଦଳ ପ୍ରଶ୍ନ କରିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଖାମଖିଆଲି କାର୍ଯ୍ୟ ପାଇଁ ଆଜି ନିନ୍ଦନୀୟ ଘଟଣା ଘଟିଯାଇଛି। ଉକ୍ତ ଘଟଣାରେ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି ହୋଇଛି।

ନୂଆପଡାରେ ଆଡାପ୍ଟ-୪-ଆର ପ୍ରକଳ୍ପ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ଜଳବାୟୁ ଆକଳନ ମଞ୍ଚ ଓ ରବି ଫସଲ ଯୋଜନା ବୈଠକ ଅନୁଷ୍ଠିତ

ନୂଆପଡ଼ା,୦୫/୧୧(ନି.ସୂ): ନୂଆପଡ଼ା ଜିଲ୍ଲାରେ ଆଡାପ୍ଟ-୪-ଆର (ADAPT4R– Adaptation for Resilience) ପ୍ରକଳ୍ପ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ଜଳବାୟୁ ଆକଳନ ମଞ୍ଚ ଓ ରବି ଫସଲ ଯୋଜନା ବୈଠକ ଆଜି ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡିଏଫ୍‌ଓ (ପ୍ରାନ୍ତୀୟ) ତଥା ADAPT4R ପ୍ରକଳ୍ପର ଜିଲ୍ଲା ନୋଡାଲ୍ ଅଧିକାରୀ ଅଜିଜ୍ ଖାନ୍ ଉପସ୍ଥିତ ଅତିଥି ଓ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (WFP)ର ଜଳବାୟୁ ସହନଶୀଳତା ଓ ବିପର୍ଯ୍ୟୟ ଜୋଖିମ ହ୍ରାସ ବିଭାଗର ମୁଖ୍ୟ ପ୍ରଜ୍ଞା ପୈଠଣକର ଏବଂ WFP ଓଡ଼ିଶାର ମୁଖ୍ୟ ହିମାଂଶୁ ଏସ୍. ବଳ ବୈଠକରେ ଯୋଗଦେଇଥିଲେ। ଏହି ଅବସରରେ ଭବାନୀପାଟଣାସ୍ଥିତ RRTTSର କୃଷି ପାଣିପାଗ ବିଶେଷଜ୍ଞ ଚଳିତ ରବି ଋତୁର ଜଳବାୟୁ ଆକଳନ ଉପସ୍ଥାପନ କରିବା ସହ ଏହି ଋତୁ ପାଇଁ ଜଳବାୟୁ ଭିତ୍ତିକ କୃଷି ପରାମର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। WFP ପ୍ରତିନିଧିମାନେ ADAPT4R ପ୍ରକଳ୍ପର ଉଦ୍ଦେଶ୍ୟ, ଭୌଗୋଳିକ କାର୍ଯ୍ୟ ପରିସର,ନୂଆପଡ଼ା ଜିଲ୍ଲା ପାଇଁ ଧାର୍ଯ୍ୟ ପ୍ରମୁଖ ଲକ୍ଷ୍ୟ ଏବଂ ପ୍ରକଳ୍ପ ଅନ୍ତର୍ଗତ ବିଭିନ୍ନ ଉପାଦାନର ତୃଣମୂଳସ୍ତରୀୟ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଉପସ୍ଥାପନା କରିଥିଲେ। ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆଙ୍କ ସମେତ ବିଭିନ୍ନ ବିଭାଗର ? ଅଧିକାରୀ, WFPର ପ୍ରତିନିଧି ଏବଂ ପ୍ରକଳ୍ପ ସହ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ।



ଖୋରଧା କ୍ଲବ ନାମରେ ଦୁର୍ନିତୀ ଅଭିଯୋଗ

ଖୋରଧା,୦୫/୧୧(ନି.ସୂ) : ଇଂରେଜ ସରକାରଙ୍କ ସମୟରେ କେତେକ ଦାନ କରାଯାଇଥିବା ଜମିରେ ଏହି କ୍ଲବର ଭିତିଭୂମି ଓ ନିର୍ମାଣ କାର୍ଯ୍ୟ କରାଯାଇଥିଲା । କାଳକ୍ରମେ ଏହି କ୍ଲବର ନାମ ରହିଥିଲା ଶୈଳବାସିନୀ ଅଫିସର୍ସ ଆମେଚର କ୍ଲବ । ତେଣୁ ଏହା ଜନସାଧାରଣ ମାନଙ୍କର ସମ୍ପତି କହିଲେ ଅତ୍ୟୁକ୍ତି ହେବ ନାହିଁ । ୧୯୬୨ ମସିହା ବନେ୍ଦାବସ୍ତରେ ମୌଜା ଜଜାରସିଂହ ଖାତାନଂ ୬୨୫ ରେ ଏ୦.୭୭୫ଡି. ଏବଂ ୯୭୪ ଖାତାରେ ଏ୧.୭୧୩ଡି. ଏଭଳି ମୋଟ ଏ୨.୪୮୮ଡି. ଜମି ଅଫିସର୍ସ କ୍ଲବ ନାମରେ ରହିଥିଲା । ୧୯୬୩ ମସିହା ଅକ୍ଟୋବର ୨୨ ତାରିଖରେ ଏକ ନୂତନ କ୍ଲବ ଗଢ଼ି ଉଠିଥିଲା ଯାହାର ପଞ୍ଜିକୃତ ସଂଖ୍ୟା ୧୬୦୩/୬୦୯ ଅଟେ । ଏହି କ୍ଲବର ସଭ୍ୟମାନେ ଉଚ୍ଚ ଶିକ୍ଷିତ ଏବଂ ବିଭିନ୍ନ ସରକାରୀ କର୍ମଚାରୀଙ୍କୁ ନେଇ କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ଅଫିସର୍ସ କ୍ଲବ ନାମରେ ଥିବା ମାଲିକାନା ଜମିକୁ ମାଡ଼ିବସି ଖୋରଧା କ୍ଲବ ନାମ କରଣ କରି ଉପଭୋଗ କରିବାକୁ ବସିଲେ । ସେହି କ୍ଲବ୍ ମାଲିକାନା କହୁଥିବା ଜାଗାରେ ପ୍ରିୟା ପିକ୍ଚର ହାଉସ, ଆନନ୍ଦ ଭବନ ହୋଟେଲ ଜାଗା, କୋଣାର୍କ ସିନେମା ହଲ ଜାଗା, କାଶୀ ପେଟ୍ରୋଲ ପମ୍ପ ଜାଗା ଏବଂ ପରିସର ମଧ୍ୟରେ ଥିବା ପୋଖରୀ, ବଘର, କ୍ଲବ ଜାଗାରେ ପଡ଼ିଥିବା ଅସ୍ଥାୟୀ ଦୋକାନ ଘରକୁ ଜବର ଦଖଲ କରି ଖୋରଧା କ୍ଲବର କିଛି ମୁଷ୍ଟିମେୟ ସଭ୍ୟ ନିଜ ଅକ୍ତିଆରକୁ ଆଣି କିଛି ଜମିକୁ ମଧ ବିକ୍ରୀ କରି ଆତ୍ମସାତ କରିଥିବା ଅଭିଯୋଗ ହୋଇଛି । ଏହିଭଳି ସ୍ଥଳେ କିଛିଦିନ ଏକଛତ୍ରବାଦ ଭାବେ ରାଜନୈତିକ ଉଦ୍ଦେଶ୍ୟ ରଖି ଶୈଳବାସିନୀ ଅଫିସର୍ସ ଆମେଚର କ୍ଲବକୁ ସବୁଦିନ ପାଇଁ ନିଶ୍ଚିହ୍ନ କରିବାକୁ ଷଡ଼ଯନ୍ତ୍ର କଲେ । ୨୦୧୮ ମସିହାରେ ପ୍ରଶାସନକୁ ହାତବାରିସି କରି ଶୈଳବାସିନୀ କ୍ଲବର ସମ୍ପତିକୁ ଖୋରଧା କ୍ଲବ ନାମରେ ପଟ୍ଟା ସଂଶୋଧନ କଲେ ଯେଉଁଥିରେ କି ଶୈଳବାସିନୀ କ୍ଲବର ସିକୃତ କିମ୍ବା ସରକାରଙ୍କର କୌଣସି ନିଦ୍ରେଦଶ ନାମା ନଥିଲା । ଏହି ଜମି ଖୋରଧା କ୍ଲବ ନାମରେ ଅନ୍ୟାୟ ଭାବରେ ହସ୍ତାନ୍ତର ହୋଇଥିବାରୁ ଉପ-ଜିଲାପାଳ ଖୋରଧାଙ୍କ କୋର୍ଟରେ ଏକ ମୋକଦ୍ଦମା ମିସ୍ କେଶ ନଂ ୧୯/୨୦୨୪ ରେ ବିଚାରାଧୀନ ଅଛି । ଏଭଳି ସ୍ଥଳେ ଖୋରଧା କ୍ଲବ ୨୦୨୪ ମସିହାରେ ୧୯୦୭ ପ୍ଲଟ ଏବଂ ୧୯୫୧ ପ୍ଲଟକୁ ଦୁଇଜଣ ବିଲ୍ଡରଙ୍କୁ ଘର ତୋଳିବା ପାଇଁ ୬୫/୩୫ ଭାଗରେ ସମର୍ପି ଦେଇଛନ୍ତି ଏହା ପରେ ଏକାଧିକ ସଭ୍ୟ ଜାଣି ନଥିବା କିଛି ସଭ୍ୟ ଅଭିଯୋଗ କରିଛନ୍ତି । ପୁନଶ୍ଚ କୋଣସି ଅଗୋଚରରେ ୨୦୨୬ ମସିହା ଜୁନ ୨୯ ତାରିଖରେ ଆନନ୍ଦ ଭବନ ହୋଟେଲକୁ ଅନ୍ୟାୟ ଭାବେ ଅନ୍ୟ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତରେ ଟେକି ଦେଇଥିବା ମଧ ଅଭିଯୋଗ ଆସିଛି । ୧୯୯୩ ମସିହା ଠାରୁ ୨୦୨୬ ମସିହା ପର୍ଯ୍ୟନ୍ତ ୧୦ଟିରୁ ଊର୍ଦ୍ଧ ହେବ ଦଲିଲ ରେଜିଷ୍ଟ୍ରେସନ କରି କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ହାତରେ କ୍ଲବ ଜମିକୁ ଟେକି ଦେଇଥିବା ସାଙ୍ଘାତିକ ଅଭିଯୋଗ ହେଉଅଛି । ସୂଚନା ଯୋଗ୍ୟ ଖୋରଧା କ୍ଲବରେ ୧୯୯୦ ମସିହା ଠାରୁ ଆଜି ପର୍ଯ୍ୟନ୍ତ କୌଣସି ସାଧାରଣ ବୈଠକ କିମ୍ବା ଇଲେକ୍ସନ କରାଯାଇ ନାହିଁ ।



କାର୍ଯ୍ୟକାରୀ କମିଟିର ସଭ୍ୟମାନେ ମନୋନିତ କିମ୍ବା ନିର୍ବାଚିତ ମଧ ହୋଇ ନାହାନ୍ତି । କୌଣସି ହିସାବପତ୍ର କିମ୍ବା କ୍ଲବର ଆକାଉଂଟ ଅଡିଟ୍ କରାଯାଉନାହିଁ । ସେହିପରି ସଭ୍ୟପଦକୁ ନେଇ ଆଇନ ଗତ ପଦକ୍ଷେପ ନିଆଯାଉ ନଥିବା ଯୋଗୁଁ ବିଶୃଙ୍ଖଳା ଦେଖା ଦେଇଛି । କ୍ଲବ ଜାଗାରେ ଅନ୍ୟାୟ ଭାବରେ କିଛି ମୁଷ୍ଟିମେୟ ପ୍ରଭାବଶାଳୀ ବ୍ୟକ୍ତିମାନେ ସଭ୍ୟ ବା କମିଟିର ଅଗୋଚରରେ ନିର୍ମାଣ କାର୍ଯ୍ୟ ମନଇଚ୍ଛା କରୁଅଛନ୍ତି । କ୍ଲବର କାର୍ଯ୍ୟକାରିତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଖୋରଧା କ୍ଲବର ରେଜିଷ୍ଟ୍ରେସନ ସାର୍ଟି ଫିକେଟରେ ଦି ଖୋରଧା କ୍ଲବ ଥିଲାବେଳେ ଏହା ଖୋରଧା କ୍ଲବ ନାମରେ କାର୍ଯ୍ୟ କରୁଛି । ଭିନ୍ନ ଭିନ୍ନ ସମୟରେ କ୍ଲବର ରେଜିଷ୍ଟ୍ରେସନ ନମ୍ବରକୁ ବଦଳାଇ ପ୍ୟାଡ଼ କୁ ଜାଲ ବ୍ୟବହାର କରି ସଭ୍ୟମାନଙ୍କୁ ଭ୍ରମିତ କରାଯାଉଛି । ସରକାରଙ୍କ ତରଫରୁ ଯେଉଁ ଅନୁଦାନ ମିଳୁଛି ତାହାକୁ କିଛି ମୁଷ୍ଟିମେୟ ଲୋକ ଆତ୍ମସାତ କରୁଅଛନ୍ତି । ଏହି ଅନ୍ୟାୟ କାର୍ଯ୍ୟକୁ ବିରୋଧ କରି କ୍ଲବର ଜଣେ ସଭ୍ୟ ଗତ ୧୩ ଅକ୍ଟୋବର ୨୦୨୬ ରେ ଜିଲକ୍ଷପାଳ ଖୋରଧା, ଆଇ.ଜି.ଆର ଓଡ଼ିଶା କଟକଙ୍କୁ ଅଭିଯୋଗ କରି ଲିଖିତ ଭାବରେ ଜଣାଇଅଛନ୍ତି । ଆନନ୍ଦ ଭବନ ହୋଟେଲ ମଧ ନ୍ୟାୟ ପାଇଁ ଖୋରଧା କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏହାର ତଦନ୍ତ କରାନ ଗଲେ ଆଗାମୀ ଦିନରେ ଏକ ବଡ଼ ଧରଣର ଆନେ୍ଦାଳନକୁ କରାଯିବ ବୋଲି କିଛି ସଦସ୍ୟ ନିଜ ନାମ ଗୋପନ କରି ଗଣମାଧ୍ୟମକୁ ପ୍ରକାଶ କରିଛନ୍ତି ।କିଛି ଦିନ ପୂର୍ବରୁ ଦୁଇଥର ଏହି ଖୋରଧା କ୍ଲବ ବିଷୟରେ ପୋଖରୀ ସହିତ ପେଟ୍ରୋଲ ଟାଙ୍କି ଓ ଦୋକାନ ଘର ବିଷୟରେ ଆମରି କାଗଜରେ ଖବର ପଶାରଣ ହେଇଥିଲା,ତେଣୁକରି ଏଥିପ୍ରତି ଜନସାଧାରଣ ଙ୍କ ସହିତ ପ୍ରଶାସନ ଅଧିକାରୀ ମାନେ ନିହାତି ଦୃଷ୍ଟି ଦେବାକୁ ଦାବି ହେଉଛି, ଅପେକ୍ଷା ରେ ଖୋରଧା ଜନସାଧାରଣ ।

୪୦ଗ୍ରାମ ବ୍ରାଉନ ସୁଗାର ଜବତ ଜଣେ ଗିରଫ



ପଟ୍ଟାମୁଣ୍ଡାଇ,୫/୧୧(ନି.ସୂ):ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ଦକ୍ଷିଣଦିଆ ଗ୍ରାମରେ ଚଢ଼ାଉ କରି ୪୦ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଏହି ଘଟଣାରେ ସଂପୃକ୍ତ ଏହି ଗ୍ରାମର ସୁମନ ମଳିକଙ୍କୁ ଗିରଫ କରି କୋଟ ଚାଲାଣ କରିଛି। ପ୍ରକାଶ ଥାଉକି ପଟ୍ଟାମୁଣ୍ଡାଇ ଅଂଚଳରେ ବିଭିନ୍ନ ଆଡେ ବ୍ରାଉନ ସୁଗାର ଅବାଧରେ ବିକ୍ରି ହେଉଛି। ଯାହାକୁ ନେଇ ଯୁବକ ଓ କଲେଜ ଛାତ୍ରମାନେ ସେବନ କରିବା ଦ୍ୱାରା ଚାରିଆଡେ ବିଭିନ୍ନ ଅପରାଧିକ କାର୍ଯ୍ୟ ବଢ଼ିବାରେ ଲାଗିଛି। ଏହି ଘଟଣାକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗ ଜଣେ ଯୁବକ ଠାରୁ ୪୦ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଯାହାର ବଜାର ଆନୁମାନିକ ମୂଲ୍ୟ ୪ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡିଛି। ଅବକାରୀ ବିଭାଗ ପକ୍ଷରୁ ଏହି ଚଢ଼ାଉ ସମୟରେ ଅବକାରୀ ବିଭାଗ ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ଜେନା, ଏଏସଆଇ ଏସ ହେମ୍ବ୍ରମ,ଲିଂକନ ମହାରଣା, ଶୁଭସ୍ମିତା ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। ଅଭିଯୁକ୍ତର ଜାମିନ ଖାରଜ ହେବାରୁ ତାକୁ ଜେଲ ହାଜତକୁ ପଠେଇ ଦିଆଯାଇଛି।

ପାରାଦ୍ୱୀପ ବେଳାଭୂମିରେ ଆନୁଷ୍ଠାନିକ ଭାବେ ସମ୍ପନ୍ନ ହେଲା 'କଳିଙ୍ଗ ବାଲିଯାତ୍ରା-୨୦୨୬'ର ଭୂମି ପୂଜନ ଉତ୍ସବ

ପାରାଦ୍ୱୀପ,(ନି.ସୂ):ଆଜି ପାରାଦ୍ୱୀପ ବେଳାଭୂମି ପ୍ରାଙ୍ଗଣରେ ଆଗାମୀ 'କଳିଙ୍ଗ ବାଲିଯାତ୍ରା-୨୦୨୬' ପାଇଁ ଭୂମି ପୂଜନ ଉତ୍ସବ ଅତ୍ୟନ୍ତ ଆଡ଼ମ୍ବରପୂର୍ଣ୍ଣ ଓ ଶ୍ରଦ୍ଧାଳୁ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ବାଲିଯାତ୍ରା କମିଟି, ପାରାଦ୍ୱୀପର ଆନୁକୂଲ୍ୟରେ ଆୟୋଜିତ ଏହି ପବିତ୍ର କାର୍ଯ୍ୟକ୍ରମରେ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଯୋଗଦେଇ ବାଲିଯାତ୍ରାର ସଫଳତା କାମନା କରିଛନ୍ତି।ଏହି ଉତ୍ସବରେ ମୁଖ୍ୟ ଅତିଥି ଏବଂ ସମ୍ମାନନୀୟ ବ୍ୟକ୍ତିବିଶେଷଙ୍କ ଭାବେ ପାରାଦ୍ୱୀପ ଏଡିଏମ ଶ୍ରୀ ଯୁକ୍ତ ନିରଞ୍ଜନ ବେହେରା, ପାରାଦ୍ୱୀପ ମ୍ୟୁନିସିପାଲଟିର ଏକ୍‌ଜୁକେଟିଭ୍ ଅଫିସର ଶ୍ରୀ ଅଭିଷେକ ପଣ୍ଡା ଏବଂ ପାରାଦ୍ୱୀପ ମ୍ୟୁନିସିପାଲଟିର ଚେୟାରମାନ ଶ୍ରୀ ଯୁକ୍ତ ବସନ୍ତ କୁମାର ବିଶ୍ୱଳ ପ୍ରମୁଖ ଉପସ୍ଥିତ ଥିଲେ। ସେମାନଙ୍କ ସହିତ ପାରାଦ୍ୱୀପ ମ୍ୟୁନିସିପାଲଟିର ଅନ୍ୟାନ୍ୟ ମାନ୍ୟଗନ୍ୟ ବ୍ୟକ୍ତିମାନେ ମଧ ଯୋଗଦେଇ ବୈଦିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନାରେ ଅଂଶଗ୍ରହଣ କରିଥିଲେ। ଭୂମି ପୂଜନ ସାଙ୍ଗକୁ ଚଳିତ ବର୍ଷର ବାଲିଯାତ୍ରା ଆୟୋଜନ ପାଇଁ ପ୍ରସ୍ତୁତି ପର୍ବ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି। ପାରାଦ୍ୱୀପର ସାଂସ୍କୃତିକ ପରମ୍ପରାକୁ ଜୀବନ୍ତ ରଖିବା ଏବଂ ବାଣିଜ୍ୟିକ ଓ ସାଂସ୍କୃତିକ ପରିବେଶକୁ ଆହୁରି ସୁନ୍ଦର କରିବା ପାଇଁ ଏହି ବାଲିଯାତ୍ରା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି। କମିଟିର ସମସ୍ତ କର୍ମକର୍ତ୍ତା ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଏଥରର ବାଲିଯାତ୍ରା ଅତି ଭବ୍ୟ ଭାବେ ଅନୁଷ୍ଠିତ ହେବ ବେଳେ ଆଶା କରାଯାଉଛି।



କାନ୍ଦୁଲଝର ଗାଁରେ ନୂତନ ମଦ ଭାଟି ନିର୍ମାଣକୁ ଦୃଢ଼ ବିରୋଧ,ଅବକାରୀ ବିଭାଗକୁ ଦୃଷ୍ଟି ଆକର୍ଷଣ

ଭବାନୀପାଟଣା,୦୫/୧୧(ନି.ସୂ):କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ଅର୍ତଲ ଗ୍ରାମ ପଞ୍ଚାୟତର କାନ୍ଦୁଲଝର ଗ୍ରାମରେ ଏକ ନୂତନ ମଦ ଭାଟି ଓ ଦୋକାନ ନିର୍ମାଣ କରାଯାଉଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆଜି ଅର୍ତଲ ପଞ୍ଚାୟତର ଶତାଧିକ ମହିଳା ଓ ଗ୍ରାମବାସୀ ଏକଜୁଟ ହୋଇ ଏହି ନିର୍ମାଣ କାର୍ଯ୍ୟକୁ ତୀବ୍ର ବିରୋଧ ପ୍ରଦର୍ଶନ କରିଛନ୍ତି। ଯଦି ପ୍ରଶାସନ ପକ୍ଷରୁ ଏହି ନୂତନ ମଦଭାଟି ଅନୁମତିକୁ ଶୀଘ୍ର ବାତିଲ କରା ନଯାଏ, ତେବେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏନେଇ ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିବା ପରେ ମଧ କୌଣସି ସୁଫଳ ନ ମିଳିବାରୁ ଶେଷରେ ଗାଁରୁ ମଦ ଭାଟି ହଟାଇବାକୁ ଅଣ୍ଟା ଭିଡିଛନ୍ତି ଅଞ୍ଚଳବାସୀ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ବର୍ତ୍ତମାନ ଅର୍ତଲ ପଞ୍ଚାୟତର ବାଲିପାଟି କୁଲେରଗୁଡ଼ାଠାରେ ପୂର୍ବରୁ ମଦଭାଟି ରହିଛି ଏବଂ ସେଠାରୁ ପଲସା ପଞ୍ଚାୟତର ଲୋକଙ୍କୁ ମଦ ଯୋଗାଇ ଦିଆଯାଉଛି। କିନ୍ତୁ ବର୍ତ୍ତମାନ କାନ୍ଦୁଲଝର ଗ୍ରାମର ଶେଷଭାଗ ତଥା ଅର୍ତଲ ହସ୍ପିଟାଲ ଛକ ନିକଟରେ ଜଣେ ବ୍ୟକ୍ତି ବ୍ୟକ୍ତିଗତ ଜମି କିଣି ସେଠାରେ ମଦ ପ୍ରସ୍ତୁତି ଏବଂ ବିକ୍ରି ପାଇଁ ପକ୍କା ଘର ନିର୍ମାଣ କରୁଛନ୍ତି। ଛାତ୍ରଛାତ୍ରୀ ଓ ମହିଳାଙ୍କ ସୁରକ୍ଷା ପ୍ରତି ବିପଦ ରହିଥିବା ବେଳେ ଏଠାକାର ସାମାଜିକ ପରିବେଶକୁ ସୁରକ୍ଷିତ ରଖିବାକୁ ତୁରନ୍ତ ମଦଭାଟି ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସେହି ରାସ୍ତା ଦେଇ ଦୈନନ୍ଦିନ ଅର୍ତଲ ହାଇସ୍କୁଲ, ବୋର୍ଡ଼ ମହାବିଦ୍ୟାଳୟକୁ ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକେ ଯାତାୟାତ କରିଥାନ୍ତି। ଏପରି ଏକ ଜନଗହଳିପୂର୍ଣ୍ଣ ମୁଖ୍ୟ ରାସ୍ତା କଡ଼ରେ ମଦ ଦୋକାନ କରାଗଲେ ସ୍କୁଲ ଓ କଲେଜରେ ପଢୁଥିବା ଛାତ୍ରଛାତ୍ରୀ ଏବଂ ମହିଳାମାନଙ୍କ ସୁରକ୍ଷା ପ୍ରତି ବଡ଼ଧରଣର ବିପଦ ସୃଷ୍ଟି ହେବ ବୋଲି ସ୍ଥାନୀୟ ଲୋକେ ଗଭୀର ଆଶଙ୍କା ପ୍ରକାଶ କରିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ ତୁରନ୍ତ ହସ୍ତକ୍ଷେପ କରି କାନ୍ଦୁଲଝରରେ ପ୍ରସ୍ତାବିତ ନୂତନ ମଦ ଭାଟି ନିର୍ମାଣକୁ ବନ୍ଦ କରାନଗଲେ ଆଗାମୀ ଦିନରେ ରାଜ ରାସ୍ତା ରେ ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ଦୁଇ ସମ୍ପର୍କୀୟଭାଇଙ୍କ ମଧ୍ୟରେ ମାରପିଟ୍ ଘଟଣା : ଚିକିତ୍ସାଧୀନ ଅବସ୍ଥାରେ ତପନ ସାହୁଙ୍କ ମୃତ୍ୟୁ, ରୁଜୁ ହୋଇଥିଲା ଦୁଇଟି ମାମଲା

ପଟ୍ଟାମୁଣ୍ଡାଇ,୫/୧୧(ନି.ସୂ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଦୋସିଆ ପଞ୍ଚାୟତର ଚଢ଼େୟା ଗ୍ରାମର ଦୁଇ ପରିବାର ମଧ୍ୟରେ ହୋଇଥିବା ମାଡପିଟ ଘଟଣା ଭିନ୍ନ ମୋଡ ନେଇଛି। କୃଷ୍ଣଚନ୍ଦ୍ର ସାହୁଙ୍କ ପୁଅ ତପନ କୁମାର ସାହୁଙ୍କ ର ଗତ ୪ ତାରିଖ ରାତିରେ ଭୁବନେଶ୍ୱରରେ ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ତପନଙ୍କ ମୃତ୍ୟୁ ପରେ ଗ୍ରାମରେ ପ୍ରବଳ ଉତ୍ତେଜନା ଦେଖାଦେବା ସହ ଗ୍ରାମର କେତେକ ଲୋକ ଥାନାରେ ପହଂଚି ଅନ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ଗତ ୨୨ ଅକ୍ଟୋବର ରାତିରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଚଢ଼େୟା ଗ୍ରାମରେ ଦୁଇ ପକ୍ଷଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା।ଏହି ଘଟଣାକୁ ନେଇ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଗତ ୨୩ ଅକ୍ଟୋବରରେ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଥିଲା। ପ୍ରଥମ ମାମଲା ନଂ ୪୯୭/୨୦୨୬ରେ ସତ୍ୟନାରାୟଣ ସାହୁଙ୍କ ଅଭିଯୋଗ ଆଧାରରେ ତପନ କୁମାର ସାହୁ ଓ କୃଷ୍ଣଚନ୍ଦ୍ର ସାହୁଙ୍କ ବିରୋଧରେ ଧାରା ୧୦୯/୨୯୬/୧୧୫(୨)/୩୫୧(୩)/୩(୫) ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ସେହିପରି ଦ୍ୱିତୀୟ ମାମଲା ନଂ ୪୯୮/୨୦୨୬ରେ ପ୍ରମିଳା ସାହୁଙ୍କ ଅଭିଯୋଗ ଆଧାରରେ ତପନ କୁମାର ସାହୁଙ୍କୁ ଆକ୍ରମଣ କରାଯାଇଥିବା ନେଇ ନିର୍ମଳ ସାହୁ ଓ ଅନ୍ୟ ଦୁଇଜଣଙ୍କ ବିରୋଧରେ ଧାରା ୧୨୬(୨)/୧୧୫(୨)/୧୧୭(୨)/୩(୫) ଅନୁଯାୟୀ ମାମଲା ରୁଜୁ ହୋଇଥିଲା।ଏହି ଦ୍ୱିତୀୟ ମାମଲାରେ ଅଭିଯୁକ୍ତ ସତ୍ୟନାରାୟଣ ସାହୁଙ୍କୁ ପୁଲିସ ୨୭ ଅକ୍ଟୋବରରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି କେଶ ପ୍ରଥମେ ହତ୍ୟା ଉଦ୍ୟମ ଦଫାରେ ରୁଜୁ କରାଯିଥିଲା। ତପନ ମୃତ୍ୟୁ ପରେ ଏହାକୁ ହତ୍ୟା ମାମଲାକୁ ପରିବର୍ତ୍ତନ କରାଯାଇଛି ବୋଲି ଥାନା ଆଇଆଇସି ପ୍ରଦୀପ୍ତ କୁମାର କାନୁନଗୋ କହିଛନ୍ତି।

ସ୍କର୍ପିଓ ଧକ୍କାରେ ପଥଚାରୀଙ୍କ ମୃତ୍ୟୁ,ଗାଡ଼ିରେ ଢେଙ୍କାନାଳ ପୌରପାଳିକା ନିର୍ବାହୀ ଅଧିକାରୀଙ୍କ ନାମକୁ ନେଇ ଚର୍ଚ୍ଚା

କଟକ ସିଟି (ନି:ସୂ) ମଧୁପାଟଣା ଥାନା ଅନ୍ତର୍ଗତ ନେତାଜୀ ନଗର ଅଞ୍ଚଳରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ ସ୍କର୍ପିଓ ଗାଡ଼ି ଧକ୍କାରେ ପ୍ରାଣ ହରାଇଛନ୍ତି ପ୍ରଦୀପ ପରିଡ଼ା। ତେବେ ଦୁର୍ଘଟଣାଗ୍ରସ୍ତ ଗାଡ଼ିରେ 'ଢେଙ୍କାନାଳ ପୌରପାଳିକା ନିର୍ବାହୀ ଅଧିକାରୀ' ବୋଲି ଲେଖା ରହିଥିବାରୁ ଘଟଣାଟି ଭିନ୍ନ ମୋଡ଼ ନେଇଛି। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ପ୍ରଦୀପ ରାସ୍ତା ପାର ହେଉଥିବା ସମୟରେ OD 06 P 9091 ନମ୍ବର ବିଶିଷ୍ଟ ସ୍କର୍ପିଓଟି ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଧକ୍କାରେ ସେ ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ିଯାଇଥିଲେ। ଗୁରୁତର ଆଘାତ ଓ ପ୍ରବଳ ରକ୍ତସ୍ରାବ ଯୋଗୁଁ ଘଟଣାସ୍ଥଳରେ ହିଁ ତାଙ୍କ ଜୀବନ ଚାଲିଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ମଧୁପାଟଣା ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ପରେ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଏସ୍‌ସିବି ମେଡିକାଲ ପଠାଯାଇଥିଲା। ସବୁଠାରୁ ଚର୍ଚ୍ଚାର ବିଷୟ ହେଉଛି, ଦୁର୍ଘଟଣା ଘଟାଇଥିବା ଗାଡ଼ିରେ ଢେଙ୍କାନାଳ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କ ନାମ ଲେଖା ରହିଛି। ଉକ୍ତ ଅଧିକାରୀ ପୂର୍ବରୁ କେନ୍ଦ୍ରାପଡ଼ା ବିଡିଓ ଭାବେ କାର୍ଯ୍ୟ କରିଥିବା ମଧ ଜଣାପଡ଼ିଛି। ଦୁର୍ଘଟଣା ପରେ ଗାଡ଼ିରେ ଥିବା ଅଧିକାରୀ ଘଟଣାସ୍ଥଳ ଛାଡ଼ି ପଳାଇଥିବା ନେଇ ଅଭିଯୋଗ ଉଠିଛି। ତେବେ ଦୁର୍ଘଟଣା ସମୟରେ ଗାଡ଼ିର ଷ୍ଟିୟରିଂରେ କିଏ ଥିଲେ ? ଗାଡ଼ିରେ ଅଧିକାରୀ ନିଜେ ଉପସ୍ଥିତ ଥିଲେ କି ? ଦୁର୍ଘଟଣା ପରେ ସେ କାହିଁକି ଘଟଣାସ୍ଥଳ ଛାଡ଼ିଥିଲେ ? ଏଭଳି ଅନେକ ପ୍ରଶ୍ନ ଏବେ ଉଠିଛି। ଏସବୁ ଦିଗକୁ ନେଇ ପୁଲିସର ତଦନ୍ତ ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଚର୍ଚ୍ଚା ଜାରି ରହିଛି।



ଜଳେଶ୍ୱରରେ ଅଡିଟ୍ ଅନଲାଇନ୍ ସମ୍ପର୍କିତ ବ୍ଲକସ୍ତରୀୟ ଏକ ଦିନିଆ ତାଲିମ ଶିବିର ଅନୁଷ୍ଠିତ

ଜଳେଶ୍ୱର,୫/୧୧(ନି.ସୂ):ପଞ୍ଚାୟତ ସ୍ତରୀୟ ଆର୍ଥିକ କାରବାରରେ ସ୍ୱଚ୍ଛତା,ଉତ୍ତରଦାୟିତ୍ୱ ଏବଂ ଦକ୍ଷତା ବୃଦ୍ଧି ଲକ୍ଷ୍ୟରେ ଜଳେଶ୍ୱର ବ୍ଲକ୍ ସମ୍ମିଳନୀ କକ୍ଷରେ ଏକ ବ୍ଲକସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ତଥା ବାଲେଶ୍ୱର ଜିଲ୍ଲା ପରିଷଦର ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଡିଟ୍ ଅନଲାଇନ୍ ଉପରେ ଗୁରୁତ୍ୱାରୋପ କରାଯାଇଛି।ଏହି ପ୍ରଶିକ୍ଷଣ ଶିବିରରେ ବ୍ଲକ ଅଧୀନସ୍ଥ ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚ,ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ସହକାରୀ ଡାଟା ଏଣ୍ଟ୍ରି ଅପରେଟର ମାନେ ଅଂଶଗ୍ରହଣ କରିଥିଲେ। ସରକାରୀ ଅନୁଦାନର ସଠିକ୍ ବିନିଯୋଗ,ଡିଜିଟାଲ୍ ମାଧ୍ୟମରେ ସ୍ୱଚ୍ଛ ହିସାବ ରକ୍ଷଣ ଏବଂ ସରକାରୀ କ୍ରୟ ନିୟମାବଳୀର ସଠିକ୍ ପାଳନ ସମ୍ପର୍କରେ ଉପସ୍ଥିତ ପ୍ରତିନିଧିମାନଙ୍କୁ ବିସ୍ତୃତ ଧାରଣା ପ୍ରଦାନ କରାଯାଇଥିଲା।କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର୍ ଭାବେ ବ୍ଲକ୍ ଅର୍ଥ ଅଧିକାରୀ (ବିଏଫ୍‌ଓ) ଜୀବନ କୁମାର ପରିଡ଼ା,ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ (ଜିପିଡିଓ) ସବ୍ୟସାଚୀ ଦାସ,କମ୍ପ୍ୟୁଟର ପ୍ରୋଗ୍ରାମର (ସିପି) ସୁଜିତ କୁମାର ଜେନା,ଏବଂ ବ୍ଲକ୍ ସ୍ତରୀୟ ସଂଯୋଜକ (ବିଏଲସି) ସଞ୍ଜୀବ କୁମାର ପାତ୍ର ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ପଞ୍ଚାୟତ ସ୍ତରରେ ବିକାଶମୂଳକ କାର୍ଯ୍ୟର ଆର୍ଥିକ ତଦାରଖକୁ ଅଧିକ ସୁଦୃଢ଼ କରିବା ଦିଗରେ ଏହି ତାଲିମ ବିଶେଷ ସହାୟକ ହେବ ବୋଲି ଆଲୋଚନା ହୋଇଛି।


ବାତ୍ୟା ପାଇଁ ବାଲିଗୁଡ଼ା ପ୍ରଶାସନ ସଜାଗ

କନ୍ଧମାଳ, ୩/୧୧(ନି.ସୂ):ରାଜ୍ୟରେ ବାତ୍ୟା ବିପର୍ଯ୍ୟସ୍ତ ନେଇ ରାଜ୍ୟ ସରକାରଙ୍କ ତଥା ସମସ୍ତ ପ୍ରଭାବିତ ଜିଲ୍ଲା ପ୍ରଶାସନ ସଜାଗ ଥିବା ଦେଖିବାକୁ ମିଳିଛି। ରାଜ୍ୟରେ ଭୟଙ୍କର ବାତ୍ୟା ଅର୍ଣ୍ଣବ ପରେ କନ୍ଧମାଳ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଏହି ବାତ୍ୟା ନ ସୁରୁଣୁ ଆଉ ଏକ ବାତ୍ୟା ଆସିଛି । ଯାହାକି କନ୍ଧମାଳ ଜିଲ୍ଲା ରେଡ ଜୋନରେ ରହିଥିବା ଦେଖିବାକୁ ମିଳିଛି । କିନ୍ତୁ ଆଜି ପ୍ରଥମ ଦିନରେ ବା ୩ ତାରିଖରେ ବାଲିଗୁଡା ଅଂଚଳରେ ସାମାନ୍ୟ ବର୍ଷା ହୋଇଛି । ଏହି ବାତ୍ୟାକୁ ଆଖି ଆଗରେ ରଖି ଜିଲ୍ଲା ପ୍ରଶାସନ ବିଦ୍ୟାଳୟ ଓ ଅଙ୍ଗନବାଡିକ ଦୁଇ ଦିନ ନିମନ୍ତେ ଛୁଟି ଘୋଷଣା କରିଛନ୍ତି । ବାଲିଗୁଡ଼ା ପ୍ରଶାସନ ତରଫରୁ ମଧ ବାତ୍ୟାର ଜରୁରୀକାଳିନ ପରିସ୍ଥିତି ମୁକାବିଲା ନିମନ୍ତେ ବ୍ୟାପକ ପ୍ରସ୍ତୁତି କରାଯାଇଛି ।ଏଥି ନିମନ୍ତେ ଗତକାଲି ଠାରୁ ଚାରିଗୋଟି ସ୍ଥାନ ଖମନଖୋଲ ପଂଚାୟତର ଗାଣ୍ଡାକିଆ ଓ କପୁକୁଛା ସଲାଗୁଡା ପଂଚାୟତର ଗୁଡିମିଲକା ଗ୍ରାମର ବିଦ୍ୟାଳୟ ଠାରେ ଏବଂ ସେନ୍ଦ୍ରିଗାଁ ପଂଚାୟତର ଗଞ୍ଜୁପଡ଼ି ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ନଦୀକୂଳିଆ ପାହାଡିଆଗାଁର ୧୯୦ରୁ ଉର୍ଦ୍ଧ ଲୋକଙ୍କୁ ଆଣି ରନ୍ଧାଖାଦ୍ୟ ଦେବାର ଆରମ୍ଭ କରିଛନ୍ତି ପ୍ରଶାସନ । ଏଥି ସହ ବ୍ଲକର ସମସ୍ତ ପଂଚାୟତର ପଂଚାୟତ ଗୃହ ଅଙ୍ଗନବାଡି କେନ୍ଦ୍ର ଓ ବିଦ୍ୟାଳୟ ଗୁଡିକରେ ରହିବା ପାଇଁ ବ୍ୟବସ୍ଥା କରାଯାଇଛି ଯଦୀ କିଛି ବାତ୍ୟା ପରିସ୍ଥିତି ଉପୁଯେ ସେ ନେଇ ଏହି ସ୍ଥାନ ଗୁଡାକରେ ସ୍ଥାନୀୟ ଲୋକ ରହିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ଆଜି ଚାଲିଗୁଡା ବ୍ଲକର ବିଭିନ୍ନ ପଂଚାୟତ ତଥା ଆଶ୍ରୟସ୍ଥଳିକୁ ପ୍ରୋଭେଜନାଲା ଆଇଏସ ସଜକରନ ସିଂ ବୁଲି ଦେଖିଛନ୍ତି । ବାଲିଗୁଡା ବିଡିଓ ଅକ୍ଷୟ ମଲ୍ଲିକ ଓ ତହସିଲଦାର ଦିପ୍ତୀ ପ୍ରକାଶ ବେହେରା ବ୍ଲକ ଓ ତହସିଲ କର୍ମଚାରୀ ମାନଙ୍କୁ ନେଇ ବାତ୍ୟା ସମ୍ଭାବିତ ଅଂଚଳ ବୁଲି ଦେଖିବା ବ୍ଲକର ସମସ୍ତ ଗ୍ରାମରେ କିଭଳି ଅସୁବିଧା ନହେବ ଏବଂ ବାତ୍ୟାକୁ ମୁକାବିଲ କରିବା ପାଇଁ ନିଜ କର୍ମଚାରୀ ମାନଙ୍କୁ ନିୟୋଜିତ କରି ସବୁ ସମୟର ଖବର ନେଉଥିବା ଦେଖିବାକୁ ମିଳିଛି ।



ନଭେମ୍ବର ୨୨ରୁ ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ ମୁଖ୍ୟ ଆକର୍ଷଣ ହେବ ଗୋସିଂହ ଦୈତ୍ୟ ଦରବାର

ଭବାନୀପାଟଣା,୫।୧୧(ନି.ସୂ)କଳାହାଣ୍ଡି କଳା ସଂସ୍କୃତି, ସାହିତ୍ୟ, ଐତିହ୍ୟ ପରମ୍ପରାର ବାର୍ତ୍ତାବହ ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ୩୪ତମ ବାର୍ଷିକ ଉତ୍ସବ ତଥା ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ-୨୦୨୬ ଆସନ୍ତା ୨୨ ନଭେମ୍ବରରୁ ଆରମ୍ଭ ହେବାକୁ ଯାଉଛି। ଏନେଇ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢ଼ୀପଦର ସ୍ଥିତ ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ପରିସରରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ଏହାକୁ ଦୃଷ୍ଟିରେ ରଖି ଆଜି ଅନୁଷ୍ଠାନ ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଛି। ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ଧଙ୍ଗଡାମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିଜୟ କୁମାର ଧଙ୍ଗଡ଼ାମାଝୀ, ସାଧାରଣ ସମ୍ପାଦକ ସୁନୀଲ କୁମାର ଧଙ୍ଗଡ଼ାମାଝୀ, ଯୁଗ୍ମ ସମ୍ପାଦକ ସୁଧୀର କୁମାର ଧଙ୍ଗଡ଼ାମାଝୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଚାରି ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବର ମୁଖ୍ୟ ଆକର୍ଷଣ ହେବ ଗୋସିଂହ ଦୈତ୍ୟ ଦରବାର। ଏଥିରେ ରାଜ୍ୟର ଅନେକ ପ୍ରାଚୀନ କଳା ସଂସ୍କୃତି ପ୍ରଦର୍ଶିତ ହେବ। ଚଳିତବର୍ଷ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ 'ଦେବଗିରି ସମ୍ମାନ' ବରିଷ୍ଠ ସାମ୍ବାଦିକ, ସାହିତ୍ୟିକ ତଥା ଗବେଷକ ଉମାଶଙ୍କର କରଙ୍କୁ ଦିଆଯିବ। ସେହିପରି ସାହିତ୍ୟିକ ଡ. ଗୋପୀନାଥ ବାଗଙ୍କୁ ଦେବଗିରି ସାହିତ୍ୟ ସମ୍ମାନ-୨୦୨୫ ଓ ସାହିତ୍ୟିକ ଡ. ଚନ୍ଦ୍ରଶେଖର ହୋତାଙ୍କୁ ଦେବଗିରି ସାହିତ୍ୟ ସମ୍ମାନ-୨୦୨୬ ପ୍ରଦାନ କରାଯିବ। ଗଙ୍ଗାନାରାୟଣ ଦାଶ ୨୦୨୫ ବର୍ଷ ପାଇଁ ଏବଂ ରବୀନ୍ଦ୍ରନାଥ ଦୋରା ୨୦୨୬ ବର୍ଷ ପାଇଁ ଗୁରୁ ସମ୍ମାନ ପାଇବେ। ଅଶୋକ ପଟ୍ଟନାୟକଙ୍କୁ ୨୦୨୫ ବର୍ଷ ପାଇଁ ଏବଂ ରାଜୀବ ଅଗ୍ରୱାଲଙ୍କୁ ୨୦୨୬ ବର୍ଷ ପାଇଁ ସମାଜସେବା ସମ୍ମାନ ପ୍ରଦାନ କରାଯିବ। ସୁମିତ କୁମାର ଅଗ୍ରୱାଲଙ୍କୁ ଉଦ୍ୟୋଗୀ ସମ୍ମାନ, ସତ୍ୟନାରାୟଣ ମୁଣ୍ଡଛିନାଙ୍କୁ ଶିକ୍ଷା ସମ୍ମାନ, ସୁନ୍ଦରଲାଲ ନାଏକଙ୍କୁ ଦେଶସେବା ସମ୍ମାନ, ଦେବଦତ୍ତ ବେହେରାଙ୍କୁ ପ୍ରତିଭା ସମ୍ମାନ, ରେଣୁକା ବିଶିଙ୍କୁ ଲୋକନୃତ୍ୟ ସମ୍ମାନ, ଐଶ୍ୱର୍ଯ୍ୟା ପ୍ରଧାନଙ୍କୁ ସମ୍ଭାବନା ସମ୍ମାନ, ତପିମଣି ଜାନୀଙ୍କୁ ପ୍ରଜ୍ଞା ସମ୍ମାନ, ଡା. ଦୀନବନ୍ଧୁ ସାହୁଙ୍କୁ କଳା ସମ୍ମାନ ଓ ସୌରଭ ମହାପାତ୍ରଙ୍କୁ ଦେବଗିରି ଯୁବ ସମ୍ମାନ ଦିଆଯିବ। ଅନ୍ୟାନ୍ୟ ସମ୍ମାନ ପର୍ଯ୍ୟାୟକ୍ରମେ ଘୋଷଣା କରାଯିବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।



ଟିପିସିଓଡିଏଲ୍‌ର ମନମାନି: ମିଟର ଯାଞ୍ଚ ନାଁରେ ଧମକ

ଖୋରଧା,୫/୧୧(ନି.ସୂ) : ଖୋରଧା ନଭେମ୍ବର ୩: ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଉତ୍ତମ ସେବା ଯୋଗାଇବାରେ ଟିପିସିଓଡିଏଲ୍ ବିଫଳ ହେଉଥିବା ଅଭିଯୋଗ ମଧ୍ୟରେ ଏହାର କର୍ମଚାରୀଙ୍କ ମନମାନି ଓ ଜୋରଜବରଦସ୍ତି କାର୍ଯ୍ୟକଳାପକୁ ନେଇ ଖୋରଧା ଜିଲାରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ସ୍ମାର୍ଟ ମିଟର ସ୍ଥାପନ, ସର୍ଭିସ୍ ତାର ପରିବର୍ତ୍ତନ ଏବଂ ବିଦ୍ୟୁତ୍ ତାର ଛିଣ୍ଡିଗଲେ ପୁନଃ ସଂଯୋଗ ପାଇଁ ୧,୧୨୮ ଟଙ୍କା ସର୍ଭିସ୍ ଚାର୍ଜ ଆଦାୟ ଭଳି ବିଭିନ୍ନ ପ୍ରସଙ୍ଗକୁ ନେଇ ଉପଭୋକ୍ତାମାନେ ପୂର୍ବରୁ ଅସନ୍ତୋଷ ପ୍ରକାଶ କରିଆସୁଥିବାବେଳେ ଏବେ ମିଟର ଯାଞ୍ଚ ନାଁରେ ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କ ଘରେ ଘଟିଥିବା ଏକ ଘଟଣା ନୂଆ ବିବାଦ ସୃଷ୍ଟି କରିଛି। ଅଭିଯୋଗ ଅନୁଯାୟୀ, ଖୋରଧା ସହରର ଜଣେ ପ୍ରତିଷ୍ଠିତ ଗଣମାଧ୍ୟମ ପ୍ରତିନିଧିଙ୍କ ଅନୁପସ୍ଥିତିରେ ଟିପିସିଓଡିଏଲ୍‌ର କେତେକ କର୍ମଚାରୀ ମିଟର ଯାଞ୍ଚ କରିବା ଆଳରେ ତାଙ୍କ ବାସଗୃହରେ ପ୍ରବେଶ କରିଥିଲେ। ଏହି ସମୟରେ ମିଟରଟିକୁ ତାଡ଼ି ବାହାର କରିବା ସହ ଏହାକୁ ଭାଙ୍ଗି ଦିଆଯାଇଥିବା ଗୃହକର୍ତ୍ତା ଅଭିଯୋଗ କରିଛନ୍ତି। ଏପରିକି କର୍ମଚାରୀମାନେ ସମଗ୍ର ଘଟଣାର ଭିଡିଓ ରେକର୍ଡିଂ କରିବା ପରେ ମିଟରରେ ଟ୍ୟାମ୍ପରିଂ ହୋଇଥିବା ଦର୍ଶାଇ ଗଣମାଧ୍ୟମ ପ୍ରତିନିଧିଙ୍କ ପତ୍ନୀଙ୍କୁ ଜରିମାନା ଦେବାକୁ ପଡ଼ିବ, ନଚେତ୍ ତାଙ୍କ ନାମରେ ମାମଲା ରୁଜୁ ହେବ ବୋଲି ଧମକ ଦେଇଥିବା ଅଭିଯୋଗ ହୋଇଛି।ଏହାପରେ ଭୟଭୀତ ଅବସ୍ଥାରେ ତାଙ୍କ ପତ୍ନୀଙ୍କଠାରୁ ଏକ କାଗଜରେ ଦସ୍ତଖତ ନିଆଯାଇଥିବା ମଧ ଅଭିଯୋଗ ହୋଇଛି। ଘଟଣାକୁ ନେଇ ସମ୍ପୃକ୍ତ ଗଣମାଧ୍ୟମ ପ୍ରତିନିଧି ତୀବ୍ର ପ୍ରତିବାଦ କରିଛନ୍ତି। ଘରେ ପୁରୁଷ ସଦସ୍ୟଙ୍କ ଅନୁପସ୍ଥିତିରେ କେଉଁ ଅଧିକାର ବଳରେ କର୍ମଚାରୀମାନେ ଘରେ ପ୍ରବେଶ କଲେ ? କେଉଁ ନିର୍ଦ୍ଦେଶନାମା ଆଧାରରେ ମିଟରକୁ ଜୋରଜବରଦସ୍ତ ତାଡ଼ି ବାହାର କରାଗଲା ? ମିଟର ଟ୍ୟାମ୍ପରିଂ ହୋଇଥିବା ନେଇ କୌଣସି ନିରପେକ୍ଷ ଯାଞ୍ଚ ନକରି ତାଙ୍କ ପତ୍ନୀଙ୍କୁ କିପରି ଦୋଷୀ ସାବ୍ୟସ୍ତ କରାଗଲା ? କେଉଁ ଆଇନଗତ ଅଧିକାର ବଳରେ ତାଙ୍କଠାରୁ ଦସ୍ତଖତ ନିଆଗଲା ଏଭଳି ଅନେକ ପ୍ରଶ୍ନ ଉଠାଇଛନ୍ତି ସେ।ଘଟଣା ସମ୍ପର୍କରେ ଜାଣିବା ପରେ ଖୋରଧାର ବହୁ ଗଣମାଧ୍ୟମ ପ୍ରତିନିଧି ଏକତ୍ରିତ ହୋଇ ଟିପିସିଓଡିଏଲ୍‌ର ଖୋରଧା ସବ୍‌ଡିଭିଜନ୍‌ର ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ଘଟଣାର ସବିଶେଷ ବିବରଣୀ ଜଣାଇଥିଲେ। ମାତ୍ର ଏହି ଘଟଣାରେ ତାଙ୍କଠାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳି ନଥିବାରୁ ସାମ୍ବାଦିକମାନଙ୍କ ମଧ୍ୟରେ ଅସନ୍ତୋଷ ଆହୁରି ବଢ଼ିଛି। ଉଲ୍ଲେଖଯୋଗ୍ୟ ଯେ, ଟିପିସିଓଡିଏଲ୍‌ର ମନମୁଖି କାର୍ଯ୍ୟକଳାପ, ଅସ୍ଥାୟୀ କର୍ମଚାରୀଙ୍କ ଛଟେଇ ଏବଂ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ବିଭିନ୍ନ ସମୟରେ ହଇରାଣ କରାଯାଉଥିବା ଅଭିଯୋଗରେ ନିକଟରେ ଏକ ବିଶାଳ ଶୋଭାଯାତ୍ରା ଭୁବନେଶ୍ୱର ଅଭିମୁଖେ ବାହାରିଥିଲା। ଏଥିସହ ଖୋରଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଧ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଭଳି ସ୍ଥିତିରେ ଟିପିସିଓଡିଏଲ୍‌ର କାର୍ଯ୍ୟପ୍ରଣାଳୀକୁ ନେଇ ଉପଭୋକ୍ତାଙ୍କ ଅସନ୍ତୋଷ ଦିନକୁ ଦିନ ଗମ୍ଭୀର ରୂପ ନେଉଛି। ଏହି ଘଟଣାରେ ଟିପିସିଓଡିଏଲ୍ ପକ୍ଷରୁ ତୁରନ୍ତ ନିରପେକ୍ଷ ତଦନ୍ତ କରାଯାଇ ଉପଯୁକ୍ତ ନ୍ୟାୟ ନ ମିଳିଲେ ବାଧ୍ୟ ହୋଇ ଆଇନର ଆଶ୍ରୟ ନେବେ ବୋଲି ସମ୍ପୃକ୍ତ ଗଣମାଧ୍ୟମ ପ୍ରତିନିଧି ସୂଚନା ଦେଇଛନ୍ତି। ଏବେ ପ୍ରଶ୍ନ ଉଠୁଛି, ମିଟର ଯାଞ୍ଚ ନାଁରେ ଏପରି କାର୍ଯ୍ୟ କରିବାକୁ କର୍ମଚାରୀମାନଙ୍କୁ କିଏ ଅନୁମତି ଦେଇଥିଲା ଏବଂ ଏହି ଘଟଣାରେ କମ୍ପାନୀ କର୍ତ୍ତୃପକ୍ଷ କି ପଦକ୍ଷେପ ନେଉଛନ୍ତି, ତାହା ଏବେ ଦେଖିବାକୁ ବାକି ରହିଲା।



ପ୍ରଣାମ ଓଡିଶା
ଶୁକ୍ରବାର, ନଭେମ୍ବର-୦୬, ୨୦୨୬
ନିର୍ଭୟ ସୂଚନା

ବଡ଼ବିଲ ବିଜୁ ଜନତା ଦଳ ପକ୍ଷରୁ ବିଶାଳ ପଦଯାତ୍ରା



ବଡବିଲ, ୫।୧୧ (ନି.ସୂ): କେନ୍ଦୁଝର ଜିଲ୍ଲା ବଡ଼ବିଲ ବିଜୁ ଜନତା ଦଳ ପକ୍ଷରୁ ବିଶାଳ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। (ଶିବଲାଲ ପାର୍କରୁ ବିକାଶ ମହଲ ବଡ଼ବିଲ ପର୍ଯ୍ୟନ୍ତ ପଦଯାତ୍ରା)ବଡ଼ବିଲ ମଣ୍ଡଳ ବିଜେଡି ସଭାପତି ପ୍ରଭୁଦତ୍ତ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ସଭାପତି ଅମରେନ୍ଦ୍ର ଧଳ ସାମନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପ ନଗରପାଳ ସରସ୍ୱତୀ ନାୟକ, ସନ୍ଧ୍ୟା ରାଣୀ ପାତ୍ର, ରଶ୍ମିତା ମହାନ୍ତି, ଶିବାନନ୍ଦ ଚିମ୍ପିୟା, ଗୁରୁଚରଣ ମହାନ୍ତ, କଳ୍ପତରୁ ମିଂଜ୍, ଶୁଭଶ୍ରୀ ଦେବସ୍ମିତା ପତ୍ର ଓ ସମସ୍ତ କଉନସିଲର ଯୋଗଦାନ ଦେଲେ, କାବୁ ଜେନା ଯୋଡ଼ା ସଭାପତି ନିରଞ୍ଜନ ବହିଦାର ସମସ୍ତେ ଯୋଗଦାନ ଦେଇଥିଲେ ବଡବିଲର ବିଜୁ ଜନତା ଦଳର ବିଜେଡି କର୍ମୀ ଗୋଲକ ଓରାମ, ହେମନ୍ତ ସହାୟ, ମନୀନ୍ଦର ସିଂ, କେଦାର ବେହେରା, ଲକ୍ଷ୍ମୀଧର ବେହେରା, ଗୁରୁ ପ୍ରସାଦ ମହାନ୍ତି ଶତାଧିକ ବିଜୁ କର୍ମୀ ଯୋଗଦାନ କରିଥିଲେ ।

ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ



ଚନ୍ଦ୍ରପୁର ୫।୧୧ (ନି.ସୂ): ଚନ୍ଦ୍ରପୁର ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡ଼ିଆ ଠାରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଇଓ ଗଣେଶ ଶବରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟ କ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ କଇନ କିମ୍ବାକା ଏବଂ ସମ୍ମାନିତ ଅତିଥି ଭାବେ ତହସିଲଦାର ସୁନୀଲ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସୁଜିତ ବ୍ରେଡେକା,ସିଡିପିଓ ପୁଷ୍ପଲତା ସାହୁ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ କାଳନ୍ଦୀ ଚରଣ ରାଉତ, ଏବିଇଓ ଉମାକାନ୍ତ ମିଶାଲ, ଏବିଇଓ ବାଳକୃଷ୍ଣ ବିହାରି , ଶିକ୍ଷକ ଏନ ଆପଲ ରାଜୁ, ବୁଡୁବାଲି ସରପଞ୍ଚ ଭୀମ ଗଗେରେଙ୍ଗା ଅତିଥି ଭାବେ ମଞ୍ଚାସିନ ଥିଲେ । ଚନ୍ଦ୍ରପୁର ବ୍ଲକ ୮ଟି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ନିଜ ଲୁକ୍କାୟିତ ପ୍ରତିଭାକୁ ନାଚ, ଗୀତ ମାଧ୍ୟମରେ ପରିବେଷଣ କରିଥିଲେ । ସୁରଭି କାର୍ଯ୍ୟକ୍ରମରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ ସେହି ଛାତ୍ର ଛାତ୍ରୀଙ୍କୁ ଅତିଥି ଙ୍କ ଦ୍ୱାରା ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀଙ୍କୁ ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ରେ ଯୋଗଦେବା ନିମନ୍ତେ ବିଇଓ ଶବର କହିଥିଲେ । ସିଆରସିସି ରଜନୀକାନ୍ତ ବଳିଆର ସିଂ, ଅଶୋକ କୁମାର ଘଡ଼ାଇ, ଜୟରାମ କରକରିଆ,ରାଜେନ୍ଦ୍ର ବେହେରା, ଦିନବନ୍ଧୁ ବେହେରା, ପ୍ରଦୀପ କୁମାର ସେଠୀ , ରତ୍ନାକର ଭାତ୍ରା , ପ୍ରଦୀପ ବାଉରୀ ଏବଂ ପ୍ରଧାନ ଶିକ୍ଷକ ରାଜୁ ପାଲ ,ସନ୍ତୋଷ କୁମାର କୁସୁଲିଆ, କୈଳାସ ଶବର,ରାଜେନ୍ଦ୍ର ମହାନନ୍ଦିଆ, ଜଗଦୀଶ ଚନ୍ଦ୍ର ନାୟକ , କୁଳମଣି ସାହୁ, କୁଳମଣି ତରାଇ, ଦିଲ୍ଲିପ ଗମିଡାଙ୍ଗା, ଧନୁଞ୍ଜୟ ଦୋରା, ପ୍ରଶାନ୍ତ ପ୍ରଧାନ ,ଆଶିଷ ଶ୍ରାମୁଟିକା,ପ୍ରଧାନ ଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ଶବର , ଶିକ୍ଷୟିତ୍ରୀ ବୋଧିଶଦ୍ଧା ଶବର ପ୍ରମୁଖ ସହଯୋଗ କରିଥିଲେ କ୍ଷ ରଜନୀ କାନ୍ତ ବଳିଆର ସିଂ ମଞ୍ଚ ପରିଚାଳନା କରି ଥିଲେ। ବିଇଓ ଗଣେଶ ଶବର ସମସ୍ତଙ୍କୁ ଧନ୍ୟବାଦ ଦେଇ ସୁରଭି କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ ।

ଖପ୍ରାଖୋଲରେ ମହିଳାଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ



ଖପ୍ରାଖୋଲ ୦୫।୧୧, ଜ୍ୟୋତି ରଞ୍ଜନ ପଣ୍ଡା (ନି.ସୂ) ସ୍ଥାନୀୟ ଶୁଭଦ୍ରା ଶକ୍ତି ସଭାଗୃହ ଠାରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର ଗୁରୁବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମିଶନ ଶକ୍ତି ବ୍ଲକ୍ କାର୍ଯ୍ୟକ୍ରମ ପରିଚାଳକ ବିଭୂତି ଭୂଷଣ ମିଶ୍ର ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ସମ୍ମାନୀତ ଅତିଥି ରୂପେ ସିଡ଼ିପିଓ ଅମିତା ପଣ୍ଡା, ଓଡ଼ଶା ଜୀବିକା ମିଶନ ବ୍ଲକ୍ କାଯ୍ୟକ୍ରମ ସଂଯୋଜିକା ପଙ୍କଜିନୀ ତରାସିଆ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ ଯୋଗଦେଇଥିଲେ। ମହିଳା ମାନେ ସ୍ୱାବଲମ୍ବୀ ହେବା ସହିତ କିପରି ଆତ୍ମ ସୁରକ୍ଷା କରିବା ରେ ସମର୍ଥ ହେବେ ସେନେଇ ସଚେତନ କରିବା ସହିତ ବ୍ଲକ୍ ର ୧୦୫ ଜଣ ମହିଳା ଙ୍କୁ ତାଲିମ ପ୍ରଦାନ ସହିତ ସୁରକ୍ଷା କିଟ୍ ବଣ୍ଟନ କରିଥିଲେ। କେନ୍ଦ୍ର ମହିଳା ଆୟୋଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ତାଲିମ ଦାତା ରୂପେ ସୁଷମା ବାଗ ତାଲିମ ପ୍ରଦାନ କରିଥିଲେ।

ଅର୍ଣ୍ଣବ ବାତ୍ୟାର ଅନ୍ୟ ଜିଲ୍ଲାର କ୍ଷୟକ୍ଷତି ଆକଳନ ସରିଲା

- ଗଜପତି ଜିଲ୍ଲାରେ କେବେ ?
- ଅର୍ଣ୍ଣବ ବାତ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା କେବେ ?

ଗଜପତି, ୫।୧୧ (ନି.ସୂ) : ଗଜପତି ଜିଲ୍ଲା ଏକ ଆକାରରେ ଛୋଟ ଜିଲ୍ଲା ହୋଇଥିଲେ ମଧ୍ୟ ପାହାଡ଼ିଆ ଅଞ୍ଚଳ, ଗ୍ରାମାଞ୍ଚଳ ରାସ୍ତା, କୃଷି ଜମି, ଘରଦ୍ୱାର ଓ ଜନସାଧାରଣଙ୍କ ଜୀବିକା ଉପରେ 'ଅର୍ଣ୍ଣବ' ବାତ୍ୟାର ପ୍ରଭାବ ପଡ଼ିଛି। ଏଭଳି ସ୍ଥିତିରେ କ୍ଷୟକ୍ଷତିର ସମ୍ପୂର୍ଣ୍ଣ ଆକଳନ କରିବାକୁ ଆଉ କେତେ ଦିନ ଆବଶ୍ୟକ କେବେ ରାଜ୍ୟ ସରକାରଙ୍କ ନିକଟକୁ ଚୂଡ଼ାନ୍ତ ରିପୋର୍ଟ ପଠାଯିବ କ୍ଷତିଗ୍ରସ୍ତ ପରିବାର କେବେ ସରକାରୀ ସହାୟତା ପାଇବେ ? ଏଭଳି ଅନେକ ପ୍ରଶ୍ନ ଏବେ ସାଧାରଣରେ ଉଠିବାରେ ଲାଗିଛି। ଅନ୍ୟପକ୍ଷରେ, ନଭେମ୍ବର ୩ ତାରିଖରେ ରାଜ୍ୟ ସରକାର ଗଜପତି ଜିଲ୍ଲା ପାଇଁ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ଭାବେ ଜଣେ ଆଇଏଏସ୍ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିବା ଖବର ସାମ୍ନାକୁ ଆସିଛି। ନଭେମ୍ବର ୩ ତାରିଖରେ କେନ୍ଦ୍ରୀୟ ଦଳ ମଧ୍ୟ ଗଜପତି ଜିଲ୍ଲା ଗସ୍ତରେ ଆସି ଅର୍ଣ୍ଣବ ବାତ୍ୟାରେ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ କ୍ଷୟକ୍ଷତି ରିପୋର୍ଟ ଦାଖଲ କରାଯିବ ବୋଲି ମଧ୍ୟ ସୂଚନା ମିଳିଛି। ତେବେ କ୍ଷୟକ୍ଷତି ଆକଳନ ପ୍ରକ୍ରିୟାରେ ଅଧିକ ସମୟ ଲାଗୁଥିବାରୁ କ୍ଷତିଗ୍ରସ୍ତ ଲୋକଙ୍କ ମନରେ ନିରାଶା ସୃଷ୍ଟି ହେବା ସ୍ୱାଭାବିକ। ରାସ୍ତା, ପୋଲ, ଚାଷଜମି, ଘରଦ୍ୱାର ଓ ଅନ୍ୟାନ୍ୟ ଭିତ୍ତିଭୂମିର କ୍ଷୟକ୍ଷତିକୁ ଗୁରୁତ୍ୱର ସହ ଆକଳନ କରିବା ସହ ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରିବା ଜରୁରୀ। ସରକାରୀ ସହାୟତା କେବଳ ଘୋଷଣାରେ ସୀମିତ ନ ରହି ପ୍ରକୃତ କ୍ଷତିଗ୍ରସ୍ତଙ୍କ ନିକଟରେ ପହଞ୍ଚିବା ହିଁ ଏହାର ମୂଳ ଉଦ୍ଦେଶ୍ୟ ହେବା ଉଚିତ। ତେଣୁ ଗଜପତି ଜିଲ୍ଲା ପ୍ରଶାସନ କ୍ଷୟକ୍ଷତି ଆକଳନର ସ୍ଥିତି, ରିପୋର୍ଟ ଦାଖଲର ସମୟସୀମା ଏବଂ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନର ସମ୍ଭାବ୍ୟ ତାରିଖ ସାର୍ବଜନୀନ କରିବା ଆବଶ୍ୟକ।

ଡେରାବିଶ ବ୍ଲକରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ହରିଲୁଟ

ମ୍ୟାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କଟାଗଲା ୩ଟି ରୁମର ତାଲା

କେନ୍ଦ୍ରାପଡ଼ା,୫।୧୧ :କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ଏକ କୋଟି ୬ ଲକ୍ଷ ଟଙ୍କାର ବିରାଟ ଆର୍ଥିକ ଅନିୟମିତତା ଘଟଣା ସାମ୍ନାକୁ ଆସିବା ପରେ ପ୍ରଶାସନିକ ସ୍ତରରେ ତୀବ୍ର ଚାଞ୍ଚଲ୍ୟ ଖେଳିଯାଇଛି। ଏହି ବଡ଼ ଧରଣର ଦୁର୍ନୀତିରେ ମୁଖ୍ୟ ଅଭିଯୁକ୍ତ ଥିବା ବ୍ଲକ କ୍ୟାସିୟର ଶଶିକାନ୍ତ ରଣା ଘଟଣା ପରଠାରୁ ଫେରାର୍ ଥିବା ବେଳେ ଗୁରୁବାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ତାଙ୍କ ଅଧିନରେ ଥିବା ୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରକୋଷ୍ଠର ତାଲା କଟାଯାଇ କାଗଜପତ୍ର ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ଶଶିକାନ୍ତ ରଣା ଏକକାଳୀନ କ୍ୟାସିୟର, ଏଷ୍ଟାବ୍ଲିସମେଣ୍ଟ କ୍ଲର୍କ ଏବଂ ସେକସନ ଅଫିସର ଭଳି ତିନୋଟି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଥିଲେ। ଫଳରେ ସେ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ତିନୋଟି ଭିନ୍ନ ଭିନ୍ନ କୋଠରୀରେ ସରକାରୀ କାଗଜପତ୍ର ରଖି କାର୍ଯ୍ୟ ସମ୍ପାଦନ କରୁଥିଲେ। ସେ ହଠାତ୍ ଫେରାର୍ ହୋଇଯିବା ପରେ ଏବଂ ସେହି ସମସ୍ତ କୋଠରୀରେ ତାଲା ପଡ଼ି ରହିଥିବାରୁ ଆର୍ଥିକ କାରବାର ସମ୍ବନ୍ଧୀୟ ଫାଇଲ୍ ତଦନ୍ତ କରିବାରେ ଅସୁବିଧା ସୃଷ୍ଟି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଉଚ୍ଚସ୍ତରୀୟ ଟିମ୍ ଗଠନ କରାଯାଇଥିଲା। ଗୁରୁବାର ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଡେରାବିଶର



ଅତିରିକ୍ତ ତହସିଲଦାର ଭାସ୍କର ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଉକ୍ତ ତିନୋଟି ପ୍ରକୋଷ୍ଠର ତାଲା କଟାଯାଇ ଖୋଲାଯାଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ବ୍ଲକର ସେକସନ ଅଫିସର ମିନାକ୍ଷୀ ବାରିକ, ସିନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ଅରୁଣ କୁମାର ଦାସ ଏବଂ କମ୍ପ୍ୟୁଟର ପ୍ରୋଗ୍ରାମର ତାପସ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ। ତାଲା ଖୋଲାଯିବା ପରେ ଅଧିକାରୀମାନେ ପ୍ରକୋଷ୍ଠ ଭିତରେ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର, କ୍ୟାସବୁକ୍, ଚେକ୍‌ବୁକ୍, ବିଲ୍ ଭାଉଚର ଏବଂ କମ୍ପ୍ୟୁଟର ହାର୍ଡଡିସ୍କ ଆଦିର ତନ୍ନ ତନ୍ନ କରି ଯାଞ୍ଚ କରିବା ସହ ତଦନ୍ତ ପାଇଁ ଆବଶ୍ୟକ କାଗଜପତ୍ର ଜବତ କରିଛନ୍ତି। ତେବେ ଏହି ଘଟଣାରେ ସରକାରୀ ନିୟମାବଳୀର ଖୋଲାଖୋଲି ଉଲ୍ଲଂଘନ ହୋଇଥିବା ଅଭିଯୋଗ ଉଠିଛି। ସରକାରୀ ନିୟମ ଅନୁସାରେ, ଜଣେ ସାଧାରଣ କିରାଣୀଙ୍କୁ କେବେ ହେଲେ ଏକାସାଙ୍ଗରେ ଉଚ୍ଚ ପଦବୀ ଥିବା ସେକସନ ଅଫିସର ଏବଂ ଆର୍ଥିକ କ୍ଷମତା ଥିବା କ୍ୟାସିୟର ଦାୟିତ୍ୱ ପ୍ରଦାନ କରାଯିବା କଥା ନୁହେଁ। କିନ୍ତୁ ଡେରାବିଶ ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ) ନମିତା ବାରିକ ସମସ୍ତ ସରକାରୀ ନୀତିନିୟମକୁ ଜଳାଞ୍ଜଳି ଦେଇ କେଉଁ ପରିସ୍ଥିତିରେ ଓ କି ଉଦ୍ଦେଶ୍ୟରେ ଶଶିକାନ୍ତଙ୍କୁ ଏହି ଦୁଇଟି ଅତ୍ୟନ୍ତ ସମ୍ବେଦନଶୀଳ ଦାୟିତ୍ୱ ନ୍ୟସ୍ତ କରିଥିଲେ ତାହା ଏବେ ସନ୍ଦେହ ଘେରକୁ ଆସିଛି। କେନ୍ଦ୍ରାପଡ଼ା ଜିଲ୍ଲାର ବୁଦ୍ଧିଜୀବୀ, ସମାଜସେବୀ ତଥା ସାଧାରଣ ନାଗରିକମାନେ ଏ ନେଇ ବିଡିଓଙ୍କ କାର୍ଯ୍ୟକଳାପ ଉପରେ ସିଧାସଳଖ ଆଙ୍ଗୁଳି ଉଠାଇଛନ୍ତି। ବିଡିଓ ଶ୍ରୀମତୀ ବାରିକ ନିଜର ବ୍ୟକ୍ତିଗତ ସ୍ୱାର୍ଥ ସାଧନ ତଥା ମଧୁଚନ୍ଦ୍ରିକା ରଖିବା ପାଇଁ ଶଶିକାନ୍ତଙ୍କୁ ଏହିଭଳି ଏକାଧିକ ପଦବୀରେ ବସାଇଥିଲେ ବୋଲି ସ୍ଥାନୀୟ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ବିନା ଉଚ୍ଚ ପ୍ରଶାସନିକ ସହଯୋଗ କିମ୍ବା ଆଶୀର୍ବାଦରେ ଜଣେ କର୍ମଚାରୀ ସରକାରୀ ପାଣ୍ଠିରୁ ଏକ କୋଟି ୬ ଲକ୍ଷ ଟଙ୍କା ଏକାକୀ ଆତ୍ମସାତ୍ କରିବା ଅସମ୍ଭବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।


ମଝି ସମୁଦ୍ରରେ ବନବିଭାଗର ଡିଲ

ଧରିଲେ ଗୋଟିଏ ଛାଡ଼ିଲେ ଦୁଇଟି ଟ୍ରଲର



ରାଜନଗର,୫।୧୧: ଓଡ଼ିଶାର ଏକମାତ୍ର ସାମୁଦ୍ରିକ ଅଭୟାରଣ୍ୟ ଗହିରମଥା ନିଷିଦ୍ଧାଞ୍ଚଳରେ ଟ୍ରଲର ଧରିବା ନାମରେ ବନବିଭାଗର ଚଂଚକତା ପଦାକୁ ଆସିଛି। ଗତଚାରି ତାରିଖ ବୁଧବାର ଦିନ ବେଆଇନ ଭାବେ ବାବୁବାଲି ଦୀପ ନିକଟରେ ବେଆଇନ ଭାବେ ମାଛ ଧରୁଥିବା ୩ ଟି ଟ୍ରଲର ମଧ୍ୟରୁ ଡିଲ ନ ଛିଡ଼ିବାରୁ ଗୋଟିଏ ଟ୍ରଲର ଧରିଥିଲେ। ଅନ୍ୟ ଦୁଇଟି ଟ୍ରଲରକୁ ଲକ୍ଷାଧିକ ଟଙ୍କା ବିନିମୟରେ ଛାଡି ଦେଇଥିବା ଚର୍ଚ୍ଚା ହେଉଛି। ମିଳିଥିବା ସୂଚନା ଅନୁଯାୟୀ ଧାମରା ଅଞ୍ଚଳର ମା ତାରିଣୀ ନାମକ ଟ୍ରଲରକୁ ବନବିଭାଗ ଜବତ କରିଛି। ଧରାପଡିଛି। ମାଛ ଧରୁଥିବା ୮ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯିବା ସହିତ ଟ୍ରଲର ଏବଂ ସେଥିରେ ଥିବା ସାମୁଦ୍ରିକ ମାଛ, ଜିପିଏସ,ଫିସ ଫାଇଣ୍ଡର, ଭିଏଚଏଫ ଏବଂ ଜାଲ ଜବତ କରାଯାଇଥିବା ଖବର ହସ୍ତଗତ ହୋଇଛି। ଅପର ପକ୍ଷରେ ନିଷିଦ୍ଧାଞ୍ଚଳ ମଧ୍ୟରେ ମାଛ ଧରୁଥିବା ଅନ୍ୟ ଦୁଇଟି ଟ୍ରଲରକୁ ବନ ବିଭାଗ ଛାଡି ଦେବାକୁ ନେଇ ଚର୍ଚ୍ଚା ହେଉଛି। ସମାନ ଅଭିଯୋଗରେ ତିନୋଟି ଟ୍ରଲର ଧରା ପଡିଥିଲା ବେଳେ ବନ କର୍ମଚାରୀ ଅର୍ଥାତ ଦାୟିତ୍ୱରେ ଥିବା ବାବୁଙ୍କୁ ସନ୍ତୁଷ୍ଟ କରି ନପାରି ଗୋଟିଏ ଟ୍ରଲର ଧରା ପଡିଛି। ଅନ୍ୟ ଦୁଇଟି ଟ୍ରଲର ସହିତ ବୁଝାମଣା ହେବାରୁ ଏବଂ ଟ୍ରଲରରେ ଥିବା ମାଛର ମୂଲ୍ୟ କରାଯାଇ ସେହି ଅନୁଯାୟୀ ଟଙ୍କା ଦେବାକୁ ଚୁକ୍ତି ହେବାରୁ ଟ୍ରଲର ଦୁଇଟିକୁ ଖଲାସ କରି ଦିଆ ଯାଇଥିବା ନାମ ଗୋପନ ସୂତ୍ରରେ ଜନୈକ କର୍ମଚାରୀ ସୂଚନା ଦେଇଛନ୍ତି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଦାୟିତ୍ୱ ନେବା ପୂର୍ବରୁ କୁଆଡେ ମୁଲଚାଲ ହୋଇଥାଏ। ଯିଏ ଏଠାକାର ଦାୟିତ୍ୱରେ ରହିବେ, ସେ କୁଆଡେ ଚୁକ୍ତି କରି ଆସିଥାନ୍ତି। ନିର୍ଦ୍ଧିଷ୍ଟ ପରିମାଣର ଅର୍ଥ ଦେବାକୁ ଚୁକ୍ତି କରି ଦାୟିତ୍ୱ ନେଇଥାନ୍ତି ବୋଲି ସ୍ଥାନୀୟ ଅଂଚଳରେ ଆଲୋଚନା ହୋଇଥାଏ। କଇଁଛ ସୁରକ୍ଷା ଚୁଲିକୁ ଯାଉ ପଛେ ବନ ବିଭାଗର ଅଧିକାରୀ ମାନଙ୍କ ଘରେ ଚୁଲି ସବୁଦିନେ ଜଳୁ ନ୍ୟାୟରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ସୁରକ୍ଷା ଏଭଳି ହେଉଛି। ଏ ସମ୍ପର୍କରେ ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।ଏଠାରେ ସୂଚନାଯୋଗ୍ୟ ପ୍ରତିବର୍ଷ ନଭେମ୍ବର ମାସ ଏକ ତାରିଖ ଠାରୁ ଦୀର୍ଘ ସାତ ମାସ ମେ ମାସ ୩୧ ତାରିଖ ପର୍ଯ୍ୟନ୍ତ କଇଁଛଙ୍କ ସ୍ୱଚ୍ଛନ୍ଦ ଚଳପ୍ରଚଳ ପାଇଁ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ମାଛ ଧରାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି ବେଆଇନ ଭାବେ ଅନୁପ୍ରବେଶ କରି ମାଛ ଧରୁଥିବା ମତ୍ସ୍ୟଜୀବୀ ମାନଙ୍କୁ ୧୯୭୨ ବନ୍ୟପ୍ରାଣୀ ଆଇନ ଲାଗୁ କରାଯାଇ ଗିରଫ କରିବା ସହ କୋର୍ଟ ଚାଲାଣ କରିଥାଏ।

ଗଛରେ ପିଟି ହୋଇ ରାସ୍ତାକଡକୁ ଖସିଲା କାର



କେନ୍ଦ୍ରାପଡ଼ା, ୫।୧୧ : କେନ୍ଦ୍ରାପଡା ଗଣ୍ଡାକିଆ ମୁଖ୍ୟ ରାସ୍ତାର ସାରଙ୍ଗ ନିକଟରେ ଆଜି ଅପରାହ୍ନ ପ୍ରାୟ ୪ଟା ସମୟରେ ଗୋଟିଏ କାର (ନଂ ଓଡି.୦୨ ଏ.ଏଲ. ୬୦୩୪) ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ରାସ୍ତାକଡକୁ ଖସିପଡିଥିବା ଦେଖିବାକୁ ମିଳିଛି। କାରଟି ଦ୍ରୁତ ଗତିରେ କେନ୍ଦ୍ରାପଡା ସହର ପାର୍ଶ୍ୱରୁ ଗଣ୍ଡାକିଆ ଆଡକୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଛି। କାରଚାଳକ ଏବଂ କାରରେ ବସିଥିବା ଅନ୍ୟ ଜଣେ ବ୍ୟକ୍ତି ସାମାନ୍ୟ ଆହତ ହୋଇଥିଲେ ମଧ୍ୟ ବଡବିପଦରୁ ବର୍ତ୍ତିଯାଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟ ଆହତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ।


ବ୍ଲକ ସ୍ତରୀୟ ବ୍ରାହ୍ମଣ ମହାସଙ୍ଘ ବୈଠକ

କେନ୍ଦ୍ରାପଡ଼ା,୫।୧୧ :ଗୋପୀନାଥପୁର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଗେଷ୍ଟେଶ୍ୱର ମହାଦେବ ମନ୍ଦିର ପରିଚାଳକ ସମାଜସେବୀ ବିଷ୍ଣୁ ଚରଣ ମହାପାତ୍ରଙ୍କ ଆବାହକତ୍ୱରେ ବ୍ଲକ ସ୍ତରୀୟ ବ୍ରାହ୍ମଣ ମହାସଙ୍ଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଅକ୍ଷୟ କୁମାର ଦାଶ ସଭାପତିତ୍ୱ କରିଥିଲେ। ଏଥିରେ ଜିଲ୍ଲା ସମ୍ପାଦକ ହରେକୃଷ୍ଣ ପତି,ସଂଗଠନ ସମ୍ପାଦକ ତପନ କୁମାର ଦାଶ, କୋଷାଧ୍ୟକ୍ଷ କ୍ଷୀରୋଦ କୁମାର ପଣ୍ଡା, ନିମାଇଁ ଚରଣ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହାକାଳପଡା ବ୍ଲକ ସଭାପତି ମାନସ ଆଚାର୍ଯ୍ୟଙ୍କ ଆହ୍ୱାନ କ୍ରମେ ଗୋପିନାଥପୁର ଶାସନ, ନଳଦିଆ ଶାସନ, ବେଲାର ନୂଆଗାଁ, କରଞ୍ଜ, ଯଦୁପୁର, ମଶାକଣୀ ପ୍ରଭୃତି ଗ୍ରାମରୁ ଶତାଧିକ ବୁଦ୍ଧିଜୀବୀ, ଶିକ୍ଷାବିତ, କର୍ମକାଣ୍ଡବିତ ପଣ୍ଡିତମାନେ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ବିପିନ ବିହାରୀ ଦାଶ, ବ୍ଲକ ସମ୍ପାଦକ ତଥା କର୍ମକାଣ୍ଡବିତ ଅମୀୟ ତ୍ରିପାଠୀ, କୋଷାଧ୍ୟକ୍ଷ ସତ୍ୟବ୍ରତ ନନ୍ଦ ପ୍ରମୁଖ ସଭାପରିଚାଳନାରେ ସହଯୋଗ କରିଥିଲେ। ବ୍ରାହ୍ମଣଜାତିକୁ ସରକାରଙ୍କ ଅବହେଳା, ବ୍ରାହ୍ମଣ ଯୁବକମାନଙ୍କ ନିଯୁକ୍ତି, ବ୍ରାହ୍ମଣ ସଂସ୍କାର, ସଂସ୍କୃତି, ଜୀବନଚର୍ଯ୍ୟା ଉପରେ ଜିଲ୍ଲା ସଂଗଠନ ସମ୍ପାଦକ ଆଲୋକପାତ କରିଥିଲେ। ବ୍ଲକର ପ୍ରତି ଗ୍ରାମରେ ବ୍ରାହ୍ମଣ ମହାସଙ୍ଘର ସଭା ଆଗାମୀ ଦିନରେ କରାଯିବା ପାଇଁ ଏହି ସଭାରେ ନିଷ୍ପତ୍ତି ନିଆଯାଇଛି।



ମୁଢିରେ ବିଷ ମିଶାଇ ବିଭତ୍ସ କାଣ୍ଡ

ସିମୁଳିଆ ୦୫।୧୧(ନି.ସୂ) ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକର ଜଣେ ଭିନ୍ନକ୍ଷମ ଯୁବକ ଛେଳି ପାଳି ଭରଣ ପୋଷଣ କରି ଜୀବିକା ନିର୍ବାହ କରୁଥିଲେ। କେହି ଜଣେ ମୁଢ଼ି ରେ ବିଷ ମିଶାଇ ଛେଳି ଗୁଡ଼ିକୁ ଖାଇବାକୁ ଦେଇଥିବାର ଖବର ଆମର ହସ୍ତଗତ ହୋଇଛି। ସିମୁଳିଆ ଥାନା ଅନ୍ତର୍ଗତ ଅଣ୍ଡରାଇ ପଞ୍ଚାୟତରେ ଏକ ଅମାନୁଷିକ ଘଟଣା ଘଟିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେହି ଦୁର୍ବୃତ୍ତ ମୁଢ଼ିରେ ବିଷ ମିଶାଇ ଦେବାରୁ ଏକାସଙ୍ଗେ ୮ଟି ଛେଳିଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ଫଳରେ ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଏକମାତ୍ର ଜୀବିକା ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି। ବିଶେଷ ସୂତ୍ରରୁ ପ୍ରକାଶ ଯେ ଅଣ୍ଡରାଇ ପଞ୍ଚାୟତର ଅଣ୍ଡରାଇ ଗ୍ରାମର ବ୍ରଜକିଶୋର ନାୟକ ଶାରୀରିକ ଭାବେ ଅକ୍ଷମ ବ୍ୟକ୍ତି ହୋଇଥିବାରୁ କିଛି ଛେଳି ପାଳନ କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ। ସୋମବାର ଦିନ ଘର ସମ୍ମୁଖରେ ସର୍ବସାଧାରଣ ସ୍ଥାନରେ ଛେଳି ଗୋଡ଼ିକ ଚରୁଥିବା ସମୟରେ କୌଣସି ଅଜ୍ଞାତ ବ୍ୟକ୍ତି ଛେଳିଗୁଡ଼ିକୁ ମାରିଦେବା ଉଦ୍ଦେଶ୍ୟରେ ମୁଢ଼ି ସହିତ ମାରଣାନ୍ତକ ବିଷ ମିଶାଇ ଖାଇବାକୁ ଦେଇଥିଲେ। ବିଷାକ୍ତ ମୁଢ଼ି ଖାଇବା ମାତ୍ରେ ଘଟଣା ସ୍ଥଳରେ ୮ଟି ଛେଳି ଛଟପଟ ହୋଇ ଆଖି ବୁଜିଥିଲେ। ମୃତ ଛେଳିଙ୍କ ମଧ୍ୟରେ ୪ଟି ଗର୍ଭବତୀ ଥିବାର ଜଣାପଡ଼ିଛି।ନିଜର ଏକମାତ୍ର ରୋଜଗାରର ମାଧ୍ୟମ ହରାଇ ଏବେ ବ୍ରଜକିଶୋର ଓ ତାଙ୍କ ପରିବାର ମୁଣ୍ଡରେ ହାତ ଦେଇ ବସିଛନ୍ତି। କେହି ଯୋଜନାବଦ୍ଧ ଭାବେ ଏଭଳି କାଣ୍ଡ ଭିଆଇଥିବା ଅଭିଯୋଗ କରି ବ୍ରଜକିଶୋର ସ୍ଥାନୀୟ ଥାନା ଏତଲା ଦେଇଛନ୍ତି। ପଶୁ ଚିକିତ୍ସକଙ୍କ ଦ୍ୱାରା ଅନ୍ୟ ଅସୁସ୍ଥ ଛେଳିଗୁଡିକର ଚିକିତ୍ସା ଜାରୀ ରହିଛି । ପୋଲିସ ନିରପେକ୍ଷ ତଦନ୍ତ କରି ପ୍ରକୃତ ଦୋଷୀଙ୍କୁ ଗିରଫ କରିବା ସହ ଅସହାୟ ଭିନ୍ନକ୍ଷମ ପରିବାରକୁ ପ୍ରଶାସନ ତରଫରୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ସିନାପାଲି ସହରରେ ଗଦ୍ଦା ବେପାରୀଙ୍କ ଦୌରାତ୍ମ୍ୟ

- ବେଆଇନ ରାସ୍ତା ଜବରଦଖଲ ନେଇ ଜନ ଅସନ୍ତୋଷ
- ସହରର ମୁଖ୍ୟରାସ୍ତା ପାଲଟିଛି ରଣ କ୍ଷେତ୍ର, ଲୋକେ ଆତଙ୍କିତ

ସିନାପାଲି,୫।୧୧(ନି ସୁ): ସିନାପାଲି ସହରର ମୁଖ୍ୟ ରାସ୍ତା ପାର୍ଶ୍ୱରେ ତକିଆ, ଗଦା ବ୍ୟବସାୟ ଆଳରେ ଅନେକ ବିହାରୀ ବୁଲା ବେପାରୀ ବେଆଇନ ରାସ୍ତା ଜବରଖଲ କରି ଅବରୋଧ କରି ଥିବା ବେଳେ ସେମାନଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ପରସ୍ପର ମଧ୍ୟରେ ବାଦ୍ ବିବାଦ କୁ ନେଇ ମୁଖ୍ୟ ରାସ୍ତା ରଣ କ୍ଷେତ୍ର ପାଲଟିଥିବା ଦେଖିବାକୁ ମିଳିଛି। ଯଦ୍ୱାରା ରାସ୍ତାରେ ଯାତାୟାତ ଲୋକ, ଯାନବାହନ ତଥା ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ବିପଦ ସଙ୍କୁଳ ହୋଇପଡ଼ିଥିବା ବେଳେ ଲୋକେ ଆତଙ୍କିତ ହୋଇ ପଡିଛନ୍ତି । ଏଭଳି ବାରମ୍ବାର କଳହ ସୃଷ୍ଟି କରି ବିଶୃଙ୍ଖଳା ହେଉଥିବା ବେଳେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ସୂଚନା ଯୋଗ୍ୟ ଯେ ଦୀର୍ଘବର୍ଷ ହେବ ଅନେକ ବିହାରୀ ବୁଲା ବେପାରୀ ପରିବାର ତକିଆ ତଥା ଗଦା ବ୍ୟବସାୟ ଆଳରେ ସିନାପାଲି ସହର ମୁଖ୍ୟ ରାସ୍ତା ବେଆଇନ ଜବରଦଖଲ କରି ପାର୍ଶ୍ୱରେ କୁଡ଼ିଆ କରି ଅବା ଘର ଭଡ଼ା ନେଇ ବେପାର କରୁଛନ୍ତି। ତତସହିତ ମୁଖ୍ୟ ରାସ୍ତା ଅବରୋଧ କରି ତକିଆ, ଗଦା, ବ୍ୟାଗ୍, ବେଡ଼ସିଟ୍ ଭଳି ଅନେକ ଜିନିଷ ପତ୍ର ରାସ୍ତାକୁ ମାଡ଼ି ପସରା ମେଲାଇ ଆଡ୍ଡା ଜମାଇଛନ୍ତି। ଯଦ୍ୱାରା ରାସ୍ତା ଅବରୋଧ ହେବା ସହ ଯାନବାହନ ତଥା ଲୋକେ ଯାତାୟାତ ରେ ବାଧାପ୍ରାପ୍ତ ହେଉଛି। ସାଧାରଣ ଲୋକ ବିରୋଧ କଲେ ଠେଙ୍ଗା, ଟେକା, ପଥର ଧରି ଆକ୍ରମଣ ପାଇଁ ଗୋଡ଼ାଇଛନ୍ତି । ସିନାପାଲି ରେ ପ୍ରାୟ ୧୫ ପରିବାର ବର୍ତ୍ତମାନ ବ୍ୟବସାୟ ଆଳରେ ରହି ଆସୁଥିବା ଦେଖିବାକୁ ମିଳିଛି। ସୂଚନା ଯୋଗ୍ୟ ଯେ ଏମାନେ କୌଶଳ କ୍ରମେ ନିଜ ପରିଚୟ ପତ୍ର କାଗଜାତ ପ୍ରସ୍ତୁତ କରି ଆଧାର କାର୍ଡ, ରାସନ୍ କାର୍ଡ ଓ ଅନ୍ୟାନ୍ୟ ସରକାରୀ ସହାୟତା ହାତେଇ ନେଇଥିବା ଅଭିଯୋଗ ହୋଇଛି। ଏସବୁ ର କଳାବଜାରୀ ତଦନ୍ତ ସପେକ୍ଷ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏମାନେ ପରସ୍ପର ମଧ୍ୟରେ ନିଜ ବ୍ୟବସାୟ କିମ୍ବା ପାରିବାରିକ ଘଟଣା କୁ ନେଇ ବାରମ୍ବାର କଳହ କରି ବିଶୃଙ୍ଖଳା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଏଭଳି କି ଅତି ସାଂଘାତିକ ଧରଣର ମାରପିଟ୍ ତଥା ବିଶୃଙ୍ଖଳା ସୃଷ୍ଟି ହେଉଥିବା ନଜିର ରହିଛି। ଗୁରୁବାର ଦିନ ତହସିଲ ଅଫିସ ନିକଟ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଦୁଇ ବେପାରୀ ଙ୍କ ମଧ୍ୟରେ ଏକ ସାଂଘାତିକ ଧରଣର ଝଗଡ଼ା ଦେଖିବାକୁ ମିଳିଥିଲା। ଉଭୟ ପରିବାର ର ସଦସ୍ୟ ହାତରେ ଠେଙ୍ଗା ଓ ପଥର ଧରି ପରସ୍ପରକୁ ଆକ୍ରମଣ କରି ପ୍ରବଳ ମାରପିଟ୍ ହେଉଥିଲେ। ଯାହାକି ମୁଖ୍ୟ ରାସ୍ତା ରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ଲୋକଙ୍କ ପାଇଁ ବିପଦପୂର୍ଣ୍ଣ ହୋଇ ପଡ଼ିଥିଲା। ପରସ୍ପରକୁ କିଛି ନଦେଖି ଲାଠି ଓ ପଥର ଫୋପଡ଼ା ଚାଲିଥିଲା। ଦୀର୍ଘ ସମୟ ପାଇଁ ମୁଖ୍ୟ ରାସ୍ତା ରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏଭଳି ଦୃଶ୍ୟ ଦେଖି ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ବିହାରୀ ବୁଲା ବେପାରୀ ଙ୍କ ପ୍ରତି ଅସନ୍ତୋଷ ପ୍ରଶାସନ କରିଛନ୍ତି। ଏହା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଏହି ଘଟଣା ର ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଥିବା ଦେଖିବାକୁ ମିଳିଛି। ବାରମ୍ବାର ବିହାରୀ ବେପାରୀ ଙ୍କ ଏଭଳି ଦୌରାତ୍ମ୍ୟ ବଢ଼ି ଚାଲିଥିବା ବେଳେ ବିଭିନ୍ନ ମହଲରେ ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି। ଏନେଇ ପ୍ରଶାସନ ଦୃଷ୍ଟି ଦେଇ ରାସ୍ତା ଅବରୋଧକାରୀ ବିହାରୀ ବୁଲା ବେପାରୀ ତଥା ବିଶୃଙ୍ଖଳାକାରୀଙ୍କ ବିରୁଦ୍ଧରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏନେଇ ସିନାପାଲି ଥାନା ଅଧିକାରୀ ଧର୍ମେନ୍ଦ୍ର ଭୋଏ ଙ୍କୁ ପଚାରିବାରୁ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଘଟଣା ର ତଦନ୍ତ ଚାଲିଛି। ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ନେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।



ଶେଷ ପୃଷ୍ଠା

ଖେଳ

ଶୁକ୍ରବାର
ନଭେମ୍ବର ୦୬
୨୦୨୬

ନିର୍ଭୟ ସୂଚନା

ରାଷ୍ଟ୍ରୀୟ ଆଇନ ସେବା ଦିବସ ପାଳିତ



ଧର୍ମଗଡ଼, ୦୫/୧୧ (ନି.ସୂ.) : କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ କାଶୀବାହାଲ ଗୁରୁଜୀ ମଧୁସୂଦନ ଉଚ୍ଚ ବିଦ୍ୟାଳୟଠାରେ ରାଷ୍ଟ୍ରୀୟ ଆଇନ ସେବା ଦିବସ ଉପଲକ୍ଷେ ତାଲୁକ ଆଇନ ସେବା ସମିତି ପକ୍ଷରୁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତାଲୁକ ଆଇନ ସେବା ସମିତିର ଅଧକ୍ଷ ଗୁଣ୍ଡିଚା ସାମନ୍ତସିଂହାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶ୍ରୀଚନ୍ଦନ ସେଠୀ, ଆଇନ ସେବା ସମିତିର ସଦସ୍ୟ ମିହିର ରଞ୍ଜନ ପଟ୍ଟଯୋଶୀ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଞ୍ଚାସୀନ ହୋଇଥିଲେ । କାର୍ଯ୍ୟକ୍ରମରେ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିବା ମାଗଣା ଆଇନ ସେବା, ମଧ୍ୟସ୍ଥତା ବ୍ୟବସ୍ଥା ଓ ଲୋକ ଅଦାଲତର ଉପାଦେୟତା ସମ୍ପର୍କରେ ଅତିଥିମାନେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ଆର୍ଥିକ ଅନଗ୍ରସର ଓ ଅସହାୟ ବ୍ୟକ୍ତିମାନେ କିପରି ମାଗଣା ଆଇନ ସହାୟତା ପାଇପାରିବେ, ଏଥିସହ ଆଇନଗତ ବିବାଦର ସରଳ ଓ ଶୀଘ୍ର ସମାଧାନ ପାଇଁ ଲୋକ ଅଦାଲତ ଓ ମଧ୍ୟସ୍ଥତାର ଭୂମିକା କ'ଣ, ସେ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ସଚେତନ କରାଯାଇଥିଲା ।

କାଦଡିହା ବନପାଳଙ୍କ କାର୍ଯ୍ୟାଳୟ ଗୋଦାମ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ

ବିଭାଗ ପକ୍ଷରୁ ଆବଶ୍ୟକତା ଉପଲବ୍ଧି କରି ପଦକ୍ଷେପ ନେବାକୁ ଦାବି

କରଞ୍ଜିଆ,୫/୧୧: ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ସଂଲଗ୍ନରେ ଅବସ୍ଥିତ କାଦଡିହା ବନପାଳଙ୍କ କାର୍ଯ୍ୟ ପରିସର । ଏହା ଶିମିଳିପାଳ ଅଭୟାରଣ୍ୟ ନିକଟରେ ଥିବାରୁ ଅନେକ ସମୟରେ କାଠ ଚୋରି ଓ ଅନ୍ୟାନ୍ୟ ଜଙ୍ଗଲ ଜାତ ଦ୍ରବ୍ୟ ଚୋରି କରିବା ଓ ବନପାଳ ସେମାନଙ୍କ ଧରିବା ଦେଖିବାକୁ ମିଳେ । ଏହି ଚୋରଙ୍କ ନିକଟରୁ ଜବତ୍ ବିଭିନ୍ନ କାଟିବା ସରଞ୍ଜାମ ମଧ୍ୟ ଜବତ୍ କରାଯାଏ । ତେବେ ବର୍ତ୍ତମାନ ଏହି ସମସ୍ତ ଜିନିଷ ରଖିବା ପାଇଁ ଥିବା ଗୋଦାମ ଘର



ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ । ତେଣୁ ସାଇକେଲ, ତଥା ଅନ୍ୟାନ୍ୟ ଜବତ୍ ସାମଗ୍ରୀ ବାହାରେ ପଡ଼ି ରହୁଛି ଏବଂ ରକ୍ଷଣାବେକ୍ଷଣ ହୋଇ ପାରୁ ନାହିଁ । ପୂର୍ବରୁ ବନପାଳ ଥିବା ହରିଶ ବେହେରା ଓ ବର୍ତ୍ତମାନ ନୂତନ ଭାବେ ଯୋଗଦାନ କରିଥିବା ବନ୍ଦନା ଦଲେଇ ଏହି ସମସ୍ୟା ପାଇଁ ସମାନ୍ ଅବସ୍ଥା ଭୋଗୁଛନ୍ତି । ଏହା ସହ ପେଟ୍ରୋଲିଙ୍ଗ ପାଇଁ ଏହି ବିପଦ ସଙ୍କୁଳ କାର୍ଯ୍ୟାଳୟରେ ଗାଡ଼ି ବ୍ୟବସ୍ଥା ନାହିଁ । ତେଣୁ ଚୋରଙ୍କ ଉପରେ ଓ ଜଙ୍ଗଲରେ ନିଆଁ ଲଗାଉଥିବା ଲୋକଙ୍କ ଉପରେ ରୋକ୍ ଲଗାଇବାରେ ବନ ବିଭାଗ ବିଫଳ ହେଉଛି । ତେଣୁ ଯଥାଶୀଘ୍ର ବିଭାଗ ପକ୍ଷରୁ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି ।

ଯୌନ ନିର୍ଯାତନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ବାରିପଦା ୫/୧୧: ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ଶକ୍ତିଶ୍ରୀ ସଶକ୍ତିକରଣ ଶାଖା ତରଫରୁ ଯୌନ ଉତ୍ପୀଡ଼ନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ.ଚନ୍ଦ୍ରକାନ୍ତ ଦାସ ଯୌନ ଉତ୍ପୀଡ଼ନ ଏକ ସାମାଜିକ ବ୍ୟାଧି ବୋଲି ମତବ୍ୟକ୍ତ କରିବା ସହ ଏହାର ନିରାକରଣ ପାଇଁ



ସମସ୍ତଙ୍କର ସଚେତନତା ଓ ସହଯୋଗ ଆବଶ୍ୟକ ବୋଲି କହିଥିଲେ । ଉକ୍ତ ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ରାଜଶ୍ରୀ ପଟ୍ଟନାୟକ ଓ.ଜେ.ଏସ. ଯୋଗଦେଇ ଆଜିର ଦିନରେ ଝିଅ ତଥା ମହିଳା ମାନେ କିପରି ଯୌନ ଉତ୍ପୀଡ଼ନର ଶିକାର ହେଉଛନ୍ତି ଏବଂ ଅନେକ ସମୟରେ ସେମାନେ ବଦନାମ ହେବା ଭୟରେ ମୁହଁ ଖୋଲୁ ନଥିବାରୁ ଅପରାଧୀ ମାନେ ଖସି ଯିବାରେ ସକ୍ଷମ ହେଉଛନ୍ତି ବୋଲି କହିବା ସହିତ ଉତ୍ପୀଡ଼ନର ବିଭିନ୍ନ ଦିଗ, ଏହାର କୁପରିଣାମ, ଆଇନଗତ ବ୍ୟବସ୍ଥା ଓ ଏଥିରୁ ସୁରକ୍ଷା ପାଇବାର ଉପାୟ ସମ୍ପର୍କରେ ବିଶଦ ଭାବରେ ଆଲୋକପାତ କରି ଶିକ୍ଷାନୁଷ୍ଠାନ ଓ କର୍ମକ୍ଷେତ୍ରରେ ଏକ ସୁସ୍ଥ ସୁରକ୍ଷିତ ଏବଂ ଭୟମୁକ୍ତ ପରିବେଶ ସୃଷ୍ଟି କରିବା ସମସ୍ତଙ୍କର ଦାୟିତ୍ୱ ବୋଲି ମତ ପ୍ରକାଶ କରିଥିଲେ । ଶକ୍ତିଶ୍ରୀ ସଶକ୍ତିକରଣ ସେଲର ସଂଯୋଜିକା ତଥା ପ୍ରାଣୀ ବିଭାଗର ସହକାରୀ ପ୍ରଫେସର ସୁଶ୍ରୀ ସଂଗୀତା ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶକ୍ତିଶ୍ରୀ ସାଥୀ ତଥା ଇଂରାଜୀ ବିଭାଗର ଛାତ୍ରୀ ଶ୍ରଦ୍ଧା ସୁମନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀ, ଅଧ୍ୟାପକ, ଅଧ୍ୟାପକ, କର୍ମଚାରୀ ସକ୍ରିୟ ଅଂଶଗ୍ରହଣକରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇଣ୍ଡକସନ କାର୍ଯ୍ୟକ୍ରମ

ବାରିପଦା ୫/୧୧: ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏମସିଏ, ଏମବିଏ, ଏବଂ ବିସିଏ ବିଭାଗରେ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଇଣ୍ଡକସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଷୟ ସଂଯୋଜକ ଡ. ଅନାମ ଚରଣ ରାଉଳ କାର୍ଯ୍ୟକ୍ରମର ଆବଶ୍ୟକତା ବିଷୟରେ ଆଲୋଚନା କରି ପିଲାଙ୍କ ପାଇଁ ଉଦିଷ୍ଟ ଥିବା ବିଭିନ୍ନ ବିଭାଗ ଏବଂ ତାର ସୁବିଧା ସୁଯୋଗ ଉପରେ ପିଲାଙ୍କୁ ଅବଗତ କରାଇଥିଲେ । ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼. ହିମାବିନ୍ଦୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପିଲାମାନଙ୍କୁ ଆର୍ଟିଫିସିଆଲ ଇନଟ୍ଲିଜେନ୍ସର ବ୍ୟବହାର ଏବଂ ତାର ସଦୁପଯୋଗ ଉପରେ ଆଲୋଚନା କରିଥିଲେ । ଶୈକ୍ଷିକ ମୁଖ୍ୟ ଡ. ଆଲବେର୍ଟିନା ତିର୍କୀ ବୈଷୟିକ ଶିକ୍ଷାର ମହତ୍ୱ ବିଷୟରେ ଆଲୋଚନା କରିଥିଲେ । ଅତିଥି ଅଧ୍ୟାପିକ ଲଳିତ କୁମାର ସାହୁ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିବା ବେଳେ ବିଷୟ ପରିଚାଳକ ଡ. ପ୍ରକାଶ ଚନ୍ଦ୍ର ଦାସ ପିଲାମାନଙ୍କୁ ନିୟମିତ ଉପସ୍ଥାନର ଗୁରୁତ୍ୱ ଉପରେ କହିଥିଲେ । ବିଭାଗୀୟ ଅତିଥି ଅଧ୍ୟାପକ ଅଧ୍ୟାପିକା ମାନସୀ ପରିଡା, ଡ.



ଗାୟତ୍ରୀ ଦେ, ଅଜିତ କୁମାର ଦାସ ପାଠ୍ୟକ୍ରମ ଏବଂ ପରୀକ୍ଷା ପ୍ରଣାଳୀ ଉପରେ ଆଲୋଚନା କରିଥିବା ବେଳେ ରାଜେଶ କୁମାର ରାୟ, ରୂପାଲି ଜେନା, ଅନୁଭବ ତ୍ରିପାଠୀ, ବ୍ରଜଗୋପାଳ ଦ୍ୱାରି, ଆଶିଷ କୁମାର ଧଳ, ପ୍ରଶାନ୍ତ ଧଳ ପ୍ରମୁଖ ବିଭାଗୀୟ ଅତିଥି ଅଧ୍ୟାପକ ଅଧ୍ୟାପିକା ଏବଂ ଅନ୍ୟ ସମସ୍ତ କର୍ମଚାରି ଉପସ୍ଥିତ ଥିଲେ । ଶେଷରେ ଅତିଥି ଅଧ୍ୟାପକ ଗୋବର୍ଦ୍ଧନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ' ଉଦ୍‌ଘାଟିତ

ସୁବର୍ଣ୍ଣପୁର, ୦୪।୧୦ (ନି.ସୂ): ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ' ଆଜି ଜିଲ୍ଲାପାଳ ଦେବାଶିଷ ସିଂହଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାର ୬ଟି ବ୍ଲକ୍‌ରୁ ବିଭିନ୍ନ ସଂଗଠନ ମାଧ୍ୟମରେ ମନୋନୀତ ଶତାଧିକ ଛାତ୍ରଛାତ୍ରୀ ଏହି ଯୁବ ମହୋତ୍ସବରେ ଅଂଶଗ୍ରହଣ କରୁଛନ୍ତି । ପ୍ରଥମ ଦିନରେ ଜିଲ୍ଲା ସଂସ୍କୃତି ଭବନଠାରେ ନୁକ୍କଡ଼ ନାଟକ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ସୋନପୁର କଲେଜଠାରେ କବିତା ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସକାଳ ଅଧିବେଶନରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ଅଞ୍ଜଳିନା ପ୍ରଧାନଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଅପରାହ୍ନ ଅଧିବେଶନରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

ଓଡିଶା ଡିପ୍ଲୋମା ଇଞ୍ଜିନିଅରିଂ ସଂଘର ବାର୍ଷିକ ଅଧିବେଶନ

ଆନନ୍ଦପୁର ୦୫/୧୧: ଆନନ୍ଦପୁର ଓଡିଶା ଡିପ୍ଲୋମା ସର୍ଭିସ ଆସେସନ ବୈତରଣୀ ଡିଭିଜିନାଲ ଶାଖା ପକ୍ଷରୁ ଶାଳପଡା ଠାରେ ବାର୍ଷିକ ଅଧିବେଶନ ଓ ନୂତନ କର୍ମକର୍ତ୍ତା ମନୋନୟନ ଶାଳପଡା ଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଇଂ ଶ୍ରୀଧର ବାରିକ, ଉପଦେଷ୍ଟା ପୂର୍ବତନ ସମ୍ପାଦକ, ଇଂ ନରେନ୍ଦ୍ର କୁମାର ନାୟକ, ଇଂ ଅରୁଣ କୁମାର ସେଠି, ଉପସ୍ଥିତ ରହିଥିଲେ । ସଭା ପରିଚାଳନା ଇଂ ପିତାମ୍ବର ଜେନା, ସଭାପତିତ୍ୱ କରୁଥିବା ବେଳେ ରୋହନ କୁମାର ନାୟକ ବୈତରଣୀ ଶାଖା ପକ୍ଷରୁ ବାର୍ଷିକ ବିବରଣୀ ପାଠ କରିଥିଲେ । ବୈଠକରେ ମୁଖ୍ୟତଃ ଡିପ୍ଲୋମା ଇଞ୍ଜିନିଅରିଂଙ୍କ ବହୁ ଦିନର ସମସ୍ୟା ଆଲୋଚନା ହୋଇଥିଲା । ବୈଠକରେ ସାତ ଦଫା ଦାବୀ ଉପରେ ପ୍ରସ୍ତାବ ଗୃହୀତ ହୋଇଥିଲା । ସେଗୁଡିକ ମଧ୍ୟରେ ଡିପ୍ଲୋମା ଇଞ୍ଜିନିଅରଙ୍କ ନିୟମିତ ପ୍ରଦୋନ୍ନତି ଖାଲି ପଦରେ ନିଯୁକ୍ତି ପ୍ରକ୍ରିୟା ତୋରାନ୍ୱିତ ପୁରୁଣା ପେନସନ ନିୟମିତ ଲାଗୁ, ବେତନ ବୈଶାମ୍ୟ ଦୂର ସମେତ ଅନ୍ୟାନ୍ୟ ଦାବି ହୋଇଥିଲା । ଏହି ସମସ୍ତ ଦାବି ଆଗାମୀ ଦିନରେ ରାଜ୍ୟ ସରକାର ବିଭାଗୀୟ ମନ୍ତ୍ରୀ



ନିକଟରେ ସଂଘ ପକ୍ଷରୁ ଉପସ୍ଥାପନ କରାଯିବା ନିମନ୍ତେ ସର୍ବସହମତି କ୍ରମେ ନିଷ୍ପତି ନିଆଯାଇଛି । ସରକାର ଯଦି ଦାବି ଗୁଡିକ ପୂରଣ ନକରନ୍ତି ତାହେଲେ ସଂଘ ପକ୍ଷରୁ ନଭେମ୍ବର ୧୪ ତାରିଖରେ ଏକ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି । ପରେ ନୂତନ କମିଟିର ସଭାପତି ଭାବେ ଇଂ ପିତାମ୍ବର ଜେନା, ଉପସଭାପତି ଭାବେ ଇଂ ପ୍ରଶାନ୍ତ କୁମାର ନାୟକ, ସମ୍ପାଦକ ଭାବେ ଇଂ ରୋହନ କୁମାର ନାୟକ, ସହ ସମ୍ପାଦକ ଟ୍ରେଜେରର ଭାବେ ଇଂ ସତ୍ୟ ପ୍ରକାଶ ଜେନା, ସହ ସମ୍ପାଦକ ପରିଚାଳକ ଭାବେ ଇଂ ସୋମ୍ୟ ରଞ୍ଜନ ମାଝୀ, ଅଡିଟର ଭାବେ ଇଂ ସତ୍ୟ ପ୍ରକାଶ ସେନାପତି, ଇଂ ସୁଶାନ୍ତି ଧଳ, ଇଂ ଲୋପାମୁଦ୍ରା ନାୟକ, ଇଂ ପ୍ରକାଶ କୁମାର ଟାଇସନ, ଇଂ ଦୁର୍ଗା ପ୍ରସାଦ ହେମ୍ବ୍ରମ, ଇଂ ପ୍ରଶାନ୍ତ କୁମାର ପଣ୍ଡା, ଇଂ କ୍ଷେତ୍ରବାସୀ ସାମଲ,ଏବଂ ଉପଦେଷ୍ଟା ଭାବେ ଇଂ ଲକ୍ଷ୍ମଣ ମୁର୍ମୁ ସଂଘ ପକ୍ଷରୁ ନିର୍ବାଚିତ ହୋଇଥିଲେ । ଆଜିର ଏହି ବୈଠକରେ ଜିଲ୍ଲାର ଆଦିବାସୀ ଉନ୍ନୟନ ସଂସ୍ଥା, ପୂର୍ତ୍ତ ବିଭାଗ, ପଞ୍ଚାୟତ ରାଜ ଓ ପାନୀୟ ଜଳ, ଜଳ ସେଚନ, ଜଳ ସମ୍ପଦ, ଖୁଦ୍ର ଜଳ ସେଚନ, ଗ୍ରାମ୍ୟ ଉନ୍ନୟନ, ବିଭାଗର ଶତାଧିକ ଡିପ୍ଲୋମା ଇଞ୍ଜିନିଅର ଉପସ୍ଥିତ ଥିଲେ ।

ବନେଇକଳାରେ ଆଦିବାସୀଙ୍କ ଜମି ଜବରଦଖଲ ଅଭିଯୋଗ

ତଦନ୍ତ ରିପୋର୍ଟ ମାଗିଲେ ଉପଜିଲ୍ଲାପାଳ

କେନ୍ଦୁଝର୫/୧୧: ବଡ଼ବିଲ ତହସିଲ ଅନ୍ତର୍ଗତ ବନେଇକଳା ଗ୍ରାମରେ ଜଣେ ଆଦିବାସୀଙ୍କ ଜମି ଜବରଦଖଲ ଅଭିଯୋଗ ଉପରେ ଉପଜିଲ୍ଲାପାଳ ଚମ୍ପୁଆ ତହସିଲଦାରଙ୍କୁ ଏକ ମାସ ମଧ୍ୟରେ ପଦକ୍ଷେପ ନେଇ ରିପୋର୍ଟ ଦାଖଲ କରିବାକୁ ଆଦେଶ ଦେଇଛନ୍ତି । ଜମିର ସୁରକ୍ଷା କରିବା ସହ ଏହାକୁ ଜମି ସ୍ୱତ୍ୱାଧିକାରୀଙ୍କୁ ହସ୍ତାନ୍ତର କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି । ଉକ୍ତ ଆଦିବାସୀ ଜମିରେ ଏକ ସତ୍‌ସଙ୍ଗ ମନ୍ଦିର ଚାଲିଥିବା ଅଭିଯୋଗ ହୋଇଛି । ବନେଇକଳା ମୌଜାର ୟୁନିଟ୍-୧ରେ ମଙ୍ଗଲୁ ନାଏକଙ୍କ ଜମିରେ ବେଆଇନ ଜବରଦଖଲ ହୋଇଥିବା ନେଇ ଉପଜିଲ୍ଲାପାଳ ଚମ୍ପୁଆଙ୍କ ଅଦାଲତରେ ଅଭିଯୋଗ ହୋଇଥିଲା । ଆଦିବାସୀଙ୍କ ଜମି ଜବରଦଖଲ କିମ୍ବା କିଣାବିକା କରାଯାଇପାରିବ ନାହିଁ ବୋଲି ସରକାରୀ ନିୟମ ରହିଛି । ଅଭିଯୋଗ ପରେ ତଦନ୍ତ ପାଇଁ ବଡ଼ବିଲ ତହସିଲଦାରଙ୍କୁ ଆଦେଶ ଦିଆଯାଇଥିଲା । ତହସିଲଦାର ୧୨-୧୨-୨୦୨୪ର ଚିଠି ନମ୍ବର ୫୩୨୦/୬ରେ ତଦନ୍ତ ରିପୋର୍ଟ ଦାଖଲ କରିଥିଲେ ।

ରିପୋର୍ଟ ଅନୁଯାୟୀ, ମଙ୍ଗଲୁ ନାଏକଙ୍କ ଖାତା ନମ୍ବର ୧୪୪, ପ୍ଲଟ୍ ନମ୍ବର ୧୧୯୧ରେ ମୋଟ ୦.୩୦୦ ଡେସିମିଲ ଜମିରୁ ୦.୧୦୦ ଡେସିମିଲ ଜମିକୁ ମଦନ ମୋହନ ବାରିକ ଜବରଦଖଲ କରି ସତ୍ ?ସଙ୍ଗ ମନ୍ଦିରର ଟିଣ ଛପର ଘର ନିର୍ମାଣ କରିଛନ୍ତି । ଅନ୍ୟ ଜଣେ ୦.୦୩୦ ଡେସିମିଲ ଜମି ଜବରଦଖଲ କରି ପାଇଖାନା ଓ ସେପ୍ଟିକ୍? ଟାଙ୍କି ତିଆରି କରିଥିବା ମଧ୍ୟ ରିପୋର୍ଟରେ ଉଲ୍ଲେଖ ରହିଛି ।

ଏହି ରିପୋର୍ଟ ଆଧାରରେ ଉପଜିଲ୍ଲାପାଳ ୩୧ ଜାନୁଆରୀ ୨୦୨୫ରେ ଜମିର ସୁରକ୍ଷା କରିବା, ଏହାକୁ ମଙ୍ଗଲୁ ଓ ଅନ୍ୟ ଆବେଦନକାରୀଙ୍କୁ ହସ୍ତାନ୍ତର କରିବା ଏବଂ ପଦକ୍ଷେପ ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ବଡ଼ବିଲ ତହସିଲଦାରଙ୍କୁ ଆଦେଶ ଦେଇଥିଲେ । ଏହି ସ୍ଥାନର ଖାତା ନମ୍ବର ୨୨୪/୬୫୨ର ଜମି କ୍ଷୀରୋଦ କୁମାର ନାଏକଙ୍କ ନାମରେ ରହିଛି । ସେହି



ଜମିରେ ମଦନ ମୋହନ ବାରିକ ଜବରଦଖଲ କରି ସତ୍‌ସଙ୍ଗ ମନ୍ଦିର ନିର୍ମାଣ କରିଥିବା ଅଭିଯୋଗ ପରେ ଚମ୍ପୁଆ ଉପଜିଲ୍ଲାପାଳଙ୍କ ଅଦାଲତରେ ମାମଲା ହୋଇଥିଲା । ଶୁଣାଣି ପରେ ଜମି ଫେରସ୍ତ ପାଇଁ ତହସିଲଦାରଙ୍କୁ ଆଦେଶ ହୋଇଥିଲେ ମଧ୍ୟ ଏଯାଏଁ ଜମି ଚିହ୍ନଟ ହୋଇ ଫେରସ୍ତ ହୋଇନାହିଁ । ଅଭିଯୋଗ ଅନୁସାରେ, ୦.୦୫୦ ଏକର ଜମିରେ ସତ୍‌ସଙ୍ଗ ମନ୍ଦିରର ବାଡ଼ ଦେଇ ଦଖଲ ରଖାଯାଇଛି । ଆଉ ୦.୦୫୦ ଏକର ଜମିକୁ ଏମ୍.ଡି. ବାବୁ ଖାନ୍ ନାମକ ବ୍ୟକ୍ତି ଘର ଓ ପାଚେରି ନିର୍ମାଣ କରି ଜବରଦଖଲ କରିଛନ୍ତି । ଅବଶିଷ୍ଟ ୦.୦୮୦ ଏକର ଜମି ଖାଲି ରହିଛି । ଏନେଇ ୭ ଏପ୍ରିଲ ୨୦୨୬ର ଚିଠି ନମ୍ବର ୧୩୦୩/୧୦ରେ ଉପଜିଲ୍ଲାପାଳ ଆଦେଶ ଦେଇଥିଲେ ମଧ୍ୟ ଜମି ଏଯାଏଁ ଫେରସ୍ତ ମିଳିନାହିଁ ବୋଲି କ୍ଷୀରୋଦ ଅଭିଯୋଗ କରିଛନ୍ତି । ଏନେଇ ସେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ବିନା ଅନୁମତିରେ ଆଦିବାସୀ ଜମି ଜବରଦଖଲ ଓ ହସ୍ତାନ୍ତର ବେଆଇନ ବୋଲି ଦର୍ଶାଇ, ଜମି ଚିହ୍ନଟ କରି ଜମି ସ୍ୱତ୍ୱାଧିକାରୀଙ୍କୁ ହସ୍ତାନ୍ତର ପାଇଁ ଉପଜିଲ୍ଲାପାଳ ତହସିଲଦାରଙ୍କୁ ଏକ ମାସ ମଧ୍ୟରେ ପଦକ୍ଷେପ ରିପୋର୍ଟ ଦେବାକୁ ଆଦେଶ ଦେଇଛନ୍ତି ।

ରାୟଗଡ଼ ଜିଲ୍ଲାରେ କ୍ଲୋରିନ୍ ଗ୍ୟାସ୍ ଲିକେଜ୍ ଜନିତ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ନିମନ୍ତେ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଓ ଅଫ୍‌ସାଇଟ୍ ମକ୍ ଡ୍ରିଲ୍ ଅନୁଷ୍ଠିତ

ରାୟଗଡ଼, ୦୫/୧୧(ନି.ସୂ): ରାୟଗଡ଼ ଜିଲ୍ଲାରେ ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣା ତଥା କ୍ଲୋରିନ୍ ଗ୍ୟାସ୍ ଲିକେଜ୍ ଜନିତ ଜରୁରୀକାଳୀନ ପରିସ୍ଥିତିର ସଫଳ ମୁକାବିଲା ଏବଂ ବିଭିନ୍ନ ବିଭାଗର ପ୍ରସ୍ତୁତି ଆକଳନ ନିମନ୍ତେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ସମ୍ମିଳନୀ କକ୍ଷରେ ଏକ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଅନୁଷ୍ଠିତ ହୋଇଥିଲା । ଡେପୁଟି ଡାଇରେକ୍ଟର ଅଫ୍ ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲର୍ସ, ରାୟଗଡ଼ ଡିଭିଜନଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ବୈଠକର ଆୟୋଜନ କରାଯାଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନିହାର ରଞ୍ଜନ କହଁର ଏଥିରେ ଅଧକ୍ଷତା କରିଥିଲେ । ଏହି ବୈଠକରେ ଆଞ୍ଚଳିକ ପରିବହନ ବିଭାଗ, ଅଗ୍ନିଶମ ବିଭାଗ, ପୋଲିସ ବିଭାଗ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ



ବିଭାଗ, ରେଳବାଇ, ଟିପି ସାଉଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ଏବଂ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ରର ଅଧିକାରୀମାନେ ଯୋଗଦେଇଥିଲେ ।

ବୈଠକରେ କ୍ଲୋରିନ୍ ଗ୍ୟାସ୍ ଲିକେଜ୍ ଭଳି ଜରୁରୀକାଳୀନ ପରିସ୍ଥିତିରେ ବିଭିନ୍ନ ବିଭାଗର ଦାୟିତ୍ୱ ଓ କାର୍ଯ୍ୟଧାରା, ମକ୍ ଡ୍ରିଲ୍ ?ର କ୍ରମାନ୍ୱୟ କାର୍ଯ୍ୟପନ୍ଥା, କ୍ଲୋରିନ୍ ପରିବହନ ସମୟରେ ସୁରକ୍ଷା ବ୍ୟବସ୍ଥା ଏବଂ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଆଲୋଚନା କରାଯାଇଥିଲା । ଏଥିସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଅଙ୍ଗନବାଡ଼ି କର୍ମୀ, ସରପଞ୍ଚ ଓ ଜନପ୍ରତିନିଧିମାନଙ୍କୁ ଏଭଳି ପରିସ୍ଥିତିରେ ଆବଶ୍ୟକ ସତର୍କତା ଓ ଜନସଚେତନତା ସମ୍ପର୍କରେ ପ୍ରଶିକ୍ଷଣ ଦେବା, ଜରୁରୀକାଳୀନ ଉଦ୍ଧାର ପାଇଁ ସ୍ୱତନ୍ତ୍ର ଯାନର ବ୍ୟବସ୍ଥା ଏବଂ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସୁରକ୍ଷା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା ।

ଏହାପରେ ଆଜି ଅପରାହ୍ନ ୪ଟା ସମୟରେ ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମା ନିକଟସ୍ଥ କେରଡ଼ାଠାରେ କ୍ଲୋରିନ୍ ଗ୍ୟାସ୍ ଲିକେଜ୍ ପରିସ୍ଥିତିକୁ ଆଧାର କରି ଏକ ଅଫ୍‌ସାଇଟ୍ ଏମର୍ଜେନ୍ସି ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା । ଏହି ଅଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜରୁରୀକାଳୀନ ସମୟରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ତ୍ୱରିତ ଉଦ୍ଧାର କାର୍ଯ୍ୟ, ଚିକିତ୍ସା ସେବା, ଜନସୁରକ୍ଷା ଏବଂ ବିପର୍ଯ୍ୟୟ ପରିଚାଳନାର ପ୍ରସ୍ତୁତିକୁ ପରୀକ୍ଷା କରିବା । ଏଭଳି ଅଭ୍ୟାସ ଦ୍ୱାରା ଭବିଷ୍ୟତରେ କୌଣସି ରାସାୟନିକ ଦୁର୍ଘଟଣା ଘଟିଲେ ତାହାର ସଫଳ ମୁକାବିଲା କରିବା ସହ ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ସୁନିଶ୍ଚିତ କରାଯାଇପାରିବ ।

ନିଶାସକ୍ତ ଯୁବକଙ୍କ ଆତଙ୍କରାଜ ବୃଦ୍ଧାଙ୍କ ହାତକୁ ଖଣ୍ଡାରେ ହାଣିଲା

ଭଦ୍ରକ ୫/୧୧ (ନି.ସୂ): ଭଦ୍ରକ ଜିଲ୍ଲା ବନ୍ତ ଥାନା ଅଧୀନ କଣ୍ଡାପଡ଼ା ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି ଯେଉଁଠାରେ ନିଶାସକ୍ତ ଅବସ୍ଥାରେ ଅଜୟ ଦାସ (୪୦) ନାମକ ଜଣେ ଯୁବକ ଖଣ୍ଡା ଧରି ଆତଙ୍କରାଜ ଚଳାଇବା ସହ ପୋଲିସ ସାମ୍ନାରେ ଦୋକାନୀଙ୍କ ୭୬ ବର୍ଷୀୟା ମାଆ କଇଁତା ଦାସଙ୍କୁ ଆକ୍ରମଣ କରି



ଗୁରୁତର ଆହତ କରିଛନ୍ତି । ଗାଁର ରଥିଆ ଦାସଙ୍କ ଦୋକାନ ଭିତରେ ଅଜୟ ବଳପୂର୍ବକ ପଶି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ସପରିବାରକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ଏବଂ ପରିବାର ଲୋକେ ତାଙ୍କୁ ବାହାରକୁ ଠେଲିଦେବା ପରେ ସେ ଏକ ଖଣ୍ଡା ଧରି ଆକ୍ରମଣ କରିବାକୁ ଆସିଥିଲେ । ଭୟରେ ପରିବାର ଲୋକେ ଦୋକାନ କବାଟ ଭିତର ପଟୁ ବନ୍ଦ କରି ପୋଲିସକୁ ଖବର ଦେଇଥିଲେ, ମାତ୍ର ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ମଧ୍ୟ ଅଭିଯୁକ୍ତ ଖଣ୍ଡା ଧରି ସମସ୍ତଙ୍କୁ ଗୋଡ଼ାଇଥିଲା ଏବଂ ବୃଦ୍ଧାଙ୍କ ହାତକୁ ଖଣ୍ଡାରେ ହାଣିଥିଲା ବେଳେ ପୋଲିସ୍ ତାକୁ କାବୁ କରିବାରେ ସଫଳ ହୋଇଥିଲା । ତେବେ ବୃଦ୍ଧାଙ୍କୁ ପ୍ରଥମେ ବନ୍ତ ଓ ପରେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ କରାଯାଇଥିଲା । ଏନେଇ ବୃଦ୍ଧାଙ୍କ ପୁଅ ରଥିଆ ଥାନାରେ ଅଭିଯୋଗ କରିବା ପରେ ପୋଲିସ୍ ସମ୍ପୃକ୍ତ ନିଶାସକ୍ତ ଯୁବକକୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି ।

ରାଜ୍ୟର ୮ଟି ସ୍ଥାନରେ ହେବ ଇକୋ ରିଟ୍ରିଟ

ଭୁବନେଶ୍ୱର ୫/୧୧(ନି.ସୂ): ଇକୋ ରିଟ୍ରିଟ୍ ଯୋଜନା ଓ ପରିଚାଳନାରେ ସ୍ଥାନୀୟ ରୋଜଗାରକୁ ମୁଖ୍ୟ ପ୍ରାଥମିକତା ଦିଆଯିବା ଆବଶ୍ୟକ ବୋଲି ଆଜି (ଗୁରୁବାର) ଏକ ବିଭାଗୀୟ ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ପର୍ଯ୍ୟଟନ ଭବନଠାରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜିତ ହେବାକୁ ଥିବା 'ଇକୋ ରିଟ୍ରିଟ୍'ର ପ୍ରସ୍ତୁତି ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ ଅଧକ୍ଷତା କରିଥିଲେ । ପାଇଛି । ଏହି ବୈଠକରେ ପର୍ଯ୍ୟଟନ ବିଭାଗର କମିସନର ତଥା ଶାସନ ସଚିବ ବଳବନ୍ତ ସିଂ, ପର୍ଯ୍ୟଟନ ବିଭାଗର ସ୍ୱତନ୍ତ୍ର ସଚିବ ଲିପ୍ସା ଦାସଙ୍କ ସମେତ ବିଭାଗ ଓ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡ଼ିସି)ର ବରିଷ୍ଠ ଅଧିକାରୀ, ବୈଷୟିକ ବିଶେଷଜ୍ଞ ଏବଂ ପର୍ଯ୍ୟଟନ କ୍ଷେତ୍ରର ପ୍ରମୁଖ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ବୈଠକରେ, ଗୁଣାତ୍ମକ ପର୍ଯ୍ୟଟନ ଭିତ୍ତିଭୂମି, ସୁଗମ ପରିଚାଳନା, ଭ୍ରମଣକାରୀଙ୍କ ଉନ୍ନତ ଅନୁଭୂତି ଏବଂ ରାଜ୍ୟର ବୃଦ୍ଧିପାଉଥିବା ପର୍ଯ୍ୟଟନ ବ୍ୟବସ୍ଥାରେ ସ୍ଥାନୀୟ ସମୁଦାୟର ସକ୍ରିୟ ଭାଗିଦାରୀ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ସେହିପରି ସମସ୍ତ ଚିହ୍ନଟ ସ୍ଥଳଗୁଡ଼ିକରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ, ଉତ୍ତମ ସଡ଼କ ସଂଯୋଗୀକରଣ ଏବଂ ଆବଶ୍ୟକୀୟ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ଉପରେ ଉପମୁଖ୍ୟମନ୍ତ୍ରୀ ଜୋର ଦେଇଛନ୍ତି । ସାହସିକ ପର୍ଯ୍ୟଟନର ସମ୍ଭାବନାକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ସ୍ଥାନଗୁଡ଼ିକରେ ଆଡଭେଞ୍ଚର ସ୍ପୋର୍ଟସ ଓ ମନୋରଞ୍ଜନମୂଳକ କାର୍ଯ୍ୟକଳାପ ଆରମ୍ଭ କରିବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ । ଏହାସହ ସ୍ଥାନୀୟ କଳା, ପରମ୍ପରା ଓ ସଂସ୍କୃତି ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରିବାକୁ ସେ ଗୁରୁତ୍ୱ ଦେଇଥିଲେ । ଏହି ବୈଠକରେ ପର୍ଯ୍ୟଟକଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା । ପର୍ଯ୍ୟଟକଙ୍କ ସୁରକ୍ଷା ଓ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଇକୋ ରିଟ୍ରିଟ୍ ସ୍ଥଳଗୁଡ଼ିକରେ ସିସିଟିଭି ସରଭେଲାନ୍ସ ସିଷ୍ଟମ୍, ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଏବଂ ପାରାମେଡିକ୍ ଓ ପ୍ରାଥମିକ ସ୍ୱାସ୍ଥ୍ୟସେବା ସୁବିଧା ଉପଲବ୍ଧ କରାଇବାକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଓଡ଼ିଶାର ୮ଟି ସ୍ଥାନରେ ଇକୋ ରିଟ୍ରିଟ୍ ଆୟୋଜନ କରିବାକୁ ପ୍ରସ୍ତାବ ରହିଛି । ସେଗୁଡ଼ିକ ମଧ୍ୟରେ କୋଣାର୍କ, ସୋନାପୁର ବେଳାଭୂମି, ଦାରିଙ୍ଗବାଡ଼ି, ତାଳମାଳି (ନୂତନ), କୋଲାବ (ନୂତନ), ହୀରାକୁଦ, ସାତକୋଶିଆ ଓ କୁସୁମବନ୍ଧ (ନୂତନ)ରହିଛି ।

Printed Published and owned By Satya Brata Patra, Published from AT- Jhumpan, PO-Naguan, PS-Korai, Dist- Jajpur, Odisha, pin-755019 , Printed at M/S Janjalidevi Printers & Publishers, 131, Rajarani Nagar, Bhubaneswar, Dist-Khordha, Odisha, Pin-751014, E mail- nirbhaysuchana@gmail.com, advtnirbhaysuchana@gmail.com Mob: 9937403435

ସଂପାଦକ- ସତ୍ୟବ୍ରତ ପାତ୍ର

Editor - SATYA BRATA PATRA